# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୧୬/୨୦୨୧ (୧୬ ପୃଷ୍ଠା) | Sambalpur, Tuesday, February 16/2021 | ★★

୧୭ଶ ଭାଗ ୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





**ମୁସଲମାନ ଯୁବକଙ୍କୁ ପ୍ରେମ କରିବାରୁ ମହିଳାଙ୍କୁ ଜାଳିଦେଲେ**

ମୁସଲମାନ ସମ୍ପ୍ରଦାୟର ଜଣେ ଯୁବକଙ୍କୁ ପ୍ରେମ କରିବାରୁ ମହିଳାଙ୍କୁ ଜିଅନ୍ତା ଜାଳିଦେଇଛନ୍ତି ତାଙ୍କ ପରିବାର ଲୋକେ। ଉତ୍ତରପ୍ରଦେଶର ଗୋରଖପୁରଠାରେ ଏହି ଘଟଣା ଘଟିଛି। ଅନରକିଲିଂ ଅଭିଯୋଗରେ ପୋଲିସ ଏକ ମାମଲା ରୁଜୁ କରିବା ସହ ମହିଳାଙ୍କ ବାପା, ଭାଇଙ୍କୁ ଗିରଫ କରିଛି। ମୃତାଙ୍କ ପରିବାର ଏଥିପାଇଁ ଜଣେ କଣ୍ଟ୍ରାକ୍ଟ କିଲରଙ୍କୁ ଦେଢ଼ ଲକ୍ଷ ଟଙ୍କା ସୁପାରି ଦେଇଥିଲେ। ହତ୍ୟାକାରୀ ମହିଳାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ବୋଲି ପୋଲିସ କହିଛି।

# ଭାଜପା ପାଇଁ ସହଜ ନୁହେଁ

## ଆସାମ ନିର୍ବାଚନ

**ଏପ୍ରିଲ-ମେ'ରେ ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଆସାମ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ବିଧାନସଭା ନିର୍ବାଚନ ହେବ। ଏଥିରୁ ଆସାମରେ କ୍ଷମତାସୀନ ଭାଜପା ପୁଣିଥରେ ନିର୍ବାଚନ ଜିତିବାକୁ ଆଶା ବାନ୍ଧିଥିବାବେଳେ ଉତ୍ତର-ପୂର୍ବର ଏହି ରାଜ୍ୟରେ ମଧ ଗୈରିକ ଦଳକୁ ଦୋହରା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ଏଠି କଂଗ୍ରେସର ଶକ୍ତି ବଢ଼ୁଥିବାବେଳେ ଆଞ୍ଚଳିକ ଦଳଗୁଡ଼ିକ ଭାଜପାକୁ ଚେକ୍ ଦେବା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଛନ୍ତି।**




ନୂଆଦିଲ୍ଲୀ/ଗୁଆହାଟୀ,୧୫।୨

ଆସାମ ବିଧାନସଭା ନିର୍ବାଚନ ତାରିଖ କୌଣସି ସମୟରେ ଘୋଷଣା କରାଯାଇପାରେ। ଏଠାରେ ଆସୋମ ଗଣ ପରିଷଦ (ଏଜିପି) ଏବଂ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍) ସହ ମେଣ୍ଟ କରି ଭାଜପା ସରକାର ଗଢ଼ିଛି। ୧୨୬ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୨୦୧୬ ନିର୍ବାଚନରେ ଭାଜପା-ଏଜିପି-ବିପିଏଫ୍ ମେଣ୍ଟକୁ ୮୬ ଆସନରେ ସଫଳତା ମିଳିଥିଲା। ଏଥର ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ପୁଞ୍ଜିକରି ପୁଣିଥରେ ମୁଖ୍ୟମନ୍ତ୍ରୀ ଆସନରେ ବସିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ସର୍ବାନନ୍ଦ ସୋନୋୱାଲ। ପୂର୍ବ କଂଗ୍ରେସ ସରକାର ଅମଳରେ ହୋଇଥିବା ମହାଦୁର୍ନୀତିକୁ ନେଇ ନିଜ ବିରୋଧରେ ବହୁଥିବା ପବନକୁ ସେ ଉଡ଼ାଇଦେବା ପାଇଁ ଉଦ୍ୟମ କରୁଛନ୍ତି। ତେବେ ଏଥରର ଚିତ୍ରପଟ ସମ୍ପୂର୍ଣ୍ଣ ଭିନ୍ନ। ସଂଖ୍ୟାଲଘୁ ଭୋଟରଙ୍କ ଉପରେ ପ୍ରଭାବ ରଖୁଥିବା ବଦ୍‌ରୁଦ୍ଦିନ୍ ଅଜ୍‌ମଲଙ୍କ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍) କଂଗ୍ରେସ ସହ ହାତ ମିଳାଇଥିବାବେଳେ ଦୁଇ ନବଗଠିତ ପାର୍ଟି ଆସୋମ ଜାତୀୟ ପରିଷଦ(ଏଜେପି) ଏବଂ ରାଇଜୋର୍ ଦଳ (ଆର୍‌ଡି) ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ମୁଣ୍ଡବ୍ୟଥା ବଢ଼ାଇପାରନ୍ତି ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଉଛନ୍ତି।

ପୂର୍ବର ଦୁଇଶତ୍ରୁ ଏଥର ନିର୍ବାଚନ ପୂର୍ବରୁ ୬ଟି ଦଳକୁ ନେଇ ମହାମେଣ୍ଟ ଗଠନ କରିଛନ୍ତି। ୨୦୧୬ରେ ଭାଜପା ୮୪ ଆସନରେ ନିର୍ବାଚନ ଲଢ଼ି ୨୯.୫% ଭୋଟ ପାଇଥିଲା। ଅନ୍ୟପକ୍ଷେ କଂଗ୍ରେସ ୧୨୨ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୩୧% ଭୋଟ ସହ ୨୬ ଆସନରେ ବିଜୟୀ ହୋଇଥିଲା। ଭାଜପା-ଏଜିପି-ବିପିଏଫ୍ ମେଣ୍ଟକୁ ମୋଟ ୪୧.୯% ଭୋଟ ମିଳିଥିଲା। କଂଗ୍ରେସ ଏବଂ ଏଆଇୟୁଡିଏଫ୍ ଗତଥର ମେଣ୍ଟ କରି ନ ଥିଲେ ହେଁ ଦୁଇଦଳର ଭୋଟ ହାର ଥିଲା ୪୪%। ଭାଜପା ଜିତିଥିବା ୧୭ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ଏଆଇୟୁଡିଏଫ୍‌ର ମିଳିତ ଭୋଟ ଗୈରିକ ଦଳଠାରୁ ଅଧିକ ଥିଲା। କିନ୍ତୁ ଆସନ୍ତା ବିଧାନସଭା ନିର୍ବାଚନରେ କଂଗ୍ରେସ-ଏଆଇୟୁଡିଏଫ୍ ଆସନ ଭାଗବଣ୍ଟା କରି ମିଳିତ ଭାବେ ଲଢ଼ିବେ। ଫଳରେ ଅଣଭାଜପା ଭୋଟକୁ ଏହି ମେଣ୍ଟ ହାତେଇବା ଆଶା ଉଜ୍ଜୀବିତ ହୋଇଛି। ଗତ ନିର୍ବାଚନରେ ଏଜିପି ୨୪ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ୮.୧% ଭୋଟ ପାଇବା ସହ ୧୪ ସିଟିରେ ବିଜୟୀ ହୋଇଥିଲା।

ଇତିମଧ୍ୟରେ ଆସୋମ ଜାତୀୟ ପରିଷଦ ଓ ରାଇଜୋର ଦଳ ନାମରେ ଦୁଇଟି ଆଞ୍ଚଳିକ ଦଳର ଆବିର୍ଭାବ ହୋଇସାରିଛି। ଏଥିଯୋଗୁ ଭାଜପା ସହଯୋଗୀ ଏଜିପି ପାଇଁ ମହଙ୍ଗା ପଡ଼ିବ। ଏଜେପିର ରାଜନୈତିକ ଉତ୍ଥାନ ଭାଜପା-ଏଜିପିର ମୁଣ୍ଡବ୍ୟଥା ବଢ଼ାଇବା ଏହି ଦୁଇଦଳର ଆବଭାବରୁ ସ୍ପଷ୍ଟ ହୋଇଛି। ଗୁଆହାଟୀ ବିଶ୍ୱବିଦ୍ୟାଳୟର ରାଜନୈତିକ ବିଜ୍ଞାନୀ ଅଖିଳ ରଞ୍ଜନ ଦତ୍ତାଙ୍କ ମତରେ କଂଗ୍ରେସ-ଏଆଇୟୁଡିଏଫ୍ ମେଣ୍ଟର ସବୁଠୁ ବେଶି ପ୍ରଭାବ କେନ୍ଦ୍ରୀୟ ଆସାମରେ ରହିବ। ଏଜିପି-ଭାଜପାର ଭୋଟକୁ ହାତେଇବା ପାଇଁ ଏଜେପି ସବୁ ପ୍ରକାର ଉଦ୍ୟମ କରିବ। ସେହିପରି ଅଲ୍ ଆସାମ ଷ୍ଟୁଡେଣ୍ଟ୍ସ ୟୁନିୟନ୍ (ଏଏଏସ୍‌ୟୁ) ମଧ ଏଜେପିକୁ ସମର୍ଥନ କରିବ ବୋଲି ଘୋଷଣା କରିଛି। ଏପରି ହେଲେ ଉଭୟ ଭାଜପା ଏବଂ ଏଜିପି କ୍ଷତିଗ୍ରସ୍ତ ହେବେ।

## 'କମ୍ପାନୀଠାରୁ ଗୋପନୀୟତା ମୂଲ୍ୟବାନ'



### ହ୍ୱାଟ୍ସଆପ୍ ପ୍ରିଭେସି ପଲିସି ବିବାଦ

ନୂଆଦିଲ୍ଲୀ, ୧୫।୨

ସୋସିଆଲ ମିଡିଆ ପ୍ଲାଟଫର୍ମ ହ୍ୱାଟ୍ସଆପ୍‌ର ନୂଆ ପ୍ରିଭେସି ପଲିସିକୁ ନେଇ କେନ୍ଦ୍ର ସରକାର ଓ ଏହି ମେସେଜିଂ ଆପ୍‌କୁ ନୋଟିସ୍ ଜାରି କରିଛନ୍ତି ସୁପ୍ରିମକୋର୍ଟ। ପଲିସିକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଏକ ଆବେଦନର ଶୁଣାଣିରେ ପ୍ରଧାନ ବିଚାରପତି ଏସ୍. ଏ ବୋବଡେଙ୍କ ଅଧୀନରେ ଗଠିତ ଖଣ୍ଡପୀଠ କହିଛନ୍ତି, ଆପଣ ୨-୩ ଟ୍ରିଲିୟନ କମ୍ପାନୀ ହୋଇଥାଇପାରନ୍ତି। କିନ୍ତୁ ଲୋକଙ୍କ ଗୋପନୀୟତା ତାଠାରୁ ଅଧିକ ମୂଲ୍ୟବାନ। ନିଜର ତଥ୍ୟ, ଚାଟ୍ ଲିକ୍ ହେବା ଆଦିକୁ ନେଇ ଲୋକେ ଆଶଙ୍କାରେ ରହିଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ଆମ କର୍ତ୍ତବ୍ୟ। ୟୁରୋପୀୟ ଦେଶଗୁଡ଼ିରେ ନାଗରିକଙ୍କ ତଥ୍ୟ ସୁରକ୍ଷିତ ରଖିବାକୁ ନିୟମ ରହିଛି। ଯଦି ଭାରତରେ ସେହି ପ୍ରକାରର ନିୟମ ଅଣାଯାଏ ତେବେ ଆମେ ତାହାର ପାଳନ କରିବୁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ୟୁଜର୍ସଙ୍କ ସନ୍ଦେଶ ଦେଖୁନାହିଁ ବୋଲି ହ୍ୱାଟ୍ସଆପ ଲିଖିତ ଭାବେ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରିୟଙ୍କା ସିଂଙ୍କ ବିରୋଧରେ ଚାଲିବ ମାମଲା

ମୁମ୍ବାଇ, ୧୫।୨



ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଘଟଣାରେ ତାଙ୍କ ଭଉଣୀ ପ୍ରିୟଙ୍କା ସିଂଙ୍କ ବିରୋଧରେ ରୁଜୁ ମାମଲା ଖାରଜ କରିବାକୁ ମନା କରିଛନ୍ତି ମୁମ୍ବାଇ ହାଇକୋର୍ଟ। ତେବେ ସୁଶାନ୍ତଙ୍କ ଆଉ ଜଣେ ଭଉଣୀ ମିତୁ ସିଂଙ୍କ ନାଁରେ ହୋଇଥିବା ମାମଲାକୁ କୋର୍ଟ ଖାରଜ କରିଦେଇଛନ୍ତି। ସୁଶାନ୍ତଙ୍କୁ ତାଙ୍କ ଭଉଣୀ ନକଲି ପ୍ରେସ୍‌କ୍ରିପସନରେ ଭୁଲ ଔଷଧ ଦେଉଥିଲେ ବୋଲି ଅଭିନେତାଙ୍କ ଗର୍ଲଫ୍ରେଣ୍ଡ ରିୟା ଚକ୍ରବର୍ତ୍ତୀ ଅଭିଯୋଗ କରିଥିଲେ। ଏ ନେଇ ମୁମ୍ବାଇ ପୋଲିସ ୨୦୨୦ ସେପ୍ଟେମ୍ବର ୭ରେ ପ୍ରିୟଙ୍କା, ମିତୁ ଓ ଦିଲ୍ଲୀର ଜଣେ ଡାକ୍ତର ତରୁଣ କୁମାରଙ୍କ ନାଁରେ ମାମଲା ରୁଜୁ କରିଥିଲା। ପ୍ରାଥମିକ ତଦନ୍ତ ପରେ ପ୍ରିୟଙ୍କାଙ୍କ ବିରୋଧରେ ପ୍ରମାଣ ମିଳିଥିବା କୋର୍ଟ କହିଛନ୍ତି। ଏହାର ତଦନ୍ତ ସିବିଆଇ ଚାଲୁ ରଖିବ। ତେବେ କୋର୍ଟଙ୍କ ଏହି ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୁଶାନ୍ତଙ୍କ ଭଉଣୀ କହିଛନ୍ତି।

## ଫିଙ୍ଗର ୪ ଖାଲି କଲା ଚାଇନା

**ବେଜିଂ, ୧୫।୨:** ପୂର୍ବ ଲଦାଖର ପାଙ୍ଗୋଙ୍ଗ ହ୍ରଦ ନିକଟ ଫିଙ୍ଗର ୪ରୁ ସେନା ପ୍ରତ୍ୟାହାର କରିଛି ଚାଇନା। ଗତ ବର୍ଷ ଚାଇନାର ପିପଲ୍ସ ଲିବରେଶନ ଆର୍ମୀ ଏହି ଅଞ୍ଚଳକୁ ଦଖଲ କରିବା ସହ ନିଜର ବୋଲି ଦାବି କରିଥିଲା। ନିକଟରେ ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ବୈଠକରେ ଆଲୋଚନା ଓ ଚୁକ୍ତି ଅନୁସାରେ ବେଜିଂ ସେଠାରେ ନିର୍ମାଣ କରିଥିବା ଆଶ୍ରୟସ୍ଥଳ ଭାଙ୍ଗିବା ସହ ସମସ୍ତ ସାମଗ୍ରୀ ଉଠାଇଛି। ଚାଇନା ସୈନ୍ୟ ଫିଙ୍ଗର ୮କୁ ଫେରିଲେ ଭାରତ ଏହା ସେନାକୁ ଫିଙ୍ଗର ୨ ଓ ଫିଙ୍ଗର ୩ ମଧ୍ୟରେ ଥିବା ଧାନ ସିଂ ଥାପା ପୋଷ୍ଟକୁ ଫେରାଇ ନେବ ବୋଲି ସର୍ତ୍ତ ରଖିଥିଲା।

## ଟ୍ରକ୍ ଓଲଟି ୧୬ ଶ୍ରମିକ ମୃତ

**ଜଲଗାଓଁ, ୧୫।୨:** ମହାରାଷ୍ଟ୍ରର ଜଲଗାଓଁଠାରେ ଏକ ଟ୍ରକ୍ ଓଲଟି ୧୬ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରବିବାର ରାତିରେ ଅମୃତଭଣ୍ଡା ବୋଝେଇ ଟ୍ରକ୍‌ଟି ଭାରସାମ୍ୟ ହରାଇ ଏକ ମନ୍ଦିର ନିକଟରେ ଓଲଟି ପଡ଼ିଥିଲା। ଗାଡ଼ିରେ ଥିବା ୨୧ ଜଣଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ୫ ଜଣ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ସହ କ୍ରେନ ସହାୟତାରେ ଟ୍ରକ୍‌କୁ ଉଠାଯାଇଥିଲା। ପରେ ଗୁରୁତରଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିବା ସହ ମୃତକ ପାଇଁ ରିଲିଫ ପାଣ୍ଠିରୁ ୨ ଲକ୍ଷ ଲେଖାଏ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏଥିସହ ଗୁରୁତରଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଦିଆଯିବ ବୋଲି ସେ କହିଛନ୍ତି।



ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୧୬/୨୦୨୧ | Sambalpur, Tuesday, February 16/2021 | ପୃଷ୍ଠା-୧



**ନାଡାଲ କ୍ୱାର୍ଟରଫାଇନାଲରେ**
ରାଫାଲ ନାଡାଲ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।
୧୪

୧୨
**ବୋଲ୍ଡ ଲୁକ୍‌ରେ ସୁରଭି**
ଟେଲି ଅଭିନେତ୍ରୀ ସୁରଭି ଚନ୍ଦନାଙ୍କ ବୋଲ୍ଡ ଅବତାର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ନିକଟରେ ସେ କରିଥିବା ଫଟୋ ଶୁଟ ଏବେ ଭାଇରାଲ ହେବାରେ ଲାଗିଛି।



# ପ୍ରବଳ ସମର୍ଥନ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ପେଟ୍ରୋଲ, ଡିଜେଲ ଏବଂ ରୋଷେଇ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସୋମବାର ରାଜ୍ୟ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୬ ଘଣ୍ଟିଆ ବନ୍ଦ ଡାକରାର ପ୍ରଭାବ ରାଜ୍ୟବ୍ୟାପୀ ଦେଖିବାକୁ ମିଳିଛି। ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ଯାଏ ବନ୍ଦ ପାଳନ କରାଯାଇଥିଲା। ଦୋକାନବଜାର, ସ୍କୁଲ, କଲେଜ, ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

- **ଦୋକାନବଜାର, ଯାନବାହନ ଚଳାଚଳ ଠପ୍**
- **ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଲେ ପିସିସି ସଭାପତି**



ଓଡ଼ିଶା ବନ୍ଦ ଯୋଗୁ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ସମ୍ମୁଖ ଜାତୀୟ ରାଜପଥରେ ଅଟକି ରହିଥିବା ଗାଡ଼ି।

କେତେକ ସ୍ଥାନରେ ଦୁଇଚକିଆ ଯାନବାହନ ଚଳାଚଳ କରୁଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଯାନ ବ୍ୟତୀତ ୪ ଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବସ୍, ଟ୍ରକ୍ ବନ୍ଦ ରହିବା ସହିତ ବିଭିନ୍ନ ରେଳ ଷ୍ଟେଶନରେ ଅଧିକାଂଶ ଏକ୍ସପ୍ରେସ୍ ଟ୍ରେନ୍ ଅଟକି ରହିଥିଲା। କଂଗ୍ରେସ କର୍ମୀମାନେ ଭୁବନେଶ୍ୱର, ତାଳଚେର, ଢେଙ୍କାନାଳ, ଛତ୍ରପୁର, ପୁରୀ ଆଦି ଷ୍ଟେଶନରେ ରେଳରୋକୋ କରିଥିଲେ। ସରକାରୀ ଅଫିସ ଖୋଲା ରହିଥିଲା। ବନ୍ଦକୁ ଦୃଷ୍ଟିରେ ରଖି ଲୋକସେବା ଭବନ, ଖାରବେଳ ଭବନ ଓ କୃଷି ଭବନ କର୍ମଚାରୀମାନଙ୍କୁ ପୂର୍ବାହ୍ନ ୧୦ଟା ୩୦ ପୂର୍ବରୁ ଆସିବାକୁ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପୂର୍ବରୁ କର୍ମଚାରୀମାନେ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପରେ ମୁଖ୍ୟ ଫାଟକରେ ତାଲା ପକାଯାଇଥିଲା। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଅପରାହ୍ନ ୧ଟା ବେଳକୁ ବନ୍ଦ ଶେଷ ହୋଇଥିଲେ ମଧ୍ୟ ସାଧାରଣ ପରିବହନ ସ୍ୱାଭାବିକ ହୋଇପାରି ନ ଥିଲା। ଦୂର ସ୍ଥାନକୁ ଯିବାକୁ ଥିବା ବିଭିନ୍ନ ରେଳ ଷ୍ଟେଶନରେ ଓ ବସ୍‌ଷ୍ଟାଣ୍ଡରେ ଅପରାହ୍ନ ପର୍ଯ୍ୟନ୍ତ ଯାତ୍ରୀମାନେ ଅପେକ୍ଷା କରି ରହିଥିଲେ। କଂଗ୍ରେସ କର୍ମୀମାନେ ବିଭିନ୍ନ ରାଜପଥ ଓ ମୁଖ୍ୟ ସ୍ଥାନଗୁଡ଼ିକରେ ପିକେଟିଂ କରିବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। କେତେକ ସ୍ଥାନରେ କାଁ ଭାଁ ଗଣ୍ଡଗୋଳ ହୋଇଥିବା ବେଳେ ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୂର୍ବରୁ ସରକାର ସ୍କୁଲ୍ କଲେଜକୁ ବନ୍ଦ ଘୋଷଣା କରିଥିଲେ। ଏପରି କି ଆନ୍ଦୋଳନ ସମୟରେ ବସ୍ ଚଳାଚଳକୁ ବନ୍ଦ ରଖିବା ନେଇ ଘରୋଇ ବସ୍ ସଂଘ ପକ୍ଷରୁ ମଧ୍ୟ କୁହାଯାଇଥିଲା। ବିଶେଷଭାବେ ଦେଖିବାକୁ ଗଲେ ବନ୍ଦ ଡାକରାକୁ ବିଭିନ୍ନ ବର୍ଗରୁ ପ୍ରବଳ ସମର୍ଥନ ମିଳିଥିଲା। ରାଜ୍ୟର ସମସ୍ତ ଜିଲା ☞ପୃଷ୍ଠା-୨

# ଥମୁନି ଦରବୃଦ୍ଧି

**ପେଟ୍ରୋଲ ୨୬ ଡିଜେଲ ୩୨ ପଇସା ବଢ଼ିଲା**

## ରାଜ୍ୟଠାରୁ ୧୨ ଟଙ୍କା ଅଧିକ କେନ୍ଦ୍ର ଟିକସ

ନୂଆଦିଲ୍ଲୀ,୧୫।୨

ଦେଶରେ ତେଲ ଦର କ୍ରମାଗତ ୭ ଦିନ ହେଲା ଉଚ୍ଚ ହାରରେ ବୃଦ୍ଧି ପାଉଛି। ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୬ ପଇସା ଏବଂ ଡିଜେଲ ୩୨ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଦର ୮୯.୬୯ ଟଙ୍କା ଏବଂ ଡିଜେଲ ଦର ୮୬.୪୭ ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୬ ପଇସା ଏବଂ ଡିଜେଲରେ ୨୯ ☞ପୃଷ୍ଠା-୨







# କେନ୍ଦ୍ର ସଂସ୍କୃତି ସଚିବଙ୍କୁ ଚିଠି ଲେଖିଲେ ମୁଖ୍ୟ ଶାସନ ସଚିବ

**ଏକାମ୍ର କ୍ଷେତ୍ର ବାଇ-ଲ' ପ୍ରତ୍ୟାହାର ପ୍ରସଙ୍ଗ**

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ଏକାମ୍ର କ୍ଷେତ୍ରର ଅନନ୍ତ ବାସୁଦେବ ମନ୍ଦିର ଓ ବ୍ରହ୍ମେଶ୍ୱର ମନ୍ଦିର ପାଇଁ ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷ(ଏନ୍‌ଏମ୍‌ଏ)ଙ୍କ ଦ୍ୱାରା ଜାରି କରାଯାଇଥିବା ଚିଠା ଐତିହ୍ୟ ବାଇ-ଲ'କୁ ବିରୋଧ ଜାରି ରହିଛି। ଏହାକୁ ଉଚ୍ଛେଦ କରିବା ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ପ୍ରତିବାଦ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଏମ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ। ସେବାୟତଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ବାଇ-ଲ'କୁ ବିରୋଧ କରି ଆସୁଛନ୍ତି। ଏହି ବାଇ-ଲ'କୁ ପ୍ରତ୍ୟାହାର କରିବା ପାଇଁ ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କେନ୍ଦ୍ର ସଂସ୍କୃତି ସଚିବ ରାଘବେନ୍ଦ୍ର ସିଂଙ୍କୁ ☞ପୃଷ୍ଠା-୨

# ଡବ୍ଲ୍ୟୁଓଡିସି ବାର୍ଷିକ ଅନୁଦାନ ୨୦୦ କୋଟି

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା** | ୧୦ ଜିଲାରେ ଖୋଲିବ ଆଞ୍ଚଳିକ କାର୍ଯ୍ୟାଳୟ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ବାର୍ଷିକ ଅନୁଦାନ ୧୦୦ କୋଟିରୁ ୨୦୦ କୋଟି ଟଙ୍କାକୁ ବୃଦ୍ଧି କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଡବ୍ଲ୍ୟୁଓଡିସିର କାର୍ଯ୍ୟକ୍ରମ ସମୀକ୍ଷା କରି ଏହି ଘୋଷଣା କରିଛନ୍ତି। ଏଥିସହିତ ଯୁବତୀ ଯୁବକମାନଙ୍କ ପାଇଁ ଯେପରି ଅଧିକ ରୋଜଗାର ସୁଯୋଗ ସୃଷ୍ଟି ହେବ ସେଥିପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

୧୯୯୯-୨୦୦୦ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବଜେଟ ପରିମାଣ ବର୍ଷକୁ ୩ କୋଟି ଥିବାବେଳେ କ୍ରମେ ତାହା ବୃଦ୍ଧି ପାଇ ୧୦୦ କୋଟି ଟଙ୍କା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପରିଷଦକୁ ରାଜ୍ୟ ସରକାରଙ୍କ ଅନୁଦାନ ପରିମାଣ ୨୦୨୧-୨୨ ଆର୍ଥିକବର୍ଷରେ ୨୦୦ କୋଟି ହେବ। ଏଥିସହିତ ପଶ୍ଚିମ ଓଡ଼ିଶାରେ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏବଂ ଲୋକଙ୍କ ପାଖରେ ପ୍ରଶାସନକୁ ପହଞ୍ଚାଇବା ପାଇଁ ପରିଷଦ ଅଧୀନରେ ଥିବା ୧୦ ଜିଲା ଏବଂ ଆଠମଲ୍ଲିକରେ ପରିଷଦର କାର୍ଯ୍ୟାଳୟ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପଶ୍ଚିମ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଅନେକଗୁଡ଼ିଏ ବୃହତ୍ ପ୍ରକଳ୍ପକୁ ତ୍ୱରାନ୍ୱିତ କରି ଠିକ୍ ସମୟରେ ଶେଷ କରିବା ପାଇଁ ଡବ୍ଲ୍ୟୁଓଡିସି ପଦକ୍ଷେପ ନେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବିଜୁ ଏକ୍ସପ୍ରେସ୍ ୱେ, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଆଦି ବୃହତ୍ ଭିତ୍ତିଭୂମି ପ୍ରକଳ୍ପଗୁଡିକ ଦ୍ୱାରା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ତେଲ ବ୍ୟସ୍ତ କରୁଛି



**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ଦେଶରେ ଏକପ୍ରକାର ଅଘୋଷିତ ଜରୁରିକାଳୀନ ସ୍ଥିତି ଲାଗୁ କରିଛନ୍ତି। ଯୁବବର୍ଗ ସେମାନଙ୍କ ମତ ରଖୁଥିଲେ ମଧ୍ୟ ଭାଜପା ତାହା ଉପରେ ପ୍ରତିବନ୍ଧକ ଲଗାଇବାକୁ ଚେଷ୍ଟା କରୁଛି।

–ରାଘବ ଚଡ୍ଢା, ଏଏପି ମୁଖପାତ୍ର



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଶିବାଂଶ
ପରିବାରବର୍ଗ


ଭବାନୀ ଶଙ୍କର
ପରିବାରବର୍ଗ


ରଶ୍ମି ରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନେତାଜୀ ବସ୍ ଟର୍ମିନାଲ ପାଇଁ ବାଟ ଫିଟିଲା

**ହାଇକୋର୍ଟରେ ୨ ଜନସ୍ୱାର୍ଥ ମାମଲା ଖାରଜ**

**କଟକ ଅଫିସ,୧୫।୨**

ଖାନ୍‌ନଗରଠାରେ ପ୍ରସ୍ତାବିତ ନେତାଜୀ ବସ୍ ଟର୍ମିନାଲକୁ ବିରୋଧ କରି ଦାୟର ହୋଇଥିବା ଦୁଇଟି ଜନସ୍ୱାର୍ଥ ମାମଲା ସୋମବାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ମା' ଶ୍ମଶାନ କାଳୀ ମନ୍ଦିର ଥିବା ଜମି ବ୍ୟତୀତ ଅନ୍ୟ ଜମି ଉପରେ ପୂର୍ବରୁ ଜାରି କରାଯାଇଥିବା ସ୍ଥିତାବସ୍ଥାକୁ ହାଇକୋର୍ଟ ଉଠାଇ ଦେଇଛନ୍ତି। ଫଳରେ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ ପାଇଁ ବାଟ ଫିଟିଛି। ସୂଚନାଯୋଗ୍ୟ, ପ୍ରସ୍ତାବିତ ଅଞ୍ଚଳରେ ଥିବା ହାଇସ୍କୁଲ, ପାର୍କ ଓ ବିଶ୍ୱନାଥ ପାଠାଗାର ସ୍ଥାନାନ୍ତରକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହ ବିରୋଧର ସ୍ୱର ଉଠିଥିଲା। ବସ୍ ଟର୍ମିନାଲକୁ ବିରୋଧ କରାଯାଇ ହାଇକୋର୍ଟରେ ଦୁଇଟି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ତେବେ ସମ୍ପୃକ୍ତ ହାଇସ୍କୁଲ, ପାର୍କ ଓ ପାଠାଗାର ନିମନ୍ତେ ବିକଳ୍ପ ବ୍ୟବସ୍ଥା କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ସୋମବାର ହାଇକୋର୍ଟଙ୍କୁ ଜଣାଇଛନ୍ତି। ଏହାପରେ କୋର୍ଟ ତାଙ୍କ ରାୟରେ ପ୍ରସ୍ତାବିତ ବସ୍ ଟର୍ମିନାଲ ରାଜ୍ୟ ସରକାରଙ୍କ ନୀତିଗତ ନିଷ୍ପତ୍ତି ହୋଇଥିବାରୁ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେବା ସହ ଆଗତ ଦୁଇଟି ଜନସ୍ୱାର୍ଥ ମାମଲାକୁ ଖାରଜ କରିଦେଇଛନ୍ତି। ତେବେ କାଳୀ ମନ୍ଦିର ଥିବା ଜମି ଉପରେ ପୂର୍ବଭଳି ସ୍ଥିତାବସ୍ଥା ବଜାୟ ରହିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ଜମି ବିବାଦ ସଂକ୍ରାନ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ ମାସରେ ହେବ ବୋଲି ହାଇକୋର୍ଟ କହିଛନ୍ତି।

# ଓଡ଼ିଶା ବନ୍ଦକୁ ନେଇ ଭାଜପାର କଟାକ୍ଷ

**ବନ୍ଦ ଉଦ୍ଦେଶ୍ୟକୁ ସମର୍ଥନ: ବିଜେଡି**

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି, ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ କଂଗ୍ରେସ ଦଳ ପାଇଁ ପ୍ରସଙ୍ଗ ନୁହେଁ। ରାଜ୍ୟରେ ଭୋଟ୍‌ପ୍ରତିଶତ କମିବା ଏବଂ ଦଳର ଅନ୍ତକନ୍ଦଳ ହାଟରେ ପଡି ଦାଣ୍ଡରେ ଗଡିବା କଂଗ୍ରେସର ମୁଣ୍ଡ ବ୍ୟଥାର କାରଣ ହୋଇଛି। ବନ୍ଦର କୌଣସି ପ୍ରଭାବ ନାହିଁ। ତେଲ ଦର ବୃଦ୍ଧି ପରିବହନ ଏବଂ ବିଶୋଧନ ଉପରେ ନିର୍ଭର କରେ। କେନ୍ଦ୍ର ନେଉଥିବା ଟିକସ ଜନକଲ୍ୟାଣ କାର୍ଯ୍ୟରେ ଲାଗୁଛି ସୁଇସ୍ ବ୍ୟାଙ୍କ ଯାଉନାହିଁ। ବନ୍ଦର ପ୍ରଚ୍ଛଦପଟରେ ବିଜେଡି ରହିଛି ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଦଳର ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ ଏହି ବନ୍ଦ ଡାକରା ଦିଆଯାଇଛି। ଅଶୋଧିତ ତୈଳର ମୂଲ୍ୟ ଅନ୍ତରାଷ୍ଟ୍ରୀୟ ବଜାରରେ ଯେତିକି କମିଲା ସେତିକି ମୂଲ୍ୟ ଖାଉଟିମାନଙ୍କ ପାଇଁ କମ୍ କରିବାର ଦାବି ସମ୍ପୂର୍ଣ୍ଣ ଅମୂଳକ। ପେଟ୍ରୋଲ, ଡିଜେଲର ମୂଲ୍ୟ ନେଇ ୩ଟି କାରଣ ରହିଛି। ପ୍ରଥମଟି ହେଲା ଅଶୋଧିତ ତୈଳର ମୂଲ୍ୟ, ପରିବହନ ଓ ବିଶୋଧନ। ଯଦିଓ ଅଶୋଧିତ ତୈଳର ମୂଲ୍ୟ ଆନ୍ତର୍ଜାତିକ ବଜାରରେ କମିଛି ତେବେ ପରିବହନ ଓ ବିଶୋଧନ ମୂଲ୍ୟ ହ୍ରାସ ପାଇନାହିଁ। ତେଣୁ ଅଶୋଧିତ ତୈଳର ମୂଲ୍ୟ ଯେତିକି କମିଲା ସେତିକି ପେଟ୍ରୋଲ ଓ ଡିଜେଲର ମୂଲ୍ୟ କମିବା ତଥ୍ୟଭିତ୍ତିକ ନୁହେଁ ବୋଲି ଲେଖାଶ୍ରୀ କହିଛନ୍ତି।

ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ଓଡ଼ିଶା ବନ୍ଦକୁ ଯଦିଓ ସମର୍ଥନ କରୁନାହୁଁ ତଥାପି ଏହାର ଉଦ୍ଦେଶ୍ୟକୁ ସମର୍ଥନ ଦେଉଛୁ। କାରଣ ଏହାର ପ୍ରଭାବ ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ ପରୋକ୍ଷରେ ସାଧାରଣ ଲୋକ, ଗରିବ, ଚାଷୀଙ୍କ ଉପରେ ପଡୁଛି। ରାଜ୍ୟ ସରକାର ନେଉଥିବା ଭାଟ୍ ମଧ୍ୟ ରାଜ୍ୟ ସରକାର ଜନକଲ୍ୟାଣକାରୀ କାର୍ଯ୍ୟରେ ଲାଗୁଥିବା ବିଷୟରେ ମଧ୍ୟ ସେମାନେ ଜାଣିବା ଦରକାର। ପେଟ୍ରୋଲ, ଡିଜେଲ ଯେଉଁଭଳି ଲୁଚକାଳୀ ଖେଳିଲା ଭଳି କମୁଛି, ବଢୁଛି ତାହା ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କଲାଣି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଦ୍ୱାଦଶଚନ୍ଦ୍ର ପ୍ରଭାବରେ ସାଧାରଣ କଥାରେ ବିବ୍ରତ ହେବା କ୍ଷତିକାରକ ହେବ। ସାମାଜିକ ସ୍ତରରେ ଅନ୍ୟମନସ୍କ ଓ ଭୁଲ୍ ବୁଝାମଣା ଯୋଗୁ ସମସ୍ୟା ଆସିପାରେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବନ୍ଧୁମାନଙ୍କ ସହାୟତାରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ ।

**ବୃଷ**
ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ କିନ୍ତୁ ବିଶେଷ କିଛି ଅସୁବିଧା ହେବ ନାହିଁ। ଶେଷ ସମୟରେ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଅସଫଳତା କାରଣରୁ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ**
ପ୍ରତ୍ୟେକ କାମରେ କିଛି ନା କିଛି ବ୍ୟତିକ୍ରମ ଲାଗି ରହିବ। ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ନିଜର ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ**
କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆଜିର ପ୍ରତ୍ୟୁଷଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ଆର୍ଥିକ ଅବନତିର ସମୀକ୍ଷା କରି ଚିନ୍ତିତ ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ଆଇନ କ୍ଷେତ୍ର ପୂର୍ବବତ୍ ରହିବ।

**ସିଂହ**
ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ ଆବଶ୍ୟକତା ଅପୂରଣ ରହିବ ନାହିଁ। କଚେରି ମାମଲା କିମ୍ବା ଜମିଜମା କ୍ଷେତ୍ରରେ ମାନସିକ ଅବସାଦ କାରଣରୁ ମଘାର କୌଣସି କାମ ଉତ୍ସାହପ୍ରଦ ରହି ନ ପାରେ। ସ୍ୱାସ୍ଥ୍ୟ ଓ କର୍ମକ୍ଷେତ୍ର ପ୍ରାୟତଃ ଭଲ ରହିବ ।

**କନ୍ୟା**
ଆଜିର ସକାଳୁଆ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଭାଇଙ୍କ ସମସ୍ୟାର ସମାଧାନ ପାଇଁ ଚିନ୍ତା କରିବେ। ବ୍ୟବସାୟ କ୍ଷେତ୍ରରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି ।

**ତୁଳା**
ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ବିଛା**
ଆକସ୍ମିକ ସମସ୍ୟା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହେବ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି । ଅନ୍ୟର କଥାକୁ ସତ ମନେକରି ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ । ଗୃହସୀମା, ନିର୍ମାଣ, ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବେ।

**କୁମ୍ଭ**
ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିରତା ରକ୍ଷା କରିବା କଷ୍ଟକର ହୋଇପାରେ। ବିଭିନ୍ନ ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ।

**ମୀନ**
କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ନିଶ୍ଚିତ ଉପକୃତ ହେବେ। ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବାରୁ ଖୁସି ରହିବେ।

ଆଜି ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ରଥକାଠ ଅନୁକୂଳ, ଫେବୃୟାରୀ ୧୬ ତାରିଖ, ମଙ୍ଗଳବାର, ରାଶି ନକ୍ଷତ୍ର–ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର। ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮.୩୫ମି. ଗତେ ଘ.୧୦.୫୨ମି. ମଧ୍ୟେ, ଘ.୦୧.୦୯ମି. ଗତେ ଘ.୦୨.୪୦ମି. ମଧ୍ୟେ, ଘ.୦୩.୨୬ମି. ଗତେ ଘ.୦୪.୫୭ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୫୧ମି.ଗତେ ଘ.୦୪.୧୭ମି. ମଧ୍ୟେ ରାହୁକାଳ।

### ପ୍ରଥମ ପୃଷ୍ଠାରୁ...

## ପ୍ରବଳ ସମର୍ଥନ

ଓ ସଦର ମହକୁମା ସହ ରାଜଧାନୀ ଭୁବନେଶ୍ୱରଠାରେ କଂଗ୍ରେସ ନେତୃବୃନ୍ଦ ଏହି ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଭୁବନେଶ୍ୱରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ୍ ଦାଶ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ରଶ୍ମି ମହାପାତ୍ର, ମନୋରଞ୍ଜନ ଦାଶ, ଦୀପକ ମହାପାତ୍ର, ରଜତ ଚୌଧୁରୀ, ମନୋଜ ବିଶ୍ୱାଳ, ନୀହାର ବେହେରା, ବିଶ୍ୱଜିତ ଲେଙ୍କା, ନିରଞ୍ଜନ ନାୟକ, ଆଦିତ୍ୟ ପ୍ରୀତମ୍ ଦାସ, ଦେବୀ ପ୍ରସାଦ ବାହାଲିଆ, ଦୀପକ ସାହୁ, ଚିନ୍ମୟ ସୁନ୍ଦର ଦାଶ, ଶ୍ରୀୟାସ୍ମିତା ପଣ୍ଡା, ମିହିର ଆଚାର୍ଯ୍ୟ, କୁସୁମ ପ୍ରଧାନ, ଜୟକୃଷ୍ଣ ସୁବୁଦ୍ଧି, ମୋହନ ଜେନା, ଲିଙ୍ଗରାଜ ସାହୁ, ପ୍ରକାଶ ମିଶ୍ର, ପ୍ରଣତି ମିଶ୍ର, କୈଳାସ ସାହୁ, କୁଳମଣି ସାହୁ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିର ତୀବ୍ର ବିରୋଧ କରିଥିଲେ। ଓଡ଼ିଶା ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିବାରୁ ପିସିସି ସଭାପତି ରାଜ୍ୟବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ଏହି ବନ୍ଦ ଡାକରା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ଥିଲା। ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ଯୋଗୁ ଓଡ଼ିଶାର ସବୁ ବର୍ଗର ଜନସାଧାରଣ ବିଶେଷ କରି ଗରିବ ଖଟିଖିଆ, କୃଷକ, ନିମ୍ନମଧ୍ୟବିତ୍ତ, ସ୍ୱଳ୍ପ ଆୟକାରୀମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଏହି ବନ୍ଦ ଡାକରା ଦିଆଯିବାର ବହୁ ପୂର୍ବରୁ ରାଜ୍ୟ କଂଗ୍ରେସ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପେଟ୍ରୋଲ ଓ ଡିଜେଲ ଉପରେ ୧୦ ଟଙ୍କା ଟିକସ ଛାଡ଼ କରିବା ପାଇଁ ଅନୁରୋଧ କରାଯାଇଥିଲା। କଂଗ୍ରେସର ଏହି ଅନୁରୋଧ ପରେ ଦୀର୍ଘ ୧ ମାସ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଟିକସ ଛାଡ଼ ପାଇଁ କୌଣସି ନିଷ୍ପତ୍ତି ନେଲେ ନାହିଁ। ବରଂ ତାଙ୍କ ରାଜକୋଷ ବଢ଼ାଇବା ପାଇଁ କେନ୍ଦ୍ର ଭାଜପା ସରକାରଙ୍କ ତୈଳ ଦର ବୃଦ୍ଧି ନିଷ୍ପତ୍ତିକୁ ମୁଣ୍ଡପାତି ସମର୍ଥନ ଦେଇଛନ୍ତି। କରୋନା ମହାମାରୀ ସମୟରେ ସାଧାରଣ ଜନତା ଜୀବିକା ହରାଇ ଜୀବନ ସହ ସଂଘର୍ଷ କରୁଥିବା ବେଳେ ମୋଦି ସରକାରଙ୍କ ପ୍ରୋତ୍ସାହନରେ କେବଳ ୧% ପୁଞ୍ଜିପତିଙ୍କର ୩୫% ପୁଞ୍ଜି ଅଭିବୃଦ୍ଧି ଘଟିଛି। ଭାରତବର୍ଷର ଅର୍ଥନୀତି ଏକ ସ୍ଥାଣୁ ଅର୍ଥନୀତିରେ ପରିଗଣିତ ହେଉଛି। ଏହି ସମୟରେ ଲୋକଙ୍କର ରୋଜଗାର ଦ୍ରୁତ ଗତିରେ ହ୍ରାସ ପାଇଛି ଏବଂ ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଠିକ୍ ସେହି ସମୟରେ ପ୍ରତିଦିନ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଦର ବଢ଼ି ବଢ଼ି ଚାଲିଛି। ଏହି ତୈଳ ଦର ବୃଦ୍ଧି ଯୋଗୁ ଦୈନନ୍ଦିନ ବ୍ୟବହାର୍ଯ୍ୟ ଉପକରଣ ଏବଂ ଖାଦ୍ୟ ପଦାର୍ଥର ଦାମ୍ ମଧ୍ୟ ବୃଦ୍ଧି ଘଟିଛି। ରାଜ୍ୟବାସୀ ସିଧାସଳଖ ବହୁ କ୍ଷତିଗ୍ରସ୍ତ ହେଉଛନ୍ତି। ରାଜ୍ୟ ଏବଂ ଜିଲା ସ୍ତରରେ ସମସ୍ତ କଂଗ୍ରେସ ନେତୃବୃନ୍ଦ ତଥା କର୍ମୀମାନଙ୍କୁ ନିରଞ୍ଜନ ଏହି ବନ୍ଦର ସଫଳତା ପାଇଁ ଶ୍ରେୟ ଦେଇଛନ୍ତି।

## ଥମୁନି ଦରବୃଦ୍ଧି

ପଇସା ବଢ଼ିଥିବା ସୂଚନା ମିଳିଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୮୮.୯୯ ଟଙ୍କା ଓ ଡିଜେଲ ଦର ଲିଟର ପିଛା ୭୯.୩୫ ଟଙ୍କାରେ ପହଞ୍ଚିଛି। ଅନୁରୂପ ଭାବରେ ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୧.୧୯ ଟଙ୍କା, ୯୦.୨୫ ଟଙ୍କା ଏବଂ ୯୫.୪୬ ଟଙ୍କାକୁ ଛୁଇଁଥିବା ଜଣାପଡିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୪.୪୪ ଟଙ୍କା, ୮୨.୯୪ ଟଙ୍କା ଏବଂ ୮୬.୩୪ ଟଙ୍କାରେ ବିକ୍ରି କରାଯାଉଛି।

ପ୍ରତିଦିନ ତୈଳ ଦର ବୃଦ୍ଧିକୁ ନେଇ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିଭଳି ତୈଳ ବଜାର ବିଶେଷଜ୍ଞଙ୍କ କହିବା କଥା ଯେ ସରକାର ତେଲର ମୂଳ ଦର ଠାରୁ ଡିଲରମାନଙ୍କ ଜରିଆରେ ପେଟ୍ରୋଲ ଉପରେ ପ୍ରାୟ ୫୪ଟଙ୍କା ଏବଂ ଡିଜେଲ ଉପରେ ୫୨ଟଙ୍କା ଶୁଳ୍କ ଆକାରରେ ଆଦାୟ କରୁଛନ୍ତି। ସରକାରଙ୍କ ପକ୍ଷରୁ ଲାଗୁ ଉଚ୍ଚ ହାରର ଶୁଳ୍କ କାରଣରୁ ତେଲ ଦର ଆକାଶଛୁଆଁ ରହୁଛି। ଏହି ବର୍ଦ୍ଧିତ ଶୁଳ୍କକୁ କମ୍ପାନୀ ଓ ତେଲ ବ୍ୟବସାୟୀମାନେ ଖାଉଟିଙ୍କଠାରୁ ଆଦାୟ କରୁଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ତୈଳ ଟିକସ ଦର (ପ୍ରାୟ ୨୧ଟଙ୍କା) ଠାରୁ କେନ୍ଦ୍ର ସରକାରଙ୍କ (ପ୍ରାୟ ୩୩ ଟଙ୍କା) ଉତ୍ପାଦ ଶୁଳ୍କ ଦର ପ୍ରାୟ ୧୨ ଟଙ୍କା ଅଧିକ ରହୁଛି। ଯାହା ଗ୍ରାହକଙ୍କ ପକେଟରୁ ତୈଳ ଆକାରରେ ଅତିରିକ୍ତ ଖର୍ଚ୍ଚ ଦେବାକୁ ପଡୁଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ବର୍ତ୍ତମାନ ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଫଳରେ ସେହି ଅନୁପାତରେ ଦେଶର ତୈଳ ଦର ଉପରେ ତା'ର ପ୍ରଭାବ ପଡୁଛି। ସରକାର ଯଥାଶୀଘ୍ର ଏହି ଘଟଣା ଉପରେ ତର୍ଜମାକରି ଆବଶ୍ୟକ ପରିମାଣରେ ସରକାରୀ ଶୁଳ୍କ ହ୍ରାସ କଲେ ତୈଳ ଦର ରୋକାଯାଇପାରିବ, ନଚେତ୍ କମ୍ ଦିନ ମଧ୍ୟରେ ଖାଉଟିଙ୍କୁ ଲିଟର ପିଛା ୧୦୦ ଟଙ୍କା ଦେବାକୁ ପଡିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ସରକାର ବଜେଟରେ ଯାହା କହିଥିଲେ ତା'ର ବିପରୀତ ଘଟଣା ଘଟୁଥିବାରୁ ସବୁବର୍ଗର ଲୋକ ସରକାରଙ୍କ ହୋମୁହାଁ ନୀତିକୁ ବିଭିନ୍ନ ସୋସିଆଲ ମିଡିଆରେ ବ୍ୟଙ୍ଗ କରୁଛନ୍ତି। କାରଣ ମହାମାରୀ ସମୟରେ ପ୍ରାୟ ୮୦% ଲୋକ ମାନ୍ଦାବସ୍ଥାରେ ରହିଥିବା ବେଳେ ଏହି ସମୟରେ ଇନ୍ଧନ ଦର ବୃଦ୍ଧି ଯୋଗୁ ସେମାନଙ୍କୁ ଗାଡ଼ି ବଦଳରେ ସାଇକେଲ ଚଳାଇବାକୁ ପଡ଼ିଛି ବୋଲି ଖାଉଟିମାନେ ସୋସିଆଲ ମିଡିଆରେ ପୋଷ୍ଟକରି ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଡବ୍ଲ୍ୟୁଓଡିସି ବାର୍ଷିକ...

ପଶ୍ଚିମ ଓଡ଼ିଶାର ବିକାଶ ହୋଇପାରିବ ବୋଲି ଆଶା କରାଯାଉଛି। ବୈଠକରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଯୋଗଦେଇ ପରିଷଦର କାର୍ଯ୍ୟକ୍ରମ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ବିଗତ ଦିନଗୁଡିକରେ ଡବ୍ଲ୍ୟୁଓଡିସି ପକ୍ଷରୁ ସଡ଼କ ନିର୍ମାଣ, ଶିକ୍ଷା, ଭିତ୍ତିଭୂମି ଓ ଜଳସେଚନ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଇଛି। ଆଗାମୀ ଦିନରେ ପନିପରିବା, ଡାଲିଜାତୀୟ ଫସଲ ଓ ତୈଳବୀଜ, ଫୁଲ ଚାଷ ଆଦି ଉଦ୍ୟାନଭିତ୍ତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦିଆଯାଇଛି।

ପଶ୍ଚିମ ଓଡ଼ିଶା ଜିଲାଗୁଡିକରେ ସର୍ବାଧିକ ଅର୍ଥନୈତିକ ସମ୍ଭାବନା ଥିବା କ୍ଷେତ୍ରରେ ଆବଶ୍ୟକ ଭିତ୍ତିଭୂମି ସୁବିଧା ସୃଷ୍ଟି କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସମ୍ବଲପୁର, ବରଗଡ଼ ଓ ସୋନପୁରରେ ଧାନ ଓ ଧାନରୁ ଉତ୍ପାଦିତ ପଦାର୍ଥର ବିନିଯୋଗ ପାଇଁ ଭିତ୍ତିଭୂମି, ବଲାଙ୍ଗୀରରେ କୁକୁଡା ଓ ଅଣ୍ଡା ଚାଷ ପାଇଁ ଭିତ୍ତିଭୂମି, କଳାହାଣ୍ଡିରେ ମାଛ ଚାଷ, ବୌଦ୍ଧ ଓ ସୋନପୁରରେ ଗୋ ପାଳନ, ଦୁଗ୍ଧ ଉତ୍ପାଦନ ଏବଂ ହସ୍ତତନ୍ତ କ୍ଲଷ୍ଟରର ବିକାଶ ପାଇଁ ବହୁତ ସୁଯୋଗ ରହିଛି ବୋଲି ବୈଠକରେ ମତପ୍ରକାଶ ପାଇଛି। ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, କୃଷି ଉତ୍ପାଦନ କମିଶନର ଆର.କେ. ଶର୍ମା, ଅର୍ଥ ବିଭାଗ ସଚିବ ଅଶୋକ ମୀନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦ୍ର ସଂସ୍କୃତି...

ଚିଠି ଲେଖିଛନ୍ତି। ମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଏନ୍‌ଏମ୍‌ଏ ଦ୍ୱାରା ଜାରି କରାଯାଇଥିବା ଶ୍ରୀମନ୍ଦିର ଚିଠା ବାଇ–ଲ'କୁ ନେଇ ସେବାୟତ, ଭକ୍ତ, ଜନସାଧାରଣ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଥିଲା। ଏପରି କି ମନ୍ଦିର ସହ ଜଡିତ ସଂଗଠନ ସହିତ ଆଲୋଚନା ନ କରି ଏହି ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଏନ୍‌ଏମ୍‌ଏ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଜାରି କରିଥିବା ବାଇ–ଲ'କୁ ପ୍ରତ୍ୟାହାର କରିଥିଲେ। ସେହିପରି ଏକାମ୍ର କ୍ଷେତ୍ର ପାଇଁ ଏନ୍‌ଏମ୍‌ଏ ଦ୍ୱାରା ଜାରି କରାଯାଇଥିବା ବାଇ–ଲ'କୁ ନେଇ ସେବାୟତ ଗୋଷ୍ଠୀ, ଭକ୍ତ ଏବଂ ଲୋକମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ଏବଂ ଦେବୋତ୍ତର କମିଶନର ଏହାକୁ ଉଚ୍ଛେଦ କରିବାକୁ ଏନ୍‌ଏମ୍‌ଏକୁ ଚିଠି ଲେଖି ଜଣାଇଛନ୍ତି। ଏହାକୁ ଉଚ୍ଛେଦ କରାଯାଉ ନ ଥିବାରୁ ଦିନକୁ ଦିନ ଅସନ୍ତୋଷ ବଢି ଚାଲିଛି। ଏହା ଧାର୍ମିକ ଭାବନା ସହ ଜଡିତ ଥିବାରୁ ଦିନକୁ ଦିନ ଜନ ଆକ୍ରୋଶ ଆହୁରି ଉଗ୍ର ଆକାର ଧାରଣ କରିବା ସମ୍ଭାବନା ରହିଛି। ଏହା ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ଆସନ୍ତା ମାର୍ଚ୍ଚ ୧୧ ତାରିଖ ମହାଶିବରାତ୍ରିରେ ଏକାମ୍ରକ୍ଷେତ୍ରରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାବେଶ ହେବ। ଏହା ଲୋକଙ୍କ ଧର୍ମୀୟ ଭାବନାକୁ ପ୍ରଭାବିତ କରିବା ସମ୍ଭାବନା ରହିଛି। ଏଭଳି ଐତିହ୍ୟ ବାଇ–ଲ'କୁ ଉଚ୍ଛେଦ କରିବାକୁ ରାଜ୍ୟ ସରକାର ଦୃଢ ଦାବି କରିଛନ୍ତି। ଏନ୍‌ଏମ୍‌ଏ ସମ୍ପର୍କରେ ସେବାୟତ, ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସହ ବିଚାରବିମର୍ଶ କରି ତୁରନ୍ତ ବାଇ–ଲ'କୁ ଉଚ୍ଛେଦ କରିବାକୁ ମୁଖ୍ୟ ଶାସନ ସଚିବ କେନ୍ଦ୍ର ସଂସ୍କୃତି ସଚିବ ସିଂକୁ ଅନୁରୋଧ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାର ତେଲ ପସରା ଗଡ଼ିଗଲା**
**ସେ କହିଲା – ମୋର ଗଲା**
**ଯାହାର ବେଲ ପସରା ଗଡ଼ିଗଲା**
**ସେ କହିଲା – ମୋର ଗଲା।**

ତେଲ ଘଡ଼ା ପଡ଼ିଗଲେ ସବୁ ତେଲ ନଷ୍ଟ ହୋଇଯାଏ, ପରନ୍ତୁ ବେଲ ପଡିଗଲେ ସେଭଳି କିଛି ନଷ୍ଟ ହୋଇ ନ ଥାଏ। ପରୋକ୍ଷରେ ଯାହାର ପ୍ରକୃତ କ୍ଷତି ହୁଏ ସେ ଦୁଃଖ କରେ। ତେବେ ଯାହାର ବିଶେଷ କିଛି କ୍ଷତି ହୋଇ ନ ଥାଏ ସେ ବି ସମଭାଗୀ ହୋଇ ଦୁଃଖ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେ ତତେ ମାଇଲା**
**ତୁ ତାକୁ ନ ମାର**
**ତାକୁ ମାରୁଥିବ ଆନ**
**ଦେଖୁଥିବ ତୋର ବେନି ନୟନ**
**ଶୁଣୁଥିବ ବେନି କାନ।**

ଯିଏ ଅନ୍ୟାୟରେ ଆଘାତ ଦିଏ ତା'ର ପରିଣତି ସେ ଦିନେ ନା ଦିନେ ଭୋଗ କରିଥାଏ। ଭଗବାନ ସବୁ ସହନ୍ତି, କିନ୍ତୁ କାହାର ଅନ୍ୟାୟ ଅନୀତିକୁ ସହ୍ୟ କରିପାରି ନ ଥାନ୍ତି। ଅନ୍ୟାୟ ଅନୀତିର ଫଳ ମଣିଷ ଭୋଗିବାକୁ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds Everyday
0674-2580101, 2549302




**SALE**

Demarcated gharabari plot sale Gudiapokhari near KEC Puri road, advance boundarywall 30ft. road electricity. Patta 9238902929, 8763887357. D-70187

Bhubaneswar, Patia ready possession plot sqft. 666/-, Dhauli 666/-. 7381482078. D-56668

Gharabari plot Hanspal, Nakhara 6K.M. Trinath Bazar, 2K.M. Bhubaneswar. 7008613186. D-69372

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK simplex, duplex, plot ଅଛି। 9658122456, 8327785834. D-70188

ଭୁବନେଶ୍ୱର Balianta Canal roadରେ ଘରବାରି boundary and electricity ସହିତ ମିଳୁଛି। Sqft. 750/- ଯେଉଁମାନେ immediate ଘର କରିବେ Call କରନ୍ତୁ। 9437005434. D-70184

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

ପିପିଲି Block Office ଏବଂ ଧଉଳି ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। 8249776268, 8327774136. D-69373

Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395. D-70166

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




For construction only in your plot inside Bhubaneswar area, contact MRC-9937064680. D-27287




Zen salon and SPA positively health benefits with expert therapeutic & genuinely massage appointment. 7205084157. D-70530

Refreshing your mind & body with best therapy at Lotus SPA. 8018234866. D-59978

Swarna SPA newly open positively health benefits with expert therapist. 9556978408. D-70529




SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/- 35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70532

**LOST**

I Sumit Banerjee have lost my Original Degree Certificate (2015) Roll no. 1101202262. If Found Please Contact: 7028811163. D-19965

**କୃତିତ୍ୱ**



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦାଣ୍ଡମୁକୁନ୍ଦପୁରର ପଞ୍ଚମ ଶ୍ରେଣୀ ସରକାରୀ ପ୍ରାଥମିକ ବୃତ୍ତି ପରୀକ୍ଷାରେ ଶ୍ରୀମାନ୍ ସୌମବ୍ରତ ପ୍ରଧାନ ପିପିଲି ବ୍ଲକରେ କୃତକାର୍ଯ୍ୟ ହୋଇ ଆମ ଶିଶୁ ବିଦ୍ୟା ମନ୍ଦିର ପାଇଁ ଗୌରବ ଆଣିଛନ୍ତି।
ଧ–୧୯୯୬୬



DSPL - 205
ଓଡ଼ିଶା ସରକାର
ଓଡ଼ିଶାର ଭିନ୍ନ ପରିଚୟ
ସୁନ୍ଦରଗଡ଼
ଏବେ ପ୍ରଗତିର ପରବର୍ତ୍ତୀ ପର୍ଯ୍ୟାୟରେ
ସୁନ୍ଦରଗଡ଼ର ବିକାଶ ପାଇଁ
୪୯୧୫ କୋଟି ଟଙ୍କାର ପ୍ରକଳ୍ପ
ପାନୀୟ ଜଳ
୧୬୧୧ କୋଟି
ଜଳସେଚନ
୩୨୦ କୋଟି
ସ୍ୱାସ୍ଥ୍ୟସେବା
୧୧୧ କୋଟି
ରାସ୍ତାଘାଟର ବିକାଶ
୧୦୬୦ କୋଟି
ଶିକ୍ଷା
୩୬୬ କୋଟି
ପରିମଳ
୨୫୦ କୋଟି
ଜୀବିକା ବିକାଶ
୨୧୭ କୋଟି
ସ୍ମାର୍ଟ ସିଟି ରାଉରକେଲା
୪୭୧ କୋଟି
ବିଦ୍ୟୁତ୍ ଶକ୍ତି ଯୋଗାଣ
୩୮ କୋଟି
ଭିତ୍ତିଭୂମି ଉନ୍ନୟନ
୬୭ କୋଟି
ମହିଳା ଓ ଶିଶୁ ବିକାଶ
୧୩୫ କୋଟି
ପରିବେଶ ସୁରକ୍ଷା
୧୨ କୋଟି
ଦକ୍ଷତା ବିକାଶ
୧୫ କୋଟି
କ୍ରୀଡ଼ା
୧୨୦ କୋଟି
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଶୁଭାରମ୍ଭ
୧୬ ଫେବୃୟାରୀ ୨୦୨୧ || ପୂର୍ବାହ୍ନ ୯.୩୦
ରାଉରକେଲା
ଜିଲ୍ଲା ପ୍ରଶାସନ, ସୁନ୍ଦରଗଡ଼
OIPR-24160/13/0046/2021

ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। **-ଶ୍ରୀଅରବିନ୍ଦ**

# ତେଲ ବ୍ୟସ୍ତ କରୁଛି

ଭାରତର କେତେକ ପ୍ରାନ୍ତରରେ ପେଟ୍ରୋଲ ଓ ଡିଜେଲ ଦର ଶତକ ଛୁଇଁଥିବା ବେଳେ ଓଡ଼ିଶା ସେହି ଦିଗରେ ମୁହାଁଇଛି। ଏହି ସମୟରେ ଏଲ୍‌ପିଜି ମୂଲ୍ୟ ୫୦ ଟଙ୍କା ବୃଦ୍ଧି ପାଇ ୧୪.୨ କିଲୋ ବିଶିଷ୍ଟ ରନ୍ଧନ ସିଲିଣ୍ଡର ୮୦୦ ଟଙ୍କା ହେବାକୁ ଯାଇଛି। ପେଟ୍ରୋଲିୟମ୍‌ଜାତ ପଦାର୍ଥ ମୂଲ୍ୟ ବଢୁଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ବାଡ଼ବତା ମାନୁ ନାହିଁ। ସାଧାରଣ ଲୋକ ଅତିଷ୍ଠ ହୋଇପଡ଼ିଥିଲେ ମଧ୍ୟ ସେମାନଙ୍କ ଦୁଃଖ ବୁଝିବାକୁ ସରକାରୀ ବ୍ୟବସ୍ଥା କାମ ଦେଉନି। କେନ୍ଦ୍ର ସରକାର ସଫେଇ ଦେଉଛନ୍ତି ଯେ, ଏସବୁ ବଜାର ନିୟନ୍ତ୍ରିତ ହୋଇଯାଇଥିବାରୁ ମୂଲ୍ୟ ନିୟନ୍ତ୍ରଣ କରିବା ସମ୍ଭବ ହୋଇପାରୁ ନାହିଁ। ଏଭଳି ସ୍ଥଳେ ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ତେଲ ଦର ବିରୋଧରେ ୧୫ ଫେବୃୟାରୀରେ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଥିଲା। ଗତାନୁଗତିକ କଂଗ୍ରେସ ଢାଞ୍ଚାରେ ଗୁଣ୍ଡାମିର ଆଶଙ୍କା ଥିବା ବେଳେ ଏଥରକ କଂଗ୍ରେସ କର୍ମୀଙ୍କ ସହିତ ସାଧାରଣ ନାଗରିକଙ୍କ ସମର୍ଥନ ମିଳିଥିବାରୁ କୌଣସି ଅଘଟଣର ଖବର ମିଳିନାହିଁ। ତେଲ ଦର ବୃଦ୍ଧି କଷ୍ଟ କାହାରିକୁ ବାଦ୍ ପକାଉ ନାହିଁ। ସେଥିପାଇଁ, ସ୍ୱଇଚ୍ଛାରେ, ସବୁ ଶ୍ରେଣୀ ଏବଂ ସବୁ ଦିଗରୁ ଏହି ବନ୍ଦକୁ ସମର୍ଥନ ମିଳିଥିବା କଥା ସ୍ୱାଭାବିକ ମନେ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ଘଟୁ ନ ଥିବା ବେଳେ ଭାରତରେ ଏହାର ଲଗାତର ମୂଲ୍ୟବୃଦ୍ଧି ବ୍ୟସ୍ତ କଲାଣି। ହୁଏତ 'ଧରିତ୍ରୀ' ଏକମାତ୍ର ଖବରକାଗଜ, ଯିଏ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ପ୍ରଥମ ପୃଷ୍ଠାରେ ଦେଇଆସୁଛି। ଏହାର କାରଣ ହେଉଛି ଜନସାଧାରଣଙ୍କ ଜୀବନକୁ ଛୁଉଁଥିବା ପ୍ରତ୍ୟେକ ସରକାରୀ ନିଷ୍ପତ୍ତିକୁ ଲୋକେ ଜାଣିବା ଦରକାର। ଆଜିର ପରିସ୍ଥିତିରେ ଗଣମାଧ୍ୟମ ତାହାର ଏହି ଗୁରୁଦାୟିତ୍ୱକୁ ଭୁଲିଯାଉଛି।

# ଦିଶାଙ୍କ ପରେ

କେରଳର ଏକ ଦୈନିକ ଖବରକାଗଜର ଦିଲ୍ଲୀ ଖବରଦାତା ସିଦ୍ଦିକ୍ କାପାନ୍‌ଙ୍କୁ ୧୫ ଫେବୃୟାରୀରେ ସୁପ୍ରିମକୋର୍ଟ ଅସୁସ୍ଥ ହୋଇପଡ଼ିଥିବା ତାଙ୍କ ୯୦ ବର୍ଷୀୟା ମା'ଙ୍କୁ ଦେଖା କରିବା ଲାଗି ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। କୌଣସି ଗଣମାଧ୍ୟମ ବା ସୋସିଆଲ୍ ମିଡିଆରେ କାପାନ୍ ସାକ୍ଷାତ୍‌କାର ଦେଇପାରିବେ ନାହିଁ ବୋଲି ଜାମିନରେ ସର୍ତ୍ତ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତରପ୍ରଦେଶର ହାଥ୍‌ରାସରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର ଓ ହତ୍ୟା କରାଯାଇଥିବା ଘଟଣାର ଖବର ସଂଗ୍ରହ ଲାଗି ଯାଉଥିବା ବେଳେ ୫ ଅକ୍ଟୋବରରେ ପୋଲିସ ତାଙ୍କୁ ଗିରଫ କରିଥିଲା। କାପାନ୍‌ଙ୍କ ବିରୋଧରେ ରାଷ୍ଟ୍ରଦ୍ରୋହ ଏବଂ ଧର୍ମକୁ ନେଇ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଅଭିଯୋଗ ଅଣାଯାଇଛି। କିନ୍ତୁ ଏବେ ମନେହେଉଛି କାପାନ୍ ଏକୁଟିଆ ନୁହନ୍ତି। ୨୧ ବର୍ଷୀୟା ବେଙ୍ଗାଲୁରୁ ଝିଅ ଦିଶା ରବିଙ୍କୁ ଦିଲ୍ଲୀ ପୋଲିସ ଗିରଫ କରି ଦେଶଦ୍ରୋହ ଆଇନରେ ମାମଲା ରୁଜୁ କରିଛି। ସୋସିଆଲ ମିଡିଆରେ ସରକାରଙ୍କ ସମର୍ଥକମାନେ ଦିଶାଙ୍କୁ ମୁମ୍ବାଇ ଆକ୍ରମଣର ଆତଙ୍କବାଦୀ ଅଜମଲ କସବ ଓ ଦିଲ୍ଲୀ ନିର୍ଭୟା ଘଟଣାରେ ଅତ୍ୟାଚାର କରିଥିବା ୧୭ ବର୍ଷୀୟ ଯୁବକ ସହ ତୁଳନା କରୁଛନ୍ତି। ଏଭଳି ତୁଳନା କରୁଥିବା ବ୍ୟକ୍ତିମାନେ କେବେହେଲେ ନିଜ ଜୀବନରେ ଗୁଗଲ୍ ଡକ୍ ଆପ୍‌ରେ କାମ କରିନାହାନ୍ତି। ସେମାନେ ଯଦି କାମ କରିଥାଆନ୍ତେ, ତେବେ ଏଭଳି ହାସ୍ୟାସ୍ପଦ ମତ ଦେଇ ନ ଥାଆନ୍ତେ। 'ଟୁଲ୍‌କିଟ୍'ର ଅର୍ଥ ସମ୍ପର୍କରେ ହୁଏତ ଅଧିକାଂଶ ଜାଣିନାହାନ୍ତି। ଅନଭିଜ୍ଞଙ୍କ ବିଜ୍ଞ ମତ ଶୁଣିବା ହୋଇଛି ସାମ୍ପ୍ରତିକ ଭାରତର ସବୁଠାରୁ ବଡ଼ ଦୁଃଖ। ଏଥିସହିତ ଦିଲ୍ଲୀ ପୋଲିସର ଦକ୍ଷତାକୁ ପ୍ରଶଂସା କରୁଥିବା ନାଗରିକ ମଧ୍ୟ ସନ୍ଦେହ ଘେରରେ ଆସିବା କଥା। କେବଳ ଦିଲ୍ଲୀ ପୋଲିସ ନୁହେଁ, ଭାରତର ସବୁ ରାଜ୍ୟର ପୋଲିସ ସର୍ବଦା ସାଧାରଣ ଲୋକଙ୍କ ବିରୋଧରେ କାର୍ଯ୍ୟ କରିଥାଏ। ମନେରଖିବାକୁ ହେବ ଯେ, ଦିଶା ଜଣେ ପରିବେଶ କର୍ମୀ। ସ୍ୱିଡେନ୍ ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କ 'ଫ୍ରାଇଡେଜ୍ ଫର୍ ଫ୍ୟୁଚର' ଅଭିଯାନର ସେ ଏକ ଅଂଶବିଶେଷ। ଫ୍ରାଇଡେଜ୍ ଫର୍ ଫ୍ୟୁଚର ଅଭିଯାନରେ ପିଲାମାନେ ଶୁକ୍ରବାର ସ୍କୁଲ ବନ୍ଦ କରି ସ୍ୱଚ୍ଛ ଜଳବାୟୁ ଦିଗରେ ସଚେତନତା ସୃଷ୍ଟି କରିଥାଆନ୍ତି। ଦିଶାଙ୍କ ଗିରଫ ପରେ ଦେଶବ୍ୟାପୀ ଦିଲ୍ଲୀ ପୋଲିସକୁ ସମାଲୋଚନା କରାଯିବା ସହିତ ଅନ୍ତର୍ଜାତୀୟ ସ୍ତରରେ ଭାରତ ସରକାରଙ୍କୁ ଭର୍ତ୍ସନା କରାଯାଉଛି।

ଦିଶା ମଧ୍ୟ ଏକାକୀ ନାହାନ୍ତି। ତାଙ୍କ ପରେ କୃଷକ ଆନ୍ଦୋଳନକୁ ସମର୍ଥନ କରୁଥିବା ନିକିତା ଜାକୋବ, ଶାନ୍ତନୁଙ୍କ ଭଳି ଯୁବପିଢ଼ି ପଛରେ ଦିଲ୍ଲୀ ପୋଲିସ ଧାଇଁଛି। ଅତି ଚତୁରତାର ସହିତ ଜାତୀୟ ଗଣମାଧ୍ୟମର ଦୃଷ୍ଟିକୁ ଚାଷୀ ଆନ୍ଦୋଳନଠାରୁ ଦୂରେଇ ନେବା ପାଇଁ କେନ୍ଦ୍ର ସରକାର ଏକପ୍ରକାର ସଫଳ ହୋଇଛି। ଏହି ଯୁବପିଢ଼ି କେଉଁଭଳି ଭାବେ ଦେଶ ବିରୋଧରେ କାର୍ଯ୍ୟ କରିଛନ୍ତି, ତାହା କୌଣସି ଜାଗାରେ ସ୍ପଷ୍ଟ କରାଯାଇ ନାହିଁ। ସରକାର ଏବେ ଟୁଲ୍‌କିଟ୍, ଟୁଇଟର ଏବଂ ଅନ୍ୟ କେତେକ ସୋସିଆଲ୍ ମିଡିଆ ମଞ୍ଚ ସମେତ କେତେ ଜଣ ଅନ୍ତର୍ଜାତୀୟ ବ୍ୟକ୍ତିବିଶେଷଙ୍କ ନାମକୁ ଏହି ଦ୍ୱନ୍ଦ୍ୱ ଭିତରକୁ ଟାଣିଆଣି ମୂଳ ପ୍ରସଙ୍ଗକୁ ଗୌଣ କରି ଦେଉଛନ୍ତି।

# କର୍ମଚାରୀଙ୍କ ଅବହେଳା ଅପରାଧ ବଢ଼ାଏ



ସହଦେବ ସାହୁ

ଏବେ ଏବେ କାହିଁକି ଏତେଗୁଡ଼ାଏ ଭେଜାଲ ଓ ଅପମିଶ୍ରଣ ମାମଲା ଧରା ପଡୁଛି, ଆଗରୁ କାହିଁକି ଏଗୁଡ଼ିକ ଧରା ହେଉ ନ ଥିଲା ପ୍ରଶ୍ନ କଲାବେଳେ ଆମେ କେବଳ ବର୍ତ୍ତମାନର କମିଶନରେଟ୍ ପୋଲିସକୁ ଧନ୍ୟବାଦ ଦେଉନାହୁଁ, ଆମେ ବି ଜଣାଉଛୁ ଯେ, ଉଚ୍ଚ ଅଧିକାରୀମାନେ ନିଜ କାର୍ଯ୍ୟକୁ ନିଷ୍ଠାର ସହିତ ସମ୍ପାଦନ କଲେ ଅଧସ୍ତନ କର୍ମଚାରୀମାନେ ସମପରିମାଣରେ ତତ୍ପର ହେବେ ଏବଂ ସମାଜ ସୁସ୍ଥ ରହିପାରିବ। ଖୁବ୍ ଲାଭ କରିବା ଉଦ୍ଦେଶ୍ୟରେ ମିଛ ବର୍ଣ୍ଣନା କରି ବା ଶସ୍ତା ଦରର ପ୍ରଲୋଭନ ଦେଖାଇ ଭେଜାଲ ଖାଦ୍ୟପେୟ ସାମଗ୍ରୀ ତଥା ଔଷଧ ବିକ୍ରି କରିବା ଦ୍ୱାରା ଦୋକାନୀ ଖାଉଟିଙ୍କୁ ମରଣମୁହଁକୁ ଠେଲିଦେଇଥାଏ, ପ୍ରକାରାନ୍ତରେ ଖାଉଟିର ଶରୀରକୁ ଆକ୍ରମଣ କରିଥାଏ। ଖାଦ୍ୟ ପ୍ରକ୍ରିୟାକରଣ ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡସ୍ ଆକ୍ଟ ୨୦୦୬ ଅନୁସାରେ ନିୟନ୍ତ୍ରିତ ଓ ଅପମିଶ୍ରଣ କରିବା ଇଣ୍ଡିଆନ୍ ପେନାଲ୍ କୋଡ୍ (ଭାରତୀୟ ପିଙ୍ଗଳ ସଂହିତା) ୧୮୬୦ର ସେକ୍ସନ ୨୭୨ ଓ ୨୭୩ ଦ୍ୱାରା ଦଣ୍ଡନୀୟ। ୨୦୧୭ରେ ପିଙ୍ଗଳ ସଂହିତାର ଏକ ସଂଶୋଧନ ଫଳରେ ଆଜୀବନ କାରାଦଣ୍ଡ ବା ୧୦ ଲକ୍ଷ ଟଙ୍କା ଯାଏ ଜରିମାନା ଅଥବା ଉଭୟ ହୋଇଛି, ଆଗରୁ ଜେଲଦଣ୍ଡ ୬ ମାସ ଯାଏ ବା ଜରିମାନା ଅଥବା ଏକାସାଙ୍ଗରେ ଉଭୟ ଜେଲ ଓ ଜରିମାନା ଥିଲା। ୫ ବର୍ଷ ବିତିଗଲାଣି, କାହିଁ କଡ଼ା ଦଣ୍ଡ ବ୍ୟବସ୍ଥା ତ ଭେଜାଲ କାରବାରକୁ କମାଇନାହିଁ? ବରଂ ବଢ଼ିଚାଲିଛି!

ଏହାର ପ୍ରକୃତ କାରଣ ଲାଇସେନ୍ସ ବା ପର୍ମିଟ୍ ଦେଇଥିବା ଅଧିକାରୀ ଓ ସେମାନଙ୍କ ଅଧସ୍ତନ କର୍ମଚାରୀମାନେ ସେମାନଙ୍କର ତନଖି (ଇନ୍‌ସ୍ପେକ୍ସନ୍) କାର୍ଯ୍ୟ କରୁନାହାନ୍ତି, ମାସିକିଆ ପାଇଲେ ଆଖିବୁଜି ଦିଅନ୍ତି। ବଡ଼ କଥା ଯେ ଆମ ଗଣତନ୍ତ୍ରରେ ନେତାମାନେ ନିର୍ବାଚନୀ ଚାନ୍ଦା ପାଉଥିବା ଯାଏ ଅପମିଶ୍ରଣକାରୀଙ୍କୁ ଛତ୍ରଛାୟା ଯୋଗାନ୍ତି। ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ କମ୍ପାନୀର ଟାଲ୍‌କମ୍ ପାଉଡର ଓ ବେବି ଅଏଲ୍ ବିକ୍ରି କଥା ଦେଖନ୍ତୁ, ସେ ଦୁଇଟିରେ ଯଥାକ୍ରମେ ଆଜବେଷ୍ଟସ୍ ଓ ଫର୍ମାଲଡିହାଇଡ୍ ଭଳି କର୍କଟରୋଗକାରୀ ଦ୍ରବ୍ୟ ଅଛି ବୋଲି ଅଭିଯୋଗ ଆଣି କ୍ଷତିପୂରଣ ଦାବି କରି ମାମଲା କରିଥିବା କେତେକ ମାର୍କିନ୍ ନାଗରିକ ସେ ଦେଶର କୋର୍ଟ ଜରିଆରେ କୋଟି କୋଟି ଡଲାର ପାଇଛନ୍ତି। ଏହା ଜାଣି ମଧ୍ୟ ଆମ ଦେଶର ସରକାରୀ ଲାବରେଟୋରି କହୁଛି, 'ଏଥିରେ ଅପମିଶ୍ରିତ ଦ୍ରବ୍ୟ ସେତେ ବେଶି ନୁହେଁ ଯେତେ ଭାରତୀୟମାନଙ୍କ ପାଇଁ ଅସହ୍ୟ ହେବ।' ଆମ ନେତାମାନଙ୍କ ଆଖିରେ ଆମ ଜୀବନ ବଡ଼ ଶସ୍ତା! ତେଣୁ ଅପମିଶ୍ରଣ ଓ ଠକାମି ବଢ଼ିଚାଲିଛି, ଆଉ ଆମ ଦେଶର କର୍ମଚାରୀମାନେ ଢିଲା ହେଉଛନ୍ତି।

ସବୁ ଫୌଜଦାରି ମକଦ୍ଦମାରେ ଦଣ୍ଡ ପରିମାଣ କଳନା କଲାବେଳେ ବିଚାରପତି ଦେଖନ୍ତି ଆସାମୀର ଅପରାଧ କରିବାର ଇଚ୍ଛା (ମେନ୍ସ ରିଆ) ଥିଲା କି? ମେନ୍ସ ରିଆ ନ ଥିଲେ ଦଣ୍ଡ କୋହଳ ହୁଏ। ଭେଜାଲ ଖାଦ୍ୟ, ଔଷଧ ବା ପାନୀୟ ଜୀବନ ନେଇପାରେ, ଆଉ ଉତ୍ତେଜନା ବଢ଼ାଇବା ଲାଗି ମିଶ୍ରଣ-ପରିମାଣ ମଦକୁ ବିଷାକ୍ତ କରିଥାଏ ବୋଲି ପାଠକମାନେ ଜାଣନ୍ତି। ଏ କଥା କ'ଣ ତିଆରି କଲାବାଲା, ବିକିବାବାଲା ବା ମହଜୁଦ କରିଥିବାବାଲା ଜାଣେ ନାହିଁ? ଏହି ଜ୍ଞାନ ହିଁ ତା'ର ମେନ୍ସ ରିଆ। ତେଣୁ ସେ ଖାଉଟିଙ୍କୁ ସିଧାସଳଖ ବିଷ ଦେଇନି ବୋଲି କହୁଥିଲେ ବି ତା'ର ସ୍ୱାସ୍ଥ୍ୟକୁ ନଷ୍ଟ କରିବାର ଜିନିଷ ମିଶାଇଛି ବୋଲି ଜାଣିଛି ତ! ମେନ୍ସ ରିଆ ମିଳିଗଲା। ଖାଉଟି ସଂଖ୍ୟା ଅଗଣନୀୟ ହୋଇଥିବାରୁ ମେନ୍ସ ରିଆ ତ ଗଣହତ୍ୟାର ଉଦ୍ୟମ। ଭେଜାଲ ସାମଗ୍ରୀ ଗଣହତ୍ୟାର ଅସ୍ତ୍ର। ପିଙ୍ଗଳ ସଂହିତାର ସେକ୍ସନ ୧୦୮ରେ ଆବେଟ୍ଟରର ଦଣ୍ଡିତ ହେବା କଥା କୁହାଯାଇଛି। ଭେଜାଲ୍ ବା ଆଡଲ୍‌ଟରେସନ୍ ଅପରାଧକୁ ଉସୁକାଇବା ବି ସେହି ପ୍ରକାରର ଅପରାଧ। ଆବେଟ୍ଟରର ସଂଜ୍ଞା ସେତିକିରେ ସରିନାହିଁ, ଅପରାଧ କରିବାକୁ 'ଉସୁକାଉଥିବା ଲୋକକୁ ଉସୁକାଉଥିବା ଲୋକ' ବି ଅର୍ଥାତ୍ ଆବେଟ୍ଟରର ଆବେଟ୍ଟର୍ ବି ସେତିକି ଦଣ୍ଡ ପାଇବା କଥା। ଏ କଥା ଏକ୍ସପ୍ଲାନେସନ୍ ଟୁ (ବ୍ୟାଖ୍ୟା ୨)ରେ ଅଛି। କେବଳ ସେତିକି ନୁହେଁ - ଅପରାଧ ଘଟି ନ ଥିଲେ ବି ଯଦି ଆବେଟ୍ କରିଥିବା ବା ପ୍ରଶ୍ରୟ ଦେଇଥିବା କାମର ପରିଣାମ ଏକ ଅପରାଧ ଭଳି ଦିଶୁଥିବ- ତାହା ଯଥେଷ୍ଟ। ପରିଦର୍ଶନ ଓ ଯାଞ୍ଚ କରୁ ନ ଥିବା ଇନ୍‌ସ୍ପେକ୍ଟରମାନେ ଅପରାଧକୁ ପ୍ରଶ୍ରୟ ଦେବା ଅପରାଧ କରୁଛନ୍ତି। ଆଇନ ଲାଗୁ କରୁଥିବା କର୍ମଚାରୀ ଓ ଅଧିକାରୀମାନେ (ଲ ଏନ୍‌ଫୋର୍ସିଂ ଅଥରିଟି) ମଝିରେ ମଝିରେ ଲାଇସେନ୍ସ ବା ପର୍ମିଟ୍ ସର୍ତ୍ତ ଅନୁଯାୟୀ କାମ ହେଉଛି କି ନାହିଁ ଦେଖିବା ଓ ପଦକ୍ଷେପ ନେବା କଥା। ରାଜନେତାଙ୍କ ଚାପ ଯୋଗୁ ହେଉ କି ରିସ୍ୱତ ଯୋଗୁ ଏହି କର୍ମଚାରୀମାନେ କାର୍ଯ୍ୟରେ ହେଳା କରନ୍ତି ଏବଂ ଅପରାଧ ଘଟାଉଥିବା ଲୋକଟିକୁ ଇଙ୍ଗିତ ଦେଇଥାନ୍ତି ଯେ 'ତୁମେ ଏମିତି କରିଚାଲ ଆମେ ଆଖି ବୁଜି ଦେଉଛୁ।' ଲୋକକୁ ନ ଧରିବାର ଆବହାୱା ତିଆରି କରିବା ଅଫିସରମାନେ ଆବେଟ୍ କରୁଛନ୍ତି। ଯେଉଁ ସରକାରୀ କର୍ମଚାରୀମାନଙ୍କ କାମ ହେଉଛି ଲାଇସେନ୍ସ ଦେବା, ସେମାନଙ୍କର କାମ ବି ହେଉଛି ଲାଇସେନ୍ସର ସର୍ତ୍ତମାନ ପାଳନ ହେଉଛି କି ନାହିଁ ଦେଖିବା ; ସେ ଯଦି ନ ଦେଖୁଛି ତେବେ ସେ ହିଁ ଠକାମି, ଭେଜାଲ ଓ ଅପମିଶ୍ରଣର ଆବେଟ୍ଟର ଏବଂ ପ୍ରତ୍ୟକ୍ଷ ଅପରାଧୀ ଭଳି ଦଣ୍ଡ ପାଇବା କଥା। ଖୋଲା କରି କହିଲେ, ଫୁଡ୍ ଇନ୍‌ସ୍ପେକ୍ଟର, ଏକ୍ସାଇଜ୍ ଇନ୍‌ସ୍ପେକ୍ଟର, ଓ ହେଲ୍‌ଥ ଇନ୍‌ସ୍ପେକ୍ଟର ଯଥାକ୍ରମେ ଭେଜାଲ ଖାଦ୍ୟ, ବିଷାକ୍ତ ମଦ, ଭେଜାଲ ଔଷଧ ଆଦି ତିଆରି କରୁଥିବା ଲୋକର ଓ ମହଜୁଦ କରିରଖିବା ଲୋକର ଆବେଟ୍ଟର୍, ଇଲାକାକୁ ଜଗୁଥିବା ପୋଲିସ ନରହନ୍ତା-ଉଦ୍ୟମ କରୁଥିବା ଲୋକକୁ ନ ରୋକିବା ଏବଂ ନିର୍ମାଣ କାର୍ଯ୍ୟକୁ ତନଖି କରୁଥିବା ଇଞ୍ଜିନିୟରମାନେ ପୋଲ ଭୁଶୁଡିବା ପରିସ୍ଥିତିକୁ ନ ରୋକିବା ସେମିତି ନରହନ୍ତାର ଆବେଟ୍ଟର୍। ଅପରାଧ କରିଥିବା ଲୋକ ଭଳି କାର୍ଯ୍ୟରେ ଖିଲାପ କରିଥିବା ଲୋକ ବି ଅପରାଧୀ। ତାହା ନ ହେବା ଯାଏ ଭେଜାଲ ସାମଗ୍ରୀର ବ୍ୟବସାୟ ବା ଚିଟ୍‌ଫଣ୍ଡ କାରବାର ଲୁଚାଛପା ଚାଲିଥିବ, ଆମ ଭବିଷ୍ୟତ ପିଢ଼ି ଧୀରେ ଧୀରେ ବିଷଗ୍ରସ୍ତ (ସ୍ଲୋ ପଏଜନିଂ) ହେଉଥିବେ, ସେମାନଙ୍କ ଅକ୍ଷମତା ବଢୁଥିବ ବା ସେମାନେ ଆତ୍ମହତ୍ୟାପ୍ରବଣ ହେଉଥିବେ।

ରାତାରାତି ଧନୀ ହେବାର ଇଚ୍ଛା ମଣିଷକୁ ଅମଣିଷ କରିଥାଏ, ଟଙ୍କାଟାକୁ ବର୍ଷକ ଭିତରେ ଦି'ଟଙ୍କା କରିଦେବ କହୁଥିବା ଲୋକ ବି ଆତ୍ମହତ୍ୟା ପ୍ରବଣତା ବଢ଼ାଏ। ଉତ୍ତରପ୍ରଦେଶର ଶ୍ମଶାନ ଭିତରେ ଥିବା ଘରର ଛାତ ଭୁଶୁଡ଼ି ପଡ଼ିବାର କାରଣ କାମଟି ପାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ଦେଇ ନିମ୍ନମାନର କାମ କରିବା। ତେଣୁ ଅଜୟ ତ୍ୟାଗୀ ଯେତିକି ଦୋଷୀ ଜୁନିୟର ଇଞ୍ଜିନିୟର ଚନ୍ଦ୍ରପାଲ ସିଂ ଓ ମୁରାଦନଗରର ନଗରପାଳିକାର ଏକ୍‌ଜିକ୍ୟୁଟିଭ୍ ଅଫିସର ନୀହାରିକା ସିଂ ବି ସେତିକି ଦାୟୀ। ଆମ ବ୍ୟବସ୍ଥାରେ ଅସାଧୁ କର୍ମଚାରୀ ଓ ଅସାଧୁ ରାଜନେତା ଅପରାଧ ବଢ଼ାଉଛନ୍ତି।

sahadevas@yahoo.mail

# ବସନ୍ତ ପଞ୍ଚମୀ



ସୁଧିରାଜ ରାଉତ

ବ୍ରହ୍ମଦେବ ସୃଷ୍ଟି ସର୍ଜନା ସାରି ନିଜ ସୃଷ୍ଟିକୁ ଯେବେ ନିରେଖି ଦେଖିଲେ, ତାଙ୍କୁ ଲାଗିଲା ସବୁ ଗଢ଼ା ପରେ ବି ସବୁଠି ଭରି ରହିଛି ଉଦାସ ଆଉ ଉଦାସ, ସୃଷ୍ଟି ସତେଅବା ଉଦାସର ଏକ ଉପତ୍ୟକା। ଉଦିତ ସୂର୍ଯ୍ୟର ଆଭାରେ ଉଦାସ, ଚନ୍ଦ୍ରର ଜ୍ୟୋତ୍ସ୍ନାରେ ଉଦାସ। ପବନକୁ ପ୍ରବାହ ଆସୁନି, ପକ୍ଷୀଙ୍କୁ ଗୀତ ଆସୁନି, ମୟୂରକୁ ନୃତ୍ୟ ଆସୁନି, ଜୀବନକୁ ହସ ଆସୁନି, ଜଳ ଆଙ୍କିପାରୁନି ଇନ୍ଦ୍ରଧନୁ, ଫୁଲ ଆଙ୍କିପାରୁନି ସୁନ୍ଦରତା, ପ୍ରଜାପତି ଉଡ଼ି ଶିଖିନି, ବୃକ୍ଷ ପତ୍ରଝଡ଼ା ଶିଖିନି, ନଦୀ ଗତି ଶିଖିନି, ସମୁଦ୍ର ଲଂଘି ଶିଖିନି। ଲାଗୁଛି ନିଜେ ତମସ୍ ଉଦାସର ଉପତ୍ୟକାରେ ଗଢ଼ିଚାଲିଛି ରତିହୀନ ରାତି, ଋତୁହୀନ ରବି, ରଙ୍ଗହୀନ ରୂପ। ନିଜ ସୃଷ୍ଟିକୁ ଦେଖି ନିଜେ ଉଦାସ ହୋଇ ଉଠିଲେ ବ୍ରହ୍ମଦେବ। ଉପାୟ କ'ଣ ଉଦାସଙ୍କୁ ଅନ୍ତକରି ଉଲ୍ଲାସ ଆଣିବାକୁ? ବିଷ୍ଣୁ, ମହେଶଙ୍କ ସହ କଲେ ଚିନ୍ତନ ମନନ। ତ୍ରିଦେବ ପ୍ରାର୍ଥନା ମୁଦ୍ରାରେ ହେଲେ ଧ୍ୟାନମଗ୍ନ।

ଆବିର୍ଭୂତ ହେଲେ ଦେବୀ, ଅପସରିଗଲା ଉଦାସର ଅନ୍ଧାର, ସୂର୍ଯ୍ୟ ଶୁଭ୍ର ଦିଶିଲେ, ଚନ୍ଦ୍ର ତାରା ମେଳେ ଚମକିଲେ, ଦେବୀଙ୍କ ବୀଣାର ବିନ୍ଧୁଏ ମୂର୍ଚ୍ଛନାରେ ବେଦ ଶବ୍ଦ ରୂପ ନେଲା, ବାଣୀ ଓଁକାର ପାଇଲା, ପବନ ପ୍ରବହମାନ ହେଲା, ପକ୍ଷୀ ଗୀତ ଗାଇଲା, ମୟୂର ନୃତ୍ୟମନସ୍କ ହେଲା, ଜୀବନକୁ ଏବେ ହସ ଆସିଲା, ଜଳ ଆଙ୍କିଲା ଇନ୍ଦ୍ରଧନୁ, ଫୁଲ ଆଙ୍କିଲା ସୁନ୍ଦରତା, ପ୍ରଜାପତି ଉଡ଼ି ଶିଖିଲା, ବୃକ୍ଷରେ ନବପତ୍ର ପଲ୍ଲବିତ ହେଲା, ନଦୀ ଗତି ଶିଖିଲା, ସମୁଦ୍ର ଲଂଘି ଶିଖିଲା। ଏବେ ସବୁଠି ସତ୍ତ୍ୱର ଶୁଭ୍ରତା, ସୃଜନର ସଙ୍ଗୀତ, ରାତି ରତିମନସ୍କ ହେଲା, ଋତୁ ଏବେ ରବି ସହ ରାସ ରଚିଲା, ରଙ୍ଗସବୁ ରୂପ ଆଙ୍କିଲେ। ତିନି ଦେବ ପ୍ରଣାମ କଲେ ମା'ଙ୍କୁ। ଆଜି ବସନ୍ତ ପଞ୍ଚମୀ ସେଇ ପ୍ରଣାମର ଦିନ। ଏଇ ପ୍ରଣାମର ଦିନରେ ହେ ମଣିଷ! ମା' ଆମକୁ ସହାସ୍ୟରେ ଚାହିଁଛନ୍ତି, ସତେ ଅବା କହୁଛନ୍ତି କୁହ କ'ଣ ନେବ? ଆମ ନୀରବତାକୁ ମା'କରୁଣାର ଆଖିରେ ଚାହିଁଛନ୍ତି। ସେ ତ ଆଜି ଯାଏ ଆମ ଘରର ଇଷ୍ଟ ହୋଇନାହାନ୍ତି କିମ୍ବା ଆମ ହୃଦୟରେ ଆରାଧ୍ୟା ହୋଇନାହାନ୍ତି, ସେଥିପାଇଁ ମା'ଙ୍କର ସାମାନ୍ୟ କ୍ଷୋଭନାହିଁ ବରଂ କ୍ଷୋଭ ସବୁ ମା'ଙ୍କ ସତ୍ତ୍ୱ ଶୁଭ୍ରତାରୁ ରଙ୍ଗଆଣି କ୍ଷମାର ଛବି ଆଙ୍କୁଛନ୍ତି। ସେଇ ତୁଷାର ରଙ୍ଗର ଦେବୀ ହାତରେ ଧରିଛନ୍ତି ପୁସ୍ତକ, ଏହା କହୁଛି ଆମକୁ ଅଜ୍ଞାନରୁ ଅନ୍ଧାରରୁ ନେଇଯିବ ଜ୍ଞାନର ଆଲୋକ ଆଡ଼କୁ, ସ୍ଫଟିକ ମାଳା କହୁଛି ତମସ୍‌କୁ ଭାଙ୍ଗିଦେଇ ଭରିଦେବ ଆମ ମଧ୍ୟେ ତପସ୍ୟାର ବଳ। ତାଙ୍କ ହାତର ବୀଣା କହୁଛି ବାଣୀରେ ଆଣିଦେବ ଆମ ସତ୍ୟ ପ୍ରକାଶର ସାମର୍ଥ୍ୟ ଆଉ ମଧୁରତାର ଛନ୍ଦ ଆଉ ଜୀବନ ସିଲଟରେ ଆଙ୍କିଦେବ ନବ ସୃଜନର ଚିତ୍ର। ଆଉ ଅନ୍ୟ ହସ୍ତେ ଧରିଥିବା ସେଇ କମଣ୍ଡଳୁର ପବିତ୍ର ଜଳ କହୁଛି - ଆସ ପୁତ୍ର ସବୁ କାଳିମାକୁ ଧୋଇ ଦେଇ କରିଦେବି କାଳିଦାସ, କରିଦେବି ଶୁଦ୍ଧ, ବୁଦ୍ଧ। ଏସବୁର ଆମକୁ ଏବେଯାଏ ଆବଶ୍ୟକ ଅନୁଭବ ହୋଇନି, ସେଥିପାଇଁ ସେ ଆମ କାହାର ଇଷ୍ଟ ନୁହନ୍ତି ତଥାପି ବସନ୍ତ ପଞ୍ଚମୀ ଏହା କହୁଛି - ମୁଁ ଅପେକ୍ଷା କରିଛି ପୁତ୍ର ତୋ ଆସିବାର ଶୁଭ ଲଗ୍ନକୁ।

ଏଇ ଶୁଦ୍ଧ ପବିତ୍ର ବସନ୍ତ ପଞ୍ଚମୀ ଆମ ଅଜାଣତରେ ଆହୁରି ଅନେକ କଥାକୁ ଲୁଚେଇ ରଖିଛି। ମା'ଙ୍କ ଆବିର୍ଭାବରେ ସୃଷ୍ଟି ଯେବେ ସୃଜନର ସଙ୍ଗୀତ ଗାଇଲା ବୈରାଗୀ ଶିବଶଙ୍କରଙ୍କ ମଧ୍ୟେ ସୃଜନର ସ୍ରୋତ ବି ବହିଲା। ପୁରାଣ କହେ ଏହିଦିନ ସଦାଶିବ ସୃଷ୍ଟିର ମଙ୍ଗଳ ପାଇଁ ବିବାହ ଲାଗି ହଁ କହିଲେ। ଏଇଦିନ ତାଙ୍କର ହଳଦୀ, ଚନ୍ଦନରେ ମଙ୍ଗଳନ ହୋଇଥିଲା ଆଉ ବିବାହ ଶିବରାତ୍ରି ଦିନ। ବସନ୍ତ ପଞ୍ଚମୀ ଏହା ବି କହେ- ଏଇଦିନ ଜୀବନ ମଧ୍ୟରେ ଜୀବନର ଚିତ୍ର ଆଙ୍କୁଥିବା କାମଦେବ ଆଉ ରତିଦେବୀଙ୍କ ମିଳନ ହୋଇଥିଲା, ଆଉ ଏହା ବି ମାନ୍ୟତା ଅଛି ଏଇ ଦୁଇ ଦୀପ୍ତିମୟ ସତ୍ତାଙ୍କୁ ଏହିଦିନ ଆରାଧନା କଲେ ଅପଡ଼ ପତି-ପତ୍ନୀଙ୍କ ସମ୍ପର୍କରେ ବସନ୍ତ ଫେରେ। କୁନ୍ଦର ମହକ, ବଉଳର ବାସ୍ନା, କୋଇଲିର ଗୀତ ଭରେ। ବସନ୍ତ ପଞ୍ଚମୀ ଆହୁରି ଅନେକ କଥା କହେ- ଏଇ ଦିନ ଫ୍ରାନ୍ସରେ ଶ୍ରୀମା ଜନ୍ମ ହୋଇଥିଲେ, ଯିଏ ଦିନେ ରାଜକୀୟ ଐଶ୍ୱର୍ଯ୍ୟ ଜୀବନକୁ ଛାଡ଼ି, ପ୍ୟାରିସ୍‌ର ପଟାନ୍ତର ଆକର୍ଷଣକୁ ଆଡ଼ି, ନିଜ ସମସ୍ତ ଆତ୍ମୀୟଙ୍କୁ ଅତିକ୍ରମ କରି ନୂଆ ସୃଜନର, ନୂଆ ଚେତନାର, ଅତିମାନବର ଚିତ୍ର ଆଙ୍କିବାକୁ ଭାରତର ପଣ୍ଡିଚେରୀକୁ ଚାଲି ଆସିଥିଲେ। ମା' ଆସିଲେ ଶ୍ରୀଅରବିନ୍ଦ ଆଶ୍ରମ ଗଢ଼ାଗଲା, ପୃଥିବୀରେ ଅତିମାନବ ଆସିବାର ଶିଳାନ୍ୟାସ ହେଲା। ଏମିତି ଏହିଦିନ ଅନେକ କଥା କହେ- କିନ୍ତୁ ଯେଉଁ କଥାକୁ ନେଇ କଜିଆ କରିଛି ନିଜ ସହ, ଅନ୍ୟମାନଙ୍କ ସହ। କାଳିଦାସ କାହିଁକି ମା'ଙ୍କ ରୂପକୁ ଆଙ୍କୁ ଆଙ୍କୁ ରତିମଗ୍ନା ହେଲେ? କାହିଁକି ହୁସେନ୍ ମା'ଙ୍କ ଅଙ୍ଗରେ ଆତୁରତା, ଉଲଗ୍ନତାର ରଙ୍ଗ ମାଖିଲେ? ମା' ସୃଜନର, କଳାର ଓ କାବ୍ୟର ମହାଦେବୀ। ମା'ଶୁଦ୍ଧର, ବୁଦ୍ଧିର, ବୋଧିର ମହାଦେବୀ କିନ୍ତୁ ମଣିଷର ସୃଜନର ଉଚ୍ଚତା ବା କେତେ? କାମନାର କାନଭାସ୍‌ରେ, ଆତୁରତାର ରଙ୍ଗରେ, ତୃଷ୍ଣାର ଶବ୍ଦରେ ସେ କିଭଳି ଆଙ୍କିପାରିବ ସତ୍ତ୍ୱର ଅଧିଷ୍ଠାତ୍ରୀ ମହାମାୟାଙ୍କୁ, ସୃଜନର ସବିତାଙ୍କୁ, ବୀଣାର ମନ୍ତ୍ର ନାଦକୁ? ଥରେ ଆଖି ଖୋଲି ଦେଖ ମା'ଙ୍କ ଆଗମନରେ ପର୍ବତ ଆଙ୍କେ କୁନ୍ଦର ଚିତ୍ର, ଶ୍ମଶାନ ଆଙ୍କେ ପଳାଶର ଚିତ୍ର, ପୁଷ୍କରିଣୀ ଆଙ୍କେ ପଦ୍ମର ଚିତ୍ର। କିନ୍ତୁ ମଣିଷ ? ମା'ଜାଣନ୍ତି ମଣିଷର ଅସାମର୍ଥ୍ୟକୁ, ତେଣୁ ତ ସେ କ୍ଷମାମୟୀ, ଅସୀମ ଧୈର୍ଯ୍ୟମୟୀ। ଦିନେ ମଣିଷ ଫେରିବ ଆଉ କହିବ - ମା' ଆସ ! ପ୍ରକାଶ ହୁଅ ମୋ ମଧ୍ୟରେ ମୋ ଚିନ୍ତା ଚେତନାରେ, ମୋ ଜୀବନର ପ୍ରତିଛନ୍ଦରେ। ଋଷି ଶ୍ରୀଅରବିନ୍ଦ କହନ୍ତି ''ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାରୁ କମ୍ କିଛି ତାଙ୍କୁ ତୃପ୍ତି ଦେଇପାରେ ନାହିଁ। ସୃଷ୍ଟିକୁ ସର୍ବାଙ୍ଗସୁନ୍ଦର କରିବାକୁ ଯଦି ଅନନ୍ତକାଳ ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପ୍ରୟୋଜନ ହୁଏ ତାହା ସକାଶେ ସେ ପ୍ରସ୍ତୁତ।'' ଦିନେ ଏମିତି ଋଷିମାନେ ସରସ୍ୱତୀ ନଦୀ କୂଳରେ ମା'ଙ୍କୁ ଆବାହନ କରୁଥିଲେ। ଏଇ ସରସ୍ୱତୀ ନଦୀ ଆଜି ଲୁପ୍ତ। ଆମ ଅନ୍ତଃଚେତନାରେ ମଧ୍ୟ ଏ ବେଗବତୀ ସରସ୍ୱତୀ ଲୁପ୍ତ। ଦିନେ ଆମ ଅନ୍ତରରେ ବହୁଥିବା ସରସ୍ୱତୀ ବିଶ୍ୱାତୀତରୁ ବହି ଆଣୁଥିଲେ ବିଶ୍ୱ ମଧ୍ୟକୁ ସୃଜନର ସମ୍ଭାର, ଶୁଦ୍ଧତାର ସମୃଦ୍ଧି, ଶୁଭଦ୍ୱର ସବିତା। ଆସ ! ଆଜି ଏଇ ଶୁଭ ଲଗ୍ନରେ ବସନ୍ତ ପଞ୍ଚମୀର ସବୁ ମୁହୂର୍ତ୍ତ ଦେବ ମୁହୂର୍ତ୍ତ। ଏଇ ଦେବ ମୁହୂର୍ତ୍ତରେ ମହେନ୍ଦ୍ର ବେଳାରେ ମହାମାୟା ମହାସରସ୍ୱତୀଙ୍କୁ କହିବା ଆସ ମା ! ଆସ ! ଆମ ମନ ପ୍ରାଣ ଶରୀରରେ ପ୍ରକାଶ ହୁଅ।

ଇନ୍ଦ୍ରାବତୀ, ନବରଙ୍ଗପୁର
ମୋ - ୯୮୬୧୯୬୯୬୭୮

## ଏଇ ଭାରତରେ

ପ୍ରାଚୀନ ବିଶ୍ୱାସ ବିରୋଧରେ ଲଢେଇ କରିବା ସହ ବିଲୁପ୍ତ ଦ୍ୱାରଦେଶରେ ଥିବା ଏକ ପ୍ରଜାତିର କଇଁଛ ଲାଗି ଜୟାଦିତ୍ୟ ପୁରକାୟାସ୍ଥ ଯେଉଁ ଅଭିଯାନ ଚଳାଇଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ସେ ଜଣେ ସରୀସୃପବିତ୍। ବିରଳ ପ୍ରଜାତିର ବ୍ଲାକ୍ ସଫ୍ଟସେଲ ଟର୍ଟଲ ବା କଳାରଙ୍ଗର ନରମ ଖୋଳଥିବା କଇଁଛ ସୁରକ୍ଷାରେ ଲାଗିଛନ୍ତି ଗୁଆହାଟି ନିବାସୀ ୩୨ ବର୍ଷୀୟ ଜୟାଦିତ୍ୟ। ସେ ପୋବିତୋରା ବନ୍ୟ ଅଭୟାରଣ୍ୟରେ ଏମାନଙ୍କ ବଂଶବୃଦ୍ଧି କରି ସେଠାରେ ଛାଡିଛନ୍ତି। ଏବେ ସୁଦ୍ଧା ୩୦୦ଟି ଉକ୍ତ ପ୍ରଜାତିର କଇଁଛ ସେଠାରେ ଛାଡ଼ିସାରିଲେଣି। ଏମାନେ ଭାରତର ବ୍ରହ୍ମପୁତ୍ର ନଦୀ ଓ ବାଂଲାଦେଶର କେତେକ ଆର୍ଦ୍ରାଞ୍ଚଳରେ ଦେଖାଯାଆନ୍ତି। ମାଂସ ପାଇଁ ଏମାନଙ୍କୁ ଶିକାର କରାଯାଉଛି। ଧର୍ମୀୟ ବିଶ୍ୱାସକୁ ଆଧାର କରି ପୁଅଜନ୍ମ ହେଲେ ଲୋକେ ଏମାନଙ୍କୁ ପୋଖରୀରେ ଛାଡ଼ନ୍ତି। କଇଁଛ ଦୀର୍ଘଜୀବନର ପ୍ରତୀକ ହୋଇଥିବାରୁ ପୁଅର ଦୀର୍ଘାୟୁଷ କାମନା କରି ଏହା କରାଯାଇଥାଏ। ଏହି କଇଁଛକୁ ପ୍ରଜନନ କ୍ଷମତାର ପ୍ରତୀକ ମନେକରି ମହିଳାମାନେ ବି ଋତୁସ୍ରାବ ସମସ୍ୟା ଦୂର ପାଇଁ ଏମାନଙ୍କୁ ପୋଖରୀରେ ଛାଡ଼ନ୍ତି। ଏଭଳି ପୁରୁଣା ବିଶ୍ୱାସ ଯୋଗୁ ଏହି ବିରଳ କଳା କଇଁଛ ବଂଶ ଲୋପପାଇବାରେ ଲାଗିଛି। ଆସାମର ଅହୋମ ରାଜବଂଶ ଅମଳରୁ ଏହି ଅନ୍ଧବିଶ୍ୱାସ ଆରମ୍ଭ ହୋଇ ଏବେ ଯାଏ ରହିଛି। ତେବେ ଜୟାଦିତ୍ୟ ଏହାକୁ ଦୂର କରିବା ଲାଗି ପାରୁପର୍ଯ୍ୟନ୍ତ ପ୍ରଚେଷ୍ଟା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଆସାମର ୨୯ଟି ପୋଖରୀରେ ଏହି କଇଁଛ ରହିଛନ୍ତି। ସେଠାରେ ବନ୍ଦୀ କଇଁଛଗୁଡ଼ିକୁ ଉଦ୍ଧାର କରିବା ଲାଗି ଚେଷ୍ଟା କରି ବିଫଳ ହେବା ପରେ ଜୟାଦିତ୍ୟ ଜଙ୍ଗଲରେ ଏମାନଙ୍କ ସୁରକ୍ଷା ବ୍ୟବସ୍ଥା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଫେବୃୟାରୀ ୧୯୯୬

- ବାଂଲାଦେଶରେ ସାଧାରଣ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ବେଳେ ବ୍ୟାପକ ହିଂସାକାଣ୍ଡ ଘଟି ୧୩ ଜଣଙ୍କ ମୃତ୍ୟୁ।
- ଲୋଇସିଆନା ଓ ଇଓୱାରେ ଦଳ ଦୁର୍ବଳ ପ୍ରଦର୍ଶନ କରିବାରୁ ଟେକ୍ସାସର ସିନେଟର ଫିଲ୍ ଗ୍ରାମ ନିର୍ବାଚନରୁ ଓହରି ଯାଇଛନ୍ତି।
- ହାୱାଲା ମାମଲାର ବିଚାର କରୁଥିବା ସ୍ୱତନ୍ତ୍ର ଅଦାଲତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଲାଙ୍କର ଆବେଦନକୁ ଖାରଜ କରିଦେଇଛନ୍ତି।

## ଚିରନ୍ତନୀ

କଣ୍ଠୀ ନୂପୁର କଟୀ ଶୃଙ୍ଖଳ
ହେଉଥିଲେ କେବେ ଆଖିର ଭେଟ
ଆଜି ବା ହୋଇଛି ଜର୍ଜେଟ୍ ଶାଢ଼ି
ବର୍ମା ସ୍ଲିପର ଆପଟୁ-ଡେଟ୍।
-(ପ୍ରେମର ଅର୍ଥ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | | 3 | | B | | | | D | | | | 4 | |
| | | | 5 | E | 8 | | | | | | 9 | | | 6 |
| | | E | | | | | | | 4 | | | | | 0 |
| | | | | | | | | | 1 | A | E | C | | |
| | | B | 6 | A | | 5 | | | | | 0 | 3 | 9 | |
| | 4 | | | 1 | | | | C | 5 | | | | | B |
| | 7 | D | | | C | | 4 | 8 | | | | | 3 | |
| | | 9 | | 8 | | | 3 | | | | | | | |
| | 1 | 0 | D | | | | | E | C | | | 7 | | |
| | | 8 | | | 0 | | 6 | | | E | | D | | |
| | 9 | 3 | A | | 6 | | | 0 | | | | 8 | | 5 |
| | | A | 9 | B | | | | D | 2 | | | | | C |
| E | | | 2 | | | | | A | | 9 | B | | 0 | |
| B | | | | 4 | 1 | | C | | | 6 | | 2 | 7 | |
| | | | | | | | | 7 | | 5 | | A | 6 | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 3 | C | 9 | D | 7 | 6 | B | A | 2 | 8 | 1 | 4 | E | 0 |
| 6 | A | 8 | 5 | 3 | B | 7 | E | 2 | 0 | D | 4 | C | 9 | 1 |
| 4 | 9 | 7 | E | A | 1 | 8 | D | 0 | 3 | C | 5 | B | 2 | 6 |
| E | D | 0 | C | 4 | 2 | 1 | 5 | 3 | 6 | 9 | B | A | 8 | 7 |
| 1 | B | 2 | 8 | 0 | 6 | 9 | 4 | C | 7 | E | A | 3 | 5 | D |
| 2 | 6 | B | A | 9 | C | 5 | 0 | 7 | 8 | 3 | D | 1 | 4 | E |
| 7 | 5 | D | B | 1 | 4 | C | 3 | E | 9 | A | 2 | 6 | 0 | 8 |
| 0 | 4 | A | 6 | 8 | D | 2 | 9 | B | 1 | 7 | E | 5 | C | 3 |
| C | 8 | 9 | 3 | 5 | E | A | 1 | D | 4 | 0 | 6 | 7 | B | 2 |
| 3 | E | 1 | 2 | 7 | 0 | 4 | 6 | 8 | B | 5 | C | 9 | D | A |
| B | C | E | D | 2 | 9 | 3 | 7 | 4 | A | 6 | 0 | 8 | 1 | 5 |
| 8 | 1 | 3 | 7 | C | 5 | E | 2 | 6 | D | 4 | 9 | 0 | A | B |
| D | 7 | 4 | 1 | E | 8 | 0 | A | 5 | C | B | 3 | 2 | 6 | 9 |
| A | 2 | 5 | 0 | 6 | 3 | B | C | 9 | E | 1 | 8 | D | 7 | 4 |
| 9 | 0 | 6 | 4 | B | A | D | 8 | 1 | 5 | 2 | 7 | E | 3 | C |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜଳ ନ ଯୋଗାଇ ଜଳକର ହିସାବ

ମହାଶୟ,

ସରକାରଙ୍କର ବିଚିତ୍ର ନୀତି। ଜଳ ଯୋଗାଣ କରିବେ ଜଳ ସମ୍ପଦ ବିଭାଗ, ଜଳକର ଆଦାୟ କରିବେ ତହସିଲଦାର। ଜଳ ସମ୍ବଳ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଭୂମ୍ୟଧିକାରୀ ଜଳ ରବି ସମୟରେ ନ ପାଇ ମଧ୍ୟ ତହସିଲର ରାଜସ୍ୱ ନିରୀକ୍ଷକ ଜଳକର ମାଗୁଛନ୍ତି, ଯାହା ହାସ୍ୟାସ୍ପଦ ନୁହେଁ କି? ଉଦାହରଣ ସ୍ୱରୂପ ଚନ୍ଦନପୁର ବ୍ରାଞ୍ଚ୍ କେନାଲ ମରାମତି ନାମରେ ଆଜିକୁ ୧୧/୧୨ ବର୍ଷ ହେବ ଶାଖା କେନାଲରେ ଚାଷ ସମୟରେ ଜଳ ଯୋଗାଣ ହେଉନାହିଁ। ତାହାହେଲେ ଜଳକର ବକେୟା ରହି ଛଅ ପ୍ରତିଶତ ଚକ୍ରବୃଦ୍ଧି ସୁଧ ଭୂମ୍ୟଧିକାରୀ ବହନ କରିବାକୁ କାହିଁକି ବାଧ୍ୟ ହେଉଛନ୍ତି ତାହା ଜଳ ସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ତଦନ୍ତ କରି ଭୂମ୍ୟଧିକାରୀମାନଙ୍କ ସତ୍ୟାସତ୍ୟ ବୁଝି ଜଳକର ଛାଡ଼ କରାଯାଉ। ଜଳ ଯୋଗାଣ ପ୍ରତି ଦୃଷ୍ଟିଦେଲେ ଚାଷ ଆଗେଇ ପାରନ୍ତା।

-ଦେବେନ୍ଦ୍ର ଦାଶ, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

## ମୃତ୍ୟୁଦୂତଙ୍କୁ ମୃତ୍ୟୁଦଣ୍ଡ

ଗତ ଦୁଇମାସ ମଧ୍ୟରେ କଟକ ସହର ଓ ତାହାର ଆଖପାଖ ଅଞ୍ଚଳର ୧୫ଟି ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ଉତ୍ପାଦନ କେନ୍ଦ୍ର ଉପରେ ପୋଲିସ ଓ ଜିଲା ପ୍ରଶାସନ ଚଢ଼ାଉ କରି ୭କୋଟି ଟଙ୍କାର ନକଲି ସାମଗ୍ରୀ ଜବତ କରିଛନ୍ତି। ଏହି ସବୁ ସାମଗ୍ରୀ ମଧ୍ୟରେ ଅପମିଶ୍ରିତ ଗାଈଘିଅ, ସସ୍, ଚା'ଗୁଣ୍ଡ, ମସଲା, ପାନମସଲା, ସୋୟାବିନ୍ ବଡ଼ି ଓ ପନିର ରହିଛି। ସେଗୁଡ଼ିକର ନମୁନା ମଧ୍ୟ ଯାଞ୍ଚ କରାଯାଇ ସେଗୁଡ଼ିକ ଅପମିଶ୍ରିତ, ଅସୁରକ୍ଷିତ ଓ ଖାଦ୍ୟ ଅନୁପଯୋଗୀ ବୋଲି ପ୍ରମାଣିତ ହୋଇଛି। ଏଗୁଡ଼ିକ ବ୍ୟବହାର କରିବା ଫଳରେ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି ହୋଇ ଲୋକଙ୍କୁ ଅକାଳ ମୃତ୍ୟୁରେ ପକାଉଛି। ଏହିସବୁ ନକଲି ପଦାର୍ଥର ଉତ୍ପାଦନକାରୀ, ମହଜୁଦକାରୀ ଓ ବିକ୍ରେତା ସମସ୍ତେ ଜଘନ୍ୟ ଅପରାଧରେ ସମ୍ପୃକ୍ତ ମଣିଷ ସମାଜର ପରମ ଶତ୍ରୁ। ନକଲି କାରବାରର ଚେରକୁ ମୂଳୋତ୍ପାଟନ କରିବାକୁ ଖୋଲାବଜାରରୁ ନମୁନା ଯାଞ୍ଚକୁ ବ୍ୟାପକ କରିବା ସହ ମୃତ୍ୟୁଦୂତମାନଙ୍କୁ ମୃତ୍ୟୁଦଣ୍ଡର ପ୍ରାବଧାନ ରଖି କଠୋର ଆଇନ ପ୍ରଣୟନ କରିବା ଆବଶ୍ୟକ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୯୪,୯୩,୮୨୯ | ୨୪,୧୩,୫୯୦ | ୮,୧୬,୦୧,୩୩୩ |
| ଭାରତ | ୧,୦୯,୨୫,୨୦୮ | ୧,୫୫,୮୩୬ | ୧,୦୬,୩୦,୭୭୯ |
| ଓଡ଼ିଶା | ୩,୩୬,୨୬୨ | ୧୯୧୧(+୫୩) | ୩,୩୩,୬୩୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ହାତୀ ମୃତ୍ୟୁ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

କଳାହାଣ୍ଡି ଜିଲାର କର୍ଲାପାଟ ବନ୍ୟଜନ୍ତୁ ଅଭୟାରଣ୍ୟରେ ଦୁଇ ସପ୍ତାହରେ ୬ ହାତୀଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସୋମବାର ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ସ୍ଥିତିର ସମୀକ୍ଷା କରିବା ସହ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ପଶୁସମ୍ପଦ ବିଭାଗ ମିଳିତ ଭାବେ ହାତୀ ମୃତ୍ୟୁ ରୋକିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ତଥା ଦେଶର ବିଶେଷଜ୍ଞଙ୍କ ପରାମର୍ଶ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ହେମୋରେଜିକ ସେପ୍ଟିସେମିଆ ବା ସାହାଣା ରୋଗ ଯୋଗୁ ହାତୀଙ୍କ ଜୀବନ ଯାଉଥିବା ଜଣାପଡ଼ିଛି। ତେଣୁ ଅଭୟାରଣ୍ୟ ଓ ତା'ର ଆଖପାଖ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଥିବା ଗୃହପାଳିତ ପଶୁମାନଙ୍କର ଟିକାକରଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳ, ଡିଏଫ୍‌ଓ ଓ ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀଙ୍କୁ କହିଛନ୍ତି। ଅଭୟାରଣ୍ୟରେ ଥିବା ସମସ୍ତ ଜଳାଶୟକୁ ତୁରନ୍ତ ବିଶୋଧନ କରିବା ଏବଂ ଜଳର ନମୁନା ନିୟମିତ ପରୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍, ଜଙ୍ଗଲ ବିଭାଗର ବରିଷ୍ଠ ଅଫିସରମାନେ ଉପସ୍ଥିତ ଥିଲେ। କଳାହାଣ୍ଡିରୁ ପିସିସିଏଫ୍ ଏବଂ ଜିଲାପାଳ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ ହାତୀ ମୃତ୍ୟୁ ସଂକ୍ରାନ୍ତ ପୂରା ତଥ୍ୟ ରଖିଥିଲେ। ଏହି ହାତୀମାନେ ପାଷ୍ଟରେଲା ମଲ୍ଟୋସିଡା (Pasteurella Multocida) ନାମକ ଏକ ବ୍ୟାକ୍ଟେରିଆ ଦ୍ୱାରା ସଂକ୍ରମିତ ହୋଇ ହେମୋରେଜିକ ସେପ୍ଟିସେମିଆ (Hemorrhagic Septicemia) ବା ସାହାଣା ରୋଗରେ ମରିଛନ୍ତି। ଏହି ଦଳରେ ସମୁଦାୟ ୮ ହାତୀରୁ ୬ଟିର ମୃତ୍ୟୁ ଘଟିଛି। ଏହି ଅଞ୍ଚଳରେ ଆଉ ଦୁଇଟି ହାତୀ ଦଳ ରହିଛନ୍ତି। ସେହି ଦଳଗୁଡ଼ିକୁ ଟ୍ରାକ୍ କରାଯାଇ ସେମାନେ ଯେପରି ସଂକ୍ରମିତ ଦଳର ସଂସ୍ପର୍ଶରେ ନ ଆସିବେ, ସେଥିପାଇଁ ପଦକ୍ଷେପ ନିଆଯାଉଛି। ଏହାସହିତ ଏହି ଅଞ୍ଚଳରେ ଥିବା ୪୩ଟି ଜଳାଶୟରୁ ୨୫ଟି ଜଳାଶୟର ବିଶୋଧନ କରାଯାଇଛି ଏବଂ ବାକିଗୁଡ଼ିକର ବିଶୋଧନ କରାଯାଉଛି। ହାତୀମାନଙ୍କର ଚଳପ୍ରଚଳ ଉପରେ ନଜର ରଖିବା ପାଇଁ ରେଞ୍ଜ୍ ଅଫିସର, ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଦୁଇଟି ଜୋନ୍‌କୁ ନେଇ ୧୦ ଟିମ୍ ଗଠନ କରାଯାଇଛି। ଜଙ୍ଗଲ ବିଭାଗ ଓ ପଶୁସମ୍ପଦ ବିଭାଗରୁ ଦୁଇଟି ରାଜ୍ୟସ୍ତରୀୟ ବିଶେଷଜ୍ଞ ଟିମ୍ ଗଠନ କରାଯାଇ ପରିସ୍ଥିତିକୁ ଆକଳନ କରାଯିବା ସହିତ ଅନ୍ୟାନ୍ୟ ପଦକ୍ଷେପ ନିଆଯାଉଛି। ଅଭୟାରଣ୍ୟ ଓ ଆଖପାଖ ଗାଁଗୁଡ଼ିକରେ ଗୃହପାଳିତ ପଶୁଗୁଡ଼ିକର ଟିକାକରଣ କରାଯାଉଛି। ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ ଆଇଜି ଏବଂ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ନିର୍ଦ୍ଦେଶକଙ୍କୁ ଓଡ଼ିଶାକୁ ଏକ ଟିମ୍ ପଠାଇ ପ୍ରତିରୋଧକ ବ୍ୟବସ୍ଥା ଓ ପରାମର୍ଶ ପାଇଁ ଅନୁରୋଧ କରାଯାଇଛି ବୋଲି ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ୧ ତାରିଖରେ କର୍ଲାପାଟ ନିକଟ ତେନ୍ତୁଳିପଦରଠାରେ ପ୍ରଥମେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ଏହାପରେ ଲଗାତାର ୬ ହାତୀଙ୍କ ମୃତ୍ୟୁ ହୋଇଛି। ହାତୀମଡ଼କ ବନ ବିଭାଗର ଚିନ୍ତା ବଢ଼ାଇ ଦେଇଥିବାବେଳେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ବ୍ୟଥିତ କରିଛି।



ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ ପାଣ୍ଡିଆନ।

**କର୍ଲାପାଟ ଅଭୟାରଣ୍ୟ ହାତୀ ମଡ଼କ ଘଟଣା**
- ସ୍ଥିତି ସମୀକ୍ଷାବେଳେ ଉଦ୍‌ବେଗ ପ୍ରକାଶ କଲେ
- ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ପଦକ୍ଷେପ ନେବାକୁ ପରାମର୍ଶ
- କେନ୍ଦ୍ରୀୟ ଟିମ୍ ପଠାଇବାକୁ ବନ ବିଭାଗର ଅନୁରୋଧ

## ସଂକ୍ଷେପରେ

### ହାତୀଛୁଆକୁ ମାରିଲା ବାଘ

**ବାରିପଦା ଅଫିସ/ରାଇରଙ୍ଗପୁର, ୧୫।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ବିଶୋଇ ରେଞ୍ଜ ଗାରଗା ବିଟ୍‌ହାଉସ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ଏକ ହାତୀଛୁଆର ମୃତଦେହକୁ ସୋମବାର ବନବିଭାଗ ଜବତ କରିଛି। ପାଦଚିହ୍ନକୁ ଦେଖି ମହାବଳ ବାଘ ଆକ୍ରମଣରେ ହାତୀଛୁଆର ମୃତ୍ୟୁ ହୋଇଥିବା ବନବିଭାଗ ଅନୁମାନ କରିଛି। ବ୍ୟବଚ୍ଛେଦ ପରେ ମୃତ ଛୁଆକୁ ମାଟିରେ ପୋତି ଦିଆଯାଇଛି। ଜଙ୍ଗଲରେ ହାତୀ ଶାବକର ମୃତଦେହରୁ ଦୁର୍ଗନ୍ଧ ବାହାରିବାରୁ ସ୍ଥାନୀୟ ଅଞ୍ଚଳବାସୀ ବନବିଭାଗକୁ ଖବର ଦେଇଥିଲେ। ଅତିରିକ୍ତ ବନ୍ୟପ୍ରାଣୀ ସଂରକ୍ଷକ ନବୀନ ଚନ୍ଦ୍ର ନାଏକ, ବୈଦ୍ୟନାଥ ମାଝୀ, ରାଇରଙ୍ଗପୁର ରେଞ୍ଜର ଅନ୍ତର୍ଯ୍ୟାମୀ ମହାକୁଡ, ବିଶୋଇ ରେଞ୍ଜର ପ୍ରଦୀପ କୁମାର ପୃଷ୍ଟି, ଫରେଷ୍ଟର ସତ୍ୟବ୍ରତ ପଟ୍ଟନାୟକ, ପ୍ରାଣୀ ଚିକିତ୍ସକ ନୀଳକଣ୍ଠ ଦାସ ଓ ଏସଟିଆର ଡା. ବିଶାଖା ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପକ୍ଷେ ବାଘ ଭୟରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସନ୍ଧ୍ୟା ପୂର୍ବରୁ ଲୋକେ ଘର ତାଟିକବାଟ ବନ୍ଦ କରି ରହୁଛନ୍ତି। ଜଙ୍ଗଲ ମଧ୍ୟକୁ ପ୍ରବେଶ ନ କରିବାକୁ ଅଞ୍ଚଳବାସୀଙ୍କୁ ବନବିଭାଗ ସଚେତନ କରିଛି।

### ଜେସିବି ବୁମ୍ ଖସି ବୃଦ୍ଧଙ୍କ ମୃତ୍ୟୁ



**ବୁଗୁଡ଼ା,୧୫।୨(ଡି.ଏନ.ଏ.):** ଗଞ୍ଜାମ ଜିଲା ବୁଗୁଡ଼ା ଥାନା ପାଙ୍ଗିଡ଼ି ମୁଖ୍ୟରାସ୍ତାରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। କାମରେ ନିୟୋଜିତ ଏକ ଜେସିବିର ବୁମ୍ ଖସି ଉପରେ ପଡ଼ିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପାଙ୍ଗିଡ଼ି ଗ୍ରାମର ପି.ସୁବାସ ଚନ୍ଦ୍ର ଦୋରା (୬୦)। ପ୍ରକାଶ ଯେ, ପାଣି ପାଇପ୍ ଯିବା ପାଇଁ ପାଙ୍ଗିଡ଼ି ଗ୍ରାମର ମୁଖ୍ୟରାସ୍ତା କଡ଼ରେ ସକାଳେ ଜେସିବି ସାହାଯ୍ୟରେ ଖନନ ଚାଲିଥିଲା। ଏହାକୁ କେତେଜଣ ସ୍ଥାନୀୟ ଲୋକ ଦେଖୁଥିବା ବେଳେ ହଠାତ୍ ଜେସିବିର ବୁମ୍‌ଟି ଛିଡ଼ିଯାଇ ସୁବାସଙ୍କ ଉପରେ ପଡ଼ିଯାଇଥିଲା। ବୁମ୍‌ର ମୁନିଆଁ ଭାଗ ଲାଗିଯିବାରୁ ସୁବାସ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଗୁଡ଼ା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇବା ସହ ନଂ.୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଚଳିତ ବର୍ଷ ଧାନ ସଂଗ୍ରହ ବଢ଼ିଛି

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ଗତବର୍ଷ ଅପେକ୍ଷା ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସଂଗ୍ରହ କରାଯାଇଥିବା ଖରିଫ୍ ଧାନ ଅଧିକ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ବିଭିନ୍ନ ପ୍ୟାକ୍ସ/ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ମାଧ୍ୟମରେ ଅଦ୍ୟାବଧି ମୋଟ ୫୩ ଲକ୍ଷ ୫୫ ହଜାର ୧୭୪ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଗତ ଖରିଫରେ ମାର୍ଚ୍ଚ ଶେଷ ସୁଦ୍ଧା ମୋଟ ୫୩ ଲକ୍ଷ ୩୧ ହଜାର ୧୮୬ ମେଟ୍ରିକ୍ ଟନ ଧାନ ସଂଗ୍ରହ ହୋଇଥିଲା। ଗତ ଖରିଫର ମୋଟ ଧାନ ସଂଗ୍ରହ ତୁଳନାରେ ଏବେ ସୁଦ୍ଧା ଅଧିକ ୨୩, ୯୮୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ସେହିପରି ଗତ ଖରିଫରେ ଏହି ତାରିଖରେ ସଂଗ୍ରହ ହୋଇଥିବା ଖରିଫ ଧାନଠାରୁ ଚଳିତ ଖରିଫରେ ଅଦ୍ୟାବଧି ୨୧ ପ୍ରତିଶତ ଅଧିକ ଧାନ ସଂଗ୍ରହ ହୋଇଛି। ଚଳିତ ଖରିଫ ଧାନ ସଂଗ୍ରହର ଅଗ୍ରଗତି ଆଶାନୁରୂପ ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିଭାଗ ଦ୍ୱାରା ପି-ପାସ ଜରିଆରେ ଓ ଚାଷୀଙ୍କୁ ଆଗୁଆ ଟୋକେନ ପ୍ରଦାନ ଦ୍ୱାରା ଧାନ କିଣାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆସିବା ସହ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଏହାସହ ଗତବର୍ଷ ଖରିଫରେ ଧାନ ବିକ୍ରି କରିଥିବା ମୋଟ ଚାଷୀଙ୍କ ସଂଖ୍ୟାଠାରୁ ଚଳିତ ବର୍ଷ ଅଦ୍ୟାବଧି ଅଧିକ ଚାଷୀ ଧାନ ବିକ୍ରି କରିସାରିଛନ୍ତି।

## ସ୍ୱାଧୀନତା ସ୍ମୃତି ଭବନରେ ବୁଦ୍ଧିଜୀବୀ ସମ୍ମିଳନୀ

**ସମ୍ବଲପୁର, ୧୫।୨ (ବ୍ୟୁରୋ):** ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଭାଜପା ପକ୍ଷରୁ ରବିବାର ରାତିରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଭାଜପା ସଭାପତି ଗିରିଶ ପଟେଲ ଅଧ୍ୟକ୍ଷତା କରିଥିଲେ। ଭାଜପା ପ୍ରଦେଶ ବୁଦ୍ଧିଜୀବୀ ପ୍ରକୋଷ୍ଠ ସଭାପତି ସୁଦର୍ଶନ ନାୟକ ମୁଖ୍ୟଅତିଥି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ବଜେଟ ଯୁଗାନ୍ତକାରୀ। ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ସମେତ ବହୁଜନଙ୍କ ହିତ ଉଦ୍ଦେଶ୍ୟରେ ହୋଇଛି ବୋଲି ବକ୍ତାମାନେ କହିଥିଲେ। ଡା. ରାଜକୁମାର ବଡପଣ୍ଡା, ଅନୀଲ ବେହେରା, ସତ୍ୟନାରାୟଣ ବଡପଣ୍ଡା, ବରଦାମାଧବ ଗୁରୁ, ଫଣିଭୂଷଣ ମିଶ୍ର ବକ୍ତବ୍ୟ ରଖିଥିଲେ।

## ଯାଜପୁର ସହକାରୀ ଜିଲାପାଳଙ୍କୁ ଆକ୍ରମଣ

**ଯାଜପୁର ଟାଉନ,୧୫।୨(ଡି.ଏନ.ଏ.):** ଯାଜପୁର ସହକାରୀ ଜିଲାପାଳ ତରଣୀସେନ ପଟ୍ଟନାୟକଙ୍କୁ ରବିବାର ରାତିରେ ୫ଜଣ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ଏଥିରେ ସେ ଆହତ ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରବିବାର ରାତିରେ ସେ ପରିବାର ସଦସ୍ୟଙ୍କ ସହ ଯାଜପୁର ଟାଉନସ୍ଥିତ ବାସଭବନକୁ ଫେରୁଥିଲେ। ସଦର ଥାନା କବିରପୁରଠାରେ ତାଙ୍କୁ କେତେଜଣ ଦୁର୍ବୃତ୍ତ ହଠାତ୍ ଘେରିଯାଇ ମାଡ଼ ମାରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହିତ ଦୁର୍ବୃତ୍ତମାନେ ତାଙ୍କ ମୋବାଇଲ ଫୋନ୍ ଓ ଟଙ୍କା ଛଡାଇ ନେଇ ଫେରାର ହୋଇଥିଲେ। ଏହି ଖବର ମିଳିବା ପରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।




କମିଶନରେଟ ପୋଲିସ ଏବଂ ସାମାଜିକ ସଙ୍ଗଠନ କମନ ଆକ୍ସନ ଫର୍ ରୋଡ୍ ସେଫ୍‌ଟି ସହଯୋଗରେ କଟକ ବାଦାମବାଡ଼ି ଛକରେ ସୋମବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ। ଏଥିରେ କମନ ଆକ୍ସନ ଫର୍ ରୋଡ୍ ସେଫ୍‌ଟିର ଚେୟାରମ୍ୟାନ ସୁଜିତ ସେନାପତି, ଅତିରିକ୍ତ ଡିସିପି ପ୍ରମୋଦ ରଥ, ଏସିପି ଏସ୍.ଏନ୍. ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।

## ରାଉରକେଲା ଏୟାରଷ୍ଟ୍ରିପ୍‌ରୁ ଖୁବ୍‌ଶୀଘ୍ର ବିମାନ ଉଡ଼ାଣ

**ଭୁବନେଶ୍ୱର, (ବ୍ୟୁରୋ)/ ରାଉରକେଲା ଅଫିସ, ୧୫।୨**

ବେସାମରିକ ବିମାନ ଚଳାଚଳ ସୁରକ୍ଷା ମହାନିର୍ଦ୍ଦେଶିକା ଉଷା ପାଢ଼ୀ ସୋମବାର ରାଉରକେଲା ଏୟାରଷ୍ଟ୍ରିପ ପରିଦର୍ଶନ କରିଛନ୍ତି। ଏଥିସହ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ସିଇଓ ଦୀପକ ଚଟ୍ଟରାଜ ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ରାଉରକେଲାରୁ ଖୁବ୍‌ଶୀଘ୍ର ବାଣିଜ୍ୟିକ ଭିତ୍ତିରେ ବିମାନ ଚଳାଚଳ ହେବ ବୋଲି ବୈଠକରୁ ସୂଚନା ମିଳିଛି।

**ଆର୍‌ଏସ୍‌ପି ଅଧିକାରୀଙ୍କ ସହ ଉଷା ପାଢ଼ୀଙ୍କ ଆଲୋଚନା**

କେନ୍ଦ୍ର ସରକାରଙ୍କ ଉଡାନ-୪ ଯୋଜନାରେ ସାମିଲ ହେବା ସତ୍ତ୍ୱେ କେତେକ ବୈଷୟିକ ସମସ୍ୟା ଯୋଗୁ ରାଉରକେଲାରୁ ଏପର୍ଯ୍ୟନ୍ତ ବିମାନ ଉଡ଼ିବା ସମ୍ଭବ ହୋଇପାରି ନାହିଁ। ଅତୀତରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀଙ୍କ ନେତୃତ୍ୱରେ ଉଚ୍ଚ କ୍ଷମତାସମ୍ପନ୍ନ ଟିମ୍ ଦୁଇ ଥର ବିମାନବନ୍ଦରର ଭିତ୍ତିଭୂମି ପରିଦର୍ଶନ କରିସାରିଛନ୍ତି। ୨ବି ଲାଇସେନ୍ସପ୍ରାପ୍ତ ଏହି ବିମାନ ବନ୍ଦରରୁ ୯ସିଟ୍ ବିଶିଷ୍ଟ ବିମାନ ଉଡ଼ିବା ପାଇଁ ଅନୁମତି ରହିଥିଲା। ତେବେ ଉଡାନ ଯୋଜନାରେ ସାମିଲ ହେବା ପରେ ଏଠାରୁ ୭୨ ସିଟ୍ ବିଶିଷ୍ଟ ବିମାନ ଉଡ଼ିବ। ସେଥିପାଇଁ ରନ୍‌ୱେ ସମ୍ପ୍ରସାରଣଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ବେସାମରିକ ବିମାନ ଚଳାଚଳ ସୁରକ୍ଷା ମହାନିର୍ଦ୍ଦେଶିକା ଏହାର ସମୀକ୍ଷା କରିଥିଲେ।

## 'ପ୍ରସ୍ତୁତ ହୋଇନି ଲିଙ୍ଗରାଜ ମନ୍ଦିର ବାଇ-ଲ' ଡ୍ରାଫ୍ଟ'

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

**ବାଇ-ଲ' ପ୍ରସଙ୍ଗରେ ମୁହଁ ଖୋଲିଲେ ଅପରାଜିତା**

ଏକାମ୍ର କ୍ଷେତ୍ରର ଲିଙ୍ଗରାଜ ମନ୍ଦିର ଉପରୁ ବାଇ-ଲ ପ୍ରତ୍ୟାହାର ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ଏହି ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ସେହିପରି ଏହି ପ୍ରସଙ୍ଗରେ କଂଗ୍ରେସ ଦସ୍ତଖତ ଅଭିଯାନ ଚଳାଇଛନ୍ତି। ହେଲେ ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ସରକାରଙ୍କ ଉପରେ ବର୍ଷିଛନ୍ତି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ସେ କହିଛନ୍ତି, ଜାନୁୟାରୀ ୨୯ରୁ ଫେବୃୟାରୀ ୧୩ ପର୍ଯ୍ୟନ୍ତ ସଂସଦ ଚାଲିଥିଲା। ଖବର ପାଇଲେ କେତେକ ଛକରେ ତାଙ୍କ ଫଟୋ ଥାଇ ନିଖୋଜ ପୋଷ୍ଟର ଲାଗିଛି। ମାର୍ଚ୍ଚ ୮ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଚାଲିବ। ଯେଉଁ ବନ୍ଧୁ ପୋଷ୍ଟର ଲଗାଇଥିଲେ ସେମାନଙ୍କୁ ଧନ୍ୟବାଦ। ସେମାନେ ତାଙ୍କ ଶୁଭେଚ୍ଛୁ। ବାଇ-ଲ' ପ୍ରସଙ୍ଗରେ ମନ୍ତ୍ରଣାଳୟ ସହ ବିସ୍ତୃତ ଭାବେ କଥା ହୋଇଛନ୍ତି, ରାଜ୍ୟ ସରକାର କଥା ବୁଝିବା ଦରକାର। ଆରୋପ, ପ୍ରତ୍ୟାରୋପରେ କିଛି ହେବନାହିଁ। ବିକାଶର କୌଣସି ଦଳ ନ ଥାଏ। ଭାରତର ୩୬୯୩ କୀର୍ତ୍ତିରାଜିରୁ ୮୦ଟି ଆମ ରାଜ୍ୟରେ ରହିଛି। ଏସବୁ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ନେଇ ଆଇନରେ ସ୍ପଷ୍ଟ ହୋଇଛି। କୀର୍ତ୍ତିରାଜିର ପ୍ରଥମ ୧୦୦ ମିଟର ନିଷିଦ୍ଧାଞ୍ଚଳ ବୋଲି ଆଇନରେ ରହିଛି। ୧୦୦ ମିଟର ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ୨ ଶହ ମିଟର ମଧ୍ୟରେ ଅନୁମତି ନେଇ କାର୍ଯ୍ୟ କରାଯାଇପାରିବ। ସଂସ୍କୃତି ନିର୍ଦ୍ଦେଶକ ଏନ୍‌ଏମ୍‌ଏକୁ ପଠାଇବେ, ସେଠାରୁ ଅନୁମତି ମିଳିଲେ କାମ ହୋଇପାରିବ। କାମ କରିବା ପାଇଁ ଅନୁମତି ମାଗିଲେ କେନ୍ଦ୍ର ବାଧା ଦେବ ନାହିଁ ବୋଲି ସେ କହିଛନ୍ତି।

ଅପରାଜିତା ଆହୁରି କହିଛନ୍ତି, ରାଜ୍ୟର ଯେଉଁ ୫ଟି ହେରିଟେଜକୁ ନେଇ ବାଇ-ଲ' ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଥିଲା ସେଥିରେ ଜଗନ୍ନାଥ ମନ୍ଦିର ଥିଲା, ଲିଙ୍ଗରାଜ ମନ୍ଦିର ନ ଥିଲା। ଯାହା ଏନ୍‌ଏମ୍‌ଏ ୱେବ୍‌ସାଇଟ୍‌ରେ ଉଲ୍ଲେଖ ଥିଲା। ତେବେ ଆପତ୍ତି ଅଭିଯୋଗ ଉଠିବା ପରେ ଜଗନ୍ନାଥ ମନ୍ଦିର ସମ୍ପର୍କରେ ବାଇ-ଲ' ଡ୍ରାଫ୍ଟ ପ୍ରତ୍ୟାହାର କରାଗଲା। ମୁଖ୍ୟତଃ ଲିଙ୍ଗରାଜ ମନ୍ଦିର ବାଇ-ଲ' ଡ୍ରାଫ୍ଟ ପ୍ରସ୍ତୁତ ହୋଇ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଯେଉଁମାନେ ଏକଥା ଉଠାଉଛନ୍ତି ସେମାନେ କିଛି ଜାଣିନାହାନ୍ତି। ଯାହା ସବୁ ଘଟିଲା ଏହା ଅଜ୍ଞାନତାର ପରିଚୟ। ଶାସନ ଏତେ ଅଜ୍ଞାନ ଓ ଅପରିପକ୍ୱ କେମିତି ହୋଇପାରିବ ବୋଲି ଅପରାଜିତା କହିଛନ୍ତି। ଏହି ଘଟଣାରେ ରାଜ୍ୟ ସରକାରଙ୍କ ମତାମତ ନିଆ ନ ଯିବା କଥା କହିବା ଅତ୍ୟନ୍ତ ହାସ୍ୟାସ୍ପଦ। ସଂସ୍କୃତି ନିର୍ଦ୍ଦେଶକଙ୍କ ଜରିଆରେ ଗଲା, ରାଜ୍ୟ ସରକାର ଜାଣିପାରିଲେ ନାହିଁ କେମିତି ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି।

## ଇ-ବିଧାନସଭା କର୍ମଶାଳା ଉଦ୍‌ଘାଟିତ

**ଅଧିବେଶନ ଆଗରୁ ହେଲା କୋଭିଡ୍ ପରୀକ୍ଷା**

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

ବିଧାନସଭାର ସମସ୍ତ ଗୃହକାର୍ଯ୍ୟ ଡିଜିଟାଲ ବ୍ୟବସ୍ଥାରେ ପରିଚାଳିତ ହେବା ନେଇ ୨ ଦିନିଆ ଜାତୀୟ ଇ-ବିଧାନ ପ୍ରୟୋଗ କର୍ମଶାଳା ଓଡିଶା ବିଧାନସଭା ନୂଆ ସମ୍ମିଳନୀ କକ୍ଷରେ ସୋମବାର ଉଦ୍‌ଘାଟିତ ହୋଇଛି। ଏହି କର୍ମଶାଳାକୁ ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବାଚସ୍ପତି କହିଛନ୍ତି, ଏଣିକି ବିଧାନସଭାର ସମସ୍ତ ଗୃହ କାର୍ଯ୍ୟର ବିବରଣୀ, ରାଜ୍ୟପାଳଙ୍କ ବଜେଟ ଅଭିଭାଷଣ, ରାଜ୍ୟ ବଜେଟ୍, ଅର୍ଥନୈତିକ ସର୍ବେକ୍ଷଣ ଆଦି ଜାତୀୟ ଇ-ବିଧାନ ଆପ୍ଲିକେସନ ବ୍ୟବସ୍ଥାରେ କରାଯିବ। ଏଥିପାଇଁ ଡିଜିଟାଲ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରାଯାଉଛି। ଏହି ବ୍ୟବସ୍ଥାରେ ସମସ୍ତ ତାରକା, ଅଣତାରକା ଚିହ୍ନିତ ପ୍ରଶ୍ନ ଓ ଉତ୍ତର ମଧ୍ୟ ଉପସ୍ଥାପିତ ହେବ। ବିଧାନସଭାରେ ପଚରାଯିବାକୁ ଥିବା ବିଧାୟକଙ୍କ ପ୍ରଶ୍ନ ଅନ୍‌ଲାଇନ୍‌ରେ ଉପସ୍ଥାପିତ ହେବ। କର୍ମଶାଳାରେ ଭାରତ ସରକାରଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରାଳୟର ଜାତୀୟ ଇ-ବିଧାନ ଆପ୍ଲିକେସନ୍ସ (ନେଭା)ର ସଂଯୋଜକ ଅର୍ପିତ୍ ତ୍ୟାଗୀ ଓ ଡାଟା ଆର୍କିଟେକ୍ ସମୀର ଭର୍ସନୀ ଏବଂ ଓଡିଶା ଶାଖା ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନ୍.ଆଇ.ସି)ର ନିର୍ଦ୍ଦେଶିକା ସରୀତା ସାହୁ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଅନ୍ୟପଟେ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ୩ ଦିନିଆ ଟେଷ୍ଟିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ବହୁ ସରକାରୀ କର୍ମଚାରୀ, ଖବରଦାତା ଏବଂ କେତେଜଣ ବିଧାୟକ ନିଜର ଟେଷ୍ଟିଂ କରିଛନ୍ତି। ଏହା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଡିଜିଟାଲ ବ୍ୟବସ୍ଥାରେ ବିଧାନସଭାର ସମସ୍ତ ଗୃହକାର୍ଯ୍ୟ ପରିଚାଳିତ ହେବା ନେଇ ସମସ୍ତ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯିବା ପାଇଁ କମ୍ପ୍ୟୁଟର ଜ୍ଞାନ କୌଶଳରେ ଦକ୍ଷ ଓ ଅଭିଜ୍ଞ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଆୟୋଜିତ କର୍ମଶାଳାରେ ବିଧାନସଭା ପ୍ରଶ୍ନ ପ୍ରସ୍ତୁତି ଓ ଗୃହ କାର୍ଯ୍ୟ ପରିଚାଳନାରେ ସମ୍ପୃକ୍ତ ପଦାଧିକାରୀ, ବୈଷୟିକ ଟିମ୍ ଏବଂ ସରକାରୀ କାର୍ଯ୍ୟାଳୟର ପ୍ରତିନିଧିମାନେ ଯୋଗ ଦେଇଛନ୍ତି।



ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ମନ୍ତ୍ରୀ ବିକ୍ରମକେଶରୀ ଆରୁଖଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ



**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସୁନ୍ଦରଗଡ଼ ଜିଲା ଗସ୍ତରେ ଯାଉଛନ୍ତି। ରାଉରକେଲାଠାରେ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ସହ ଜିଲାରେ ୧୭ଟି ବ୍ଲକରେ ଆଷ୍ଟ୍ରୋଟର୍ଫ ନିର୍ମାଣ ହେବ। ଜିଲାର ବିକାଶ ଲାଗି ସରକାର ପ୍ରାୟ ୪ ହଜାର ୮୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରାଉରକେଲା ସହର ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇଉଠିଛି। ସବୁଆଡ଼େ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ବ୍ୟାନରରେ ସାରା ସହରକୁ ଆଚ୍ଛାଦିତ କରାଯାଇସାରିଛି। ବିପିୟୁଟି ସଭାସ୍ଥଳ ମଧ୍ୟ ପ୍ରସ୍ତୁତ ହୋଇସାରିଛି। ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଲୋକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଲାଗି ୧୭ ମନ୍ତ୍ରୀ ଏବଂ ୭୦ ଜଣ ବିଧାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ୧୨ କୋଟି ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ ଏବଂ ୩୫୧ କୋଟି ଟଙ୍କା ଖର୍ଚ୍ଚରେ ୧୧ଟି ବୃହତ୍ ଉଠାଜଳସେଚନ ପ୍ରକଳ୍ପର ଶୁଭାରମ୍ଭ ହେବ। ବିଭିନ୍ନ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ୧୫୯୯ କୋଟି ଟଙ୍କା ଖର୍ଚ୍ଚ ହେବ। ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଗି ୧୦ଟି କସ୍ତୁରବା ଗାନ୍ଧୀ ଆବାସିକା ବାଳିକା ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୭ଟି ଛାତ୍ରାନିବାସ ଏବଂ ୧୬ଟି ଛାତ୍ରୀନିବାସ ଲାଗି ଶିଳାନ୍ୟାସ ହେବ। ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ମନ୍ତ୍ରୀ ଓ ବିଧାୟକଙ୍କୁ ଦାୟିତ୍ୱ ମିଳିଛି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୩୦ରେ ରାଉରକେଲା ବିପିୟୁଟି ପରିସରରେ ପହଞ୍ଚି ସବୁ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ। ଲୋକମାନେ ଏହାର ଲାଇଭ ଦେଖିବା ଲାଗି ୧୦୦ରୁ ଅଧିକ ସ୍ଥାନରେ ଏଲ୍‌ଇଡି ବ୍ୟବସ୍ଥା କରାଯାଇଛି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷାକୁ ଦୃଷ୍ଟିରେ ରଖି ୩୫ ପ୍ଲାଟୁନ ପୋଲିସ ମୁତୟନ ରହିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ପ୍ରଶାସନିକ ଅଧିକାରୀ, ଦଳୀୟ ନେତା, ପୋଲିସ ଏବଂ ମହାନଗର ନିଗମ ଅଧିକାରୀମାନେ ଲାଗି ପଡିଛନ୍ତି। ଏହା ପୂର୍ବରୁ ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼ାଇ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି।

## ହିଟ୍ ଆଣ୍ଡ ରନ୍: ୨ ଯାଯାବର ଶିଶୁ ମୃତ

**ଢେଙ୍କାନାଳ ଅଫିସ, ୧୫।୨**

ଶୋଇଥିବା ଅବସ୍ଥାରେ ମାଡ଼ିଗଲା ପିକ୍‌ଅପ୍ ଭ୍ୟାନ୍। ପରିବାର ଲୋକଙ୍କ ଆଖି ଆଗରେ ଚାଲିଗଲା ଯାଯାବର ସମ୍ପ୍ରଦାୟର ୨ ଶିଶୁକନ୍ୟାଙ୍କ ଜୀବନ। ଢେଙ୍କାନାଳ ସହର ବାଜିଚୌକସ୍ଥିତ ଓଭରବ୍ରିଜ୍ ତଳେ ସୋମବାର ଅପରାହ୍ନରେ ଘଟିଛି ଏଭଳି ଏକ ହୃଦୟବିଦାରକ ଦୁର୍ଘଟଣା। ମୃତକ ହେଲେ ସାଇନା ଖେରୱାର (୫) ଏବଂ ସୁହାନା ଖେରୱାର (୬)। ଏଥିରେ ଅନ୍ୟ ଜଣେ ଶିଶୁକନ୍ୟା ପମି ଖେରୱାର ଗୁରୁତର ହୋଇଛନ୍ତି। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ, ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

ପୋଲିସ ସୂଚନା ଅନୁଯାୟୀ, ବିହାର ରୋହତସ୍ ଜିଲା ମାନିନଗର ଅଞ୍ଚଳର ସନ୍ତୋଷ ଖେରୱାର ଓଭରବ୍ରିଜ ତଳେ ଥିବା ଖୋଲା ସ୍ଥାନରେ ସପରିବାର ରହୁଛନ୍ତି। ସେ ମହୁ, ଝୁଣା ବ୍ୟବସାୟ କରନ୍ତି। ତାଙ୍କର ୮ ସନ୍ତାନ। ଅପରାହ୍ନରେ ପିଲାମାନେ ଅସ୍ଥାୟୀ ତମ୍ବୁ ନିକଟରେ ଶୋଇଥିଲେ। ସାଢ଼େ ୩ଟାରେ ବାହାଘର ଭୋଜି ପାଇଁ ଜେନେରେଟର ଲୋଡ୍ କରି ନେଉଥିବା ପିକ୍ ଅପ୍ ଭ୍ୟାନ୍ (ଓଡ଼ି ୦୫ ଏଜେଡ୍ ୧୬୯୬) ଭାରସାମ୍ୟ ହରାଇ ଶୋଇଥିବା ଶିଶୁମାନଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ସାଇନା, ସୁହାନାଙ୍କ ମୃତ୍ୟୁ ଘଟିଥିବାବେଳେ ସେଠାରେ ଖେଳୁଥିବା ପମି ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ।

- ଶୋଇଥିବାବେଳେ ମାଡ଼ିଗଲା ପିକ୍‌ଅପ୍ ଭ୍ୟାନ୍
- ଅନ୍ୟ ଜଣେ ଝିଅ ଗୁରୁତର, ଡ୍ରାଇଭର ଫେରାର
- ତୀବ୍ର ଉତ୍ତେଜନା, ଭାରିଯାନ ଚଳାଚଳ ବନ୍ଦ ଦାବି

ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଭାରିଯାନ ଚଳାଚଳରେ କଟକଣା ନ ଥିବାରୁ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। କିଛିଦିନ ତଳେ ଓଭରବ୍ରିଜ ନିକଟରେ ବେପରୁଆ ଟ୍ରକ୍ ଚାଳନାରୁ ଦୁର୍ଘଟଣା ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ପ୍ରଶାସନ ଏବଂ ପୋଲିସ ଏହାର ପ୍ରତିକାର କରୁ ନ ଥିବାରୁ ଧନଜୀବନ ହାନି ହେଉଥିବା ମୃତ ଶିଶୁଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତହସିଲଦାର ଲକ୍ଷ୍ମୀଧର ରାଉତ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନାଧିକାରୀ ନମିତା ନାୟକ ସଦଳବଳ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏ ସଂକ୍ରାନ୍ତରେ ନଂ. ୮୧/୨୧ରେ ମାମଲା ରୁଜୁ ହୋଇଛି।

ଏ ସଂକ୍ରାନ୍ତରେ ତହସିଲଦାର କୁହନ୍ତି, ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଆହତ ଶିଶୁଙ୍କ ଚିକିତ୍ସା ମାଗଣାରେ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି। ଉକ୍ତ ଅଞ୍ଚଳ ଦେଇ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଓଭରବ୍ରିଜ୍ ତଳେ ରହୁଥିବା ଉକ୍ତ ଯାଯାବର ପରିବାରକୁ ପୌରସଂସ୍ଥା ପକ୍ଷରୁ ଥଇଥାନ କରାଯିବା ବ୍ୟବସ୍ଥା କରାଯାଉଛି।

## ରଜତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ଧନକଉଡ଼ା ମିନି ଷ୍ଟାଡିୟମରେ ରଜତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ଯୁଧିଷ୍ଠିର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଧନକଉଡ଼ା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଜିଲାର ମୋଟ ୧୬ ଗୋଟି ଦଳ ଭାଗ ନେବେ। କ୍ଲବର ସୁବୋଧ ଧରୁଆ, ଚିନ୍ମୟ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୧୭ ତାରିଖରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ ବୋଲି କମିଟି ସୂଚନା ଦେଇଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍, ଭିଏସ୍ଏସ୍ ଷ୍ଟାଡିୟମ, ସକାଳ ୮ଟା।
- -ଜିଲାସ୍ତରୀୟ ମହିଳା ଓ ପୁରୁଷ କବାଡି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ମନ୍ଦଲିଆ ଖେଳ ପଡିଆ, ସକାଳ ୮ଟା।
- -ରଜତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ଧନକଉଡା ଖେଳପଡିଆ, ସକାଳ ସାଢ଼େ ୮ଟା।
- -ଆଶୋକ ଲେଲାଣ୍ଡ କମ୍ପାନୀର ବାବା ଦୋସ୍ତ ଗାଡ଼ି ଶୁଭାରମ୍ଭ, ରେମେଡସ୍ଥିତ ଜଲାନ ଅଟୋମୋବାଇଲ୍, ପୂର୍ବାହ୍ନ ୧୧ଟା।
- -ମହିନ୍ଦ୍ରା କମ୍ପାନୀର ନୂତନ ଶୋ'ରୁମ୍ ଉଦ୍‌ଘାଟନ, ରେମେଡସ୍ଥିତ ଜିଏନ ଅଟୋନେଶନ୍, ପୂର୍ବାହ୍ନ ୧୧ଟା।
- -ଶ୍ରୀମଦ୍ ଭାଗବତ ପାଠ, ହାଟପଡା ହନୁମାନ ମନ୍ଦିର, ସନ୍ଧ୍ୟା ୫ଟା।

**ରାଉରକେଲା**

- ବାସନ୍ତୀ ପାଠାଗାରର ୩୫ତମ ବାର୍ଷିକୋତ୍ସବ, ବାସନ୍ତୀ ପାଠାଗାର, ଅପରାହ୍ନ ୭ଟା।
- ଅହିରାବନ୍ଧ ଜଗନ୍ନାଥ ମନ୍ଦିରର ବାର୍ଷିକୋତ୍ସବ, ସେକ୍ଟର-୩ ଜଗନ୍ନାଥ ମନ୍ଦିର, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବିଜେଡି ଚାନ୍ଦା ମାଗିବାରେ ବିଶ୍ୱାସ କରେ ନାହିଁ: ଜିଲା ସଭାପତି

ସମ୍ବଲପୁର, ୧୫।୨ (ବ୍ୟୁରୋ): ସମ୍ବଲପୁର ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ପ୍ରେସ ଇସ୍ତାହାରରେ ସୂଚନା ଦେଇ କହିଛନ୍ତି, ବିଜେଡି ଚାନ୍ଦା ମାଗିବା କିମ୍ବା ଦାଦାବଟି ସଂଗ୍ରହ କରିବାରେ ବିଶ୍ୱାସ କରେନାହିଁ। କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ବିଭିନ୍ନ ସମୟରେ ବିଜେଡି କିମ୍ବା ଜିଲା ସଭାପତି, ବିଧାୟକ, ପୂର୍ବତନ ବିଧାୟକଙ୍କ ନାମରେ ଚାନ୍ଦା ମାଗୁଥିବା ଅଭିଯୋଗ କରୁଛନ୍ତି। ସରକାରୀ ଅଫିସ, ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇ ଟଙ୍କା ଅସୁଲି କରୁଥିବା ନେଇ ଅଭିଯୋଗ ଆସିଛି। ଏଥିରେ ସ୍ପଷ୍ଟ କରି ଦିଆଯାଉଛି ଯେ, ଦଳ କିମ୍ବା କୌଣସି ନେତା ଚାନ୍ଦା ମାଗିବାରେ ସମ୍ପୃକ୍ତ ନାହାନ୍ତି କିମ୍ବା କାହାକୁ ଦାୟିତ୍ୱ ଦିଆଯାଇ ନାହିଁ। ଏଭଳି କିଛି ଘଟଣା ହେଲେ ପୋଲିସ ପାଖରେ ଅଭିଯୋଗ କରନ୍ତୁ ବୋଲି ସିଦ୍ଧାର୍ଥ ଅନୁରୋଧ କରିଛନ୍ତି।

### ପୌଷ୍ୟ ବିଦ୍ୟାଳୟ ଦାୟିତ୍ୱ ଦେବାକୁ ଅନୁରୋଧ

ସମ୍ବଲପୁର, ୧୫।୨(ବ୍ୟୁରୋ): ବିଜେଡି ରାଜ୍ୟ ସମ୍ପାଦକ ଶୈଳେଶ ଦାନି ପ୍ରମୁଖ ଶାସନ ସଚିବ ବିଦ୍ୟାଳୟ ଗଣଶିକ୍ଷା ବିଭାଗକୁ ଅନୁରୋଧ ପତ୍ର ଦେଇଛନ୍ତି। ସମ୍ବଲପୁର ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ବୁଢ଼ାରଜା ହାଇସ୍କୁଲକୁ ପୌଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିବାକୁ ଦାୟିତ୍ୱ ଦିଆଯାଉ ବୋଲି ସେ ଅନୁରୋଧ କରିଛନ୍ତି। ସରକାରଙ୍କ ମୋ ସ୍କୁଲ ଯୋଜନାରେ ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସେ ସ୍କୁଲକୁ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି। ଏହାର ନକଲ ସମ୍ବଲପୁର ଜିଲାପାଳ, ବୁଢ଼ାରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ପାଖକୁ ମଧ ପଠାଇଛନ୍ତି।

### ନର୍ସିଂ କଲେଜ ଅଧକ୍ଷାଙ୍କୁ ରିପୋର୍ଟ ତଲବ

ସମ୍ବଲପୁର,୧୫।୨(ବ୍ୟୁରୋ): ସମ୍ବଲପୁରର ବୁର୍ଲାସ୍ଥିତ ଭିମସାର ନର୍ସିଂ କଲେଜରେ ବିନା ରସିଦରେ ଟଙ୍କା ନିଆଯାଉଥିବା ନେଇ ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ଏହାକୁ ନେଇ ସରକାରଙ୍କ ନର୍ସିଂ ବିଭାଗ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଉପରେ ଉତ୍ତର ରଖିବାକୁ ଅଧକ୍ଷା ଲିଲାରାଣୀ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫେବୃୟାରୀ ୧୮ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଲାବ୍ ନିର୍ମାଣ ପାଇଁ ୪୮ ଲକ୍ଷ ୫୦ ହଜାର, ପ୍ରି ସର୍ଭିସ ଡେଭଲପମେଣ୍ଟ ପାଇଁ ୬ ଲକ୍ଷ, ଲାବ୍‌ରେ ଆଉଟ ସୋର୍ସିଂ ଷ୍ଟାଫ୍ ପାଇଁ ୪୫ ହଜାର, ଫର୍ନିଚର ଓ ଆଇଟି ଲାବ୍ ପାଇଁ ୬ ଲକ୍ଷ, ଲାଇବ୍ରେରି ବିକାଶ ପାଇଁ ୨୮ ହଜାର, ଲାବ୍ ପରିଚାଳନା ପାଇଁ ୨୦ ହଜାର, ଲାବ୍‌ର ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୨ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ଏହା ସହ କଲେଜରେ ଇଣ୍ଟରନେଟ ସୁବିଧା, ପାଣି ସୁବିଧା, ତ୍ରୟମାସିକ ବୈଠକ, ପରିବହନ ସୁବିଧା ଆଦି ନ କରିବା ଉପରେ ଉତ୍ତର ଦେବାକୁ କୁହାଯାଇଛି। ଏ ସମ୍ପର୍କରେ ଅଧକ୍ଷା ସ୍ୱାଇଁ କହିଛନ୍ତି, ଏନ୍‌ଏଚ୍‌ଏମ୍ ଅନୁଦାନ ଖର୍ଚ୍ଚ କରିବା ମୋ କ୍ଷମତା ବାହାରେ ରହିଛି। ଅନ୍ୟ ଅନୁଦାନ ଯାହା ରହିଛି ସବୁ ଖର୍ଚ୍ଚ ହୋଇଛି। କାଗଜପତ୍ର ମଧ ଠିକ୍ ଭାବେ ରହିଛି। ପାଣି ଓ ଅନ୍ୟାନ୍ୟ ସୁବିଧା କରାଯାଇଛି। ୧୮ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବି।

# ୧୬ ଆନ୍ଦୋଳନକାରୀ ଗିରଫ

- ଗାଁ ମଝିରେ କୋଇଲା ପରିବହନ ବନ୍ଦ ଘଟଣା
- ମିଥ୍ୟା ମାମଲାରେ ଗିରଫକୁ ନିନ୍ଦା

**ସୁନ୍ଦରଗଡ,୧୫।୨(ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ବଲିଙ୍ଗା-ଟପରିଆ ରାସ୍ତାର ଗାଁ ମଝିରେ କୋଇଲା ପରିବହନ ବନ୍ଦ ଦାବି ନେଇ ଗତ ଜାନୁୟାରୀ ୧୯ରୁ ଆନ୍ଦୋଳନ ଚାଲିଛି। ବର୍ତ୍ତମାନ ଆନ୍ଦୋଳନକାରୀଙ୍କ ବିରୋଧରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ୧୬ଜଣଙ୍କୁ ଗିରଫ କରିବା ସହ ଶତାଧିକଙ୍କୁ ନୋଟିସ ଜାରି କରି ଆନ୍ଦୋଳନସ୍ଥଳରେ ୧୪୪ ଧାରା ଜାରି କରିଛି। ଶାନ୍ତିପୂର୍ଣ୍ଣ ଭାବେ ନ୍ୟାଯ୍ୟ ଦାବି ନେଇ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଜନଶକ୍ତି ବିକାଶ ପରିଷଦ ନେତୃତ୍ୱରେ ଅଞ୍ଚଳବାସୀ ଧାରଣାରେ ବସିଥିବା ବେଳେ ଗତ ୭ତାରିଖରେ ରାଜ୍ୟ ମାନବାଧିକାର କମିଶନଙ୍କୁ ପରିଷଦ ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅଞ୍ଚଳର ସମସ୍ୟା ଉପରେ ଆନ୍ଦୋଳନକାରୀ ମାନେ କମିଶନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଫଳସ୍ୱରୂପ ଓଡିଶା ରାଜ୍ୟ ମାନବାଧିକାର କମିଶନ ଏହାର ବିଚାର କରି ଏପ୍ରିଲ ୫ତାରିଖ ପର୍ଯ୍ୟନ୍ତ ଏହି ରାସ୍ତା ଦେଇ କୋଇଲା ପରିବହନ ଖୋଲା କିମ୍ବା ବୋଝେଇ ଗାଡି ଚଳାଚଳକୁ କଟକଣା ଲଗାଇଥିଲେ। ଜିଲା ପ୍ରଶାସନ ତରଫରୁ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଆନ୍ଦୋଳନସ୍ଥଳରେ ପହଞ୍ଚି ଏହି ସୂଚନା ଦେବା ସହ ଆନ୍ଦୋଳନକୁ ବନ୍ଦ କରିବା ପାଇଁ କହିଥିଲେ। ଏହି ସୂଚନାକୁ ଆନ୍ଦୋଳନକାରୀ ମାନେ ସ୍ୱାଗତ କରିବା ସହ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ଶୁଣାଣୀ ଯାଏ ଆନ୍ଦୋଳନକୁ ୫ରୁ ୧୦ଜଣଙ୍କୁ ନେଇ ଶାନ୍ତିପୂର୍ଣ୍ଣ ଭାବରେ ଚାଲୁ ରହିବ ବୋଲି ପ୍ରସ୍ତାବ ରଖିଥିଲେ। ମାତ୍ର ଏହାର ପରଦିନ ମିଥ୍ୟା ଆରୋପ ଲଗାଇ ଜନଶକ୍ତି ବିକାଶ ପରିଷଦର ମୁଖ୍ୟ ରାଜେନ୍ଦ୍ର ନାଏକଙ୍କ ସମେତ ୧୬ଜଣଙ୍କୁ ପୋଲିସ ଗିରଫ କରିଛି। ଏହା ସହିତ ଟପରିଆ ଆନ୍ଦୋଳନସ୍ଥଳର ରୋଷେଇ ଚୂଲିରେ ପାଣି ଢାଳିଦେବା ସହ ଟେଣ୍ଟକୁ ଉପାଡି ଦିଆଯାଇଛି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଭାଙ୍ଗିବା ସହ ଆଦିବାସୀଙ୍କ ସ୍ୱରକୁ ଦବାଇ ରଖିବା ପାଇଁ ପ୍ରଶାସନର ଏହା ଚକ୍ରାନ୍ତ ବୋଲି ଜନବିକାଶ ପରିଷଦ ତରଫରୁ ଅଭିଯୋଗ କରାଯାଇଛି। ଆନ୍ଦୋଳନକାରୀଙ୍କ ଏଭଳି ଗିରଫଦାରିକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଉରକେଲା ଜୋନାଲ କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ଗିରଫ ବ୍ୟକ୍ତିଙ୍କୁ ଖଲାସ କରାଯିବାକୁ ଦାବି କରାଯାଇଛି। ଏହାକୁ ସିପିଆଇ ଜିଲା କମିଟି ପକ୍ଷରୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ଦାଶ, ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି ଦୃଢ ନିନ୍ଦା କରି ଗିରଫ ଆନ୍ଦୋଳନକାରୀ ମାନଙ୍କୁ ତୁରନ୍ତ ଖଲାସ ପାଇଁ ଦାବି କରିଛନ୍ତି। ନଚେତ୍ ଜନଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି କହିଛନ୍ତି।

## ୧୮ ଘଣ୍ଟା ପରେ ଉଠିଲା ମୃତଦେହ



ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

**ଟେନସା,୧୫।୨(ଡି.ଏନ.ଏ)**

ସୁନ୍ଦରଗଡ଼ କୋଇଡା ଥାନା ଭଞ୍ଜପାଲି ନିକଟରେ ରବିବାର ୮ଟା ସମୟରେ ଏକ ଟ୍ରକ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଭଞ୍ଜପାଲି ଗ୍ରାମର ରିଙ୍କୁ ଦେହୁରୀ ନାମକ (୨୪)ଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବି କରି ଭଞ୍ଜପାଲି ଗ୍ରାମର ଲୋକେ ରାସ୍ତା ଉପରେ ମୃତଦେହ ରଖି ଧାରଣାରେ ବସିଥିଲେ। ଖବର ପାଇ କୋଇଡ଼ା ପୋଲିସ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ବହୁ ବୁଝାଶୁଝା କରିଥିଲେ ମଧ ଆନ୍ଦୋଳନକାରୀମାନେ ଜିଦ୍‌ରେ ଅଟଳ ରହିଥିଲେ। ୧୮ଘଣ୍ଟା ପରେ ସୋମବାର ବଣାଇ ଅତିରିକ୍ତ ଏସ୍‌ପି ଏସ. କେ. ମଜବୁର ରେହେମାନ, କୋଇଡା ଆଇଆଇସି ଲୋକେଶ୍ୱର ସାହୁ, ଲହୁଣୀପଡା ଆଇଆଇସି ସନ୍ତୋଷ ଜେନା, ଟେନସା ଫାଣ୍ଡି ଅଧିକାରୀ ଅଶୋକ ବେହେରା, ସମାଜସେବୀ କୁଶ ଆପଟ, କୋଇଡ଼ା ବିଡ଼ିଓ ପଲ୍ଲବୀରାଣୀ ରାଜ, ତହସିଲଦାର ଶୁଭଦର୍ଶୀ ଯୋଶୀ, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଧୁରୀ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଜିଲା ଖଣିଜ ପାଣ୍ଠିରୁ ଏକ ଲକ୍ଷ ଟଙ୍କା, ରେଡକ୍ରସରୁ ୧୦ହଜାର ଟଙ୍କା, କୋଇଡା ଟ୍ରକ ସଙ୍ଘ ପକ୍ଷରୁ ଏକ ଲକ୍ଷ ଟଙ୍କା ଓ କେନ୍ଦୁଝର ଜିଲାର ବରିଷ୍ଠ ସମାଜସେବୀ କୁଶ ଆପଟ ଏକ ଲକ୍ଷ ଟଙ୍କା, ଟ୍ରକ ମାଲିକ ଏକ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

## ଓଏଚ୍‌ଆର୍‌ସିରେ ହାଜର ହେବେ ୩ ପୋଲିସ

**ଥାନା ହାଜତରେ ଅନାଥ ନାବାଳକଙ୍କୁ ଥାର୍ଡ ଡିଗ୍ରୀ ଘଟଣା**

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ସୁନ୍ଦରଗଡ଼ ଜିଲା ରାଉରକେଲା ଉଦିତନଗର ଥାନା ହାଜତରେ ଜଣେ ଅନାଥ ନାବାଳକଙ୍କୁ ଥାର୍ଡ ଡିଗ୍ରୀ ଘଟଣାରେ ଏସ୍‌ପିଙ୍କ ତଦନ୍ତ ରିପୋର୍ଟ ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ହସ୍ତଗତ ହୋଇଛି। ନାବାଳକଙ୍କୁ ୩ଜଣ ପୋଲିସ ଥାନାରେ ନିର୍ଯାତନା ଦେଇଥିବା ତଦନ୍ତ ରିପୋର୍ଟରୁ ଜଣାପଡିଛି। ତେଣୁ ସମ୍ପୃକ୍ତ ୩ ଅଫିସରଙ୍କୁ ଆସନ୍ତା ଏପ୍ରିଲ ୧୯ରେ ହାଜର ହେବାକୁ ଓଏଚ୍‌ଆସି ନୋଟିସ୍ ଜାରି କରିଛନ୍ତି। ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ସୂଚନା ମିଳିଛି।

ଗତ ଜାନୁୟାରୀ ୪ରେ ଏକ ଚୋରି ମାମଲାରେ ଉଦିତନଗର ଥାନା ପୋଲିସ ଜଣେ ନାବାଳକଙ୍କୁ ଉଠାଇ ଆଣିଥିଲା। ଦୁଇଦିନ ଧରି ଥାନାରେ ରଖି ତାଙ୍କୁ ମାଡ଼ ମାରିବା ସହ ବିଦ୍ୟୁତ୍ ସକ୍ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ନାବାଳକଙ୍କ ବାପା ଓ ମା' ନ ଥିବାବେଳେ ସେ ତାଙ୍କ ବୁଢ଼ି ମା'ଙ୍କ ପାଖରେ ରହୁଥିଲେ। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଓଏଚ୍‌ଆର୍‌ସିରେ ପିଟିଶନ ଦେଇଥିଲେ। ଏହାର ଶୁଣାଣି କରି କମିଶନ ରାଉରକେଲା ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଥିଲେ। ଅନ୍ୟପକ୍ଷେ କମିଶନ ନିଜ ପକ୍ଷରୁ ମଧ ଏକ ମାମଲା ରୁଜୁ କରିଥିଲେ।



ଭିଏସ୍ଏସ୍ ଷ୍ଟାଡିୟମରେ ଜିଲା କ୍ରୀଡାଧିକାରୀ, ଫୁଟ୍‌ବଲ କୋଚଙ୍କ ସହ ଚୟନ ହୋଇଥିବା ଖେଳାଳିମାନେ।

## ବେକାରି ସମସ୍ୟା ବିରୋଧରେ ପ୍ରତିବାଦ

**ରାଉରକେଲା ଅଫିସ,୧୫।୨**

ଅଖିଳ ଭାରତୀୟ ଛାତ୍ର କଂଗ୍ରେସର ସହ ପ୍ରଭାରୀ ତଥା ସଂଯୋଜକ ବିବେକ ସିଂ ପଟେଲଙ୍କ ରାଉରକେଲା ଗସ୍ତ ଅବସରରେ ରାଉରକେଲା ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ସୁମିତ କଂସାରି, ସୌମ୍ୟ ନାୟକ, ରାଜ୍ୟ ସମ୍ପାଦକ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଆମ୍ବାଗାନ ଛକରେ ଏକ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଛି। ଗତ ୪ ବର୍ଷ ପୂର୍ବରୁ କେନ୍ଦ୍ରର ମୋଦି ସରକାର କ୍ଷମତାକୁ ଆସିବା ପରେ ବେକାରୀ ସମସ୍ୟା ହଟାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯାହା ମିଥ୍ୟା ପ୍ରଚାର ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଥିଲା। ପ୍ରତିବାଦ ସଭାରେ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଦେଶରେ ବହୁ ଇଞ୍ଜିନିୟର, ଏମ୍‌ବିଏ, ଡିପ୍ଲୋମାଧାରୀ ଏମ୍‌ସିଏ, କୃଷି ବିଶେଷଜ୍ଞ ତଥା ଅନ୍ୟାନ୍ୟ ବିଷୟରେ ପାଠ ପଢୁଥିବା ଯୁବତୀ ଯୁବକ ବେକାରୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତେଣୁ ମୋଦି ସରକାର ଶିକ୍ଷିତ ମାନଙ୍କୁ ଚାକିରି ଦିଅ, ନଚେତ ଡିଗ୍ରୀ ସାର୍ଟିଫିକେଟ୍ ଫେରାଇ ନିଅ ବୋଲି ପଟେଲ ଆହ୍ୱାନ ଦେଇଥିଲେ। ପୂର୍ବତନ କଂଗ୍ରେସ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଜିଲା କଂଗ୍ରେସ ସଭାପତି ରବି ରାୟ, ଅଜିତ ସାମଲ, ସୋମନାଥ ପଣ୍ଡା, ଇଜାଜ ଅଖତର,ଏମ୍‌ଡ଼ି ଫିରଦୋଷ, ଅନୀତା ମହାନନ୍ଦ, ଡେଭିଡ, ସୀମା ସାହୁ, ସଙ୍ଗୀତା ସାହୁ, ନିତୁ ସୁନା, ସୌଜନ ଦାଶଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମାଡ୍ରି କାଲୋଙ୍କ ୧୭୩ତମ ଜୟନ୍ତୀ ପାଳିତ



ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବଡଗାଁ, ୧୫।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଠାରୁ ୧୬ କିମି ଦୂର ବାମରା ବ୍ଲକ ଅନ୍ତର୍ଗତ ସର୍ଗିଡିହି ଗ୍ରାମରେ ରବିବାର ମାଡ୍ରି କାଲୋଙ୍କ ୧୭୩ ତମ ଜୟନ୍ତୀ ପାଳନ ଓ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ସର୍ଗିଡିହି ଗ୍ରାମର ଜଗନ୍ନାଥ ମନ୍ଦିରରୁ ଭୂୟାଁ ସମାଜର ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ସ୍ୱର୍ଗତ ମାଡ୍ରି କାଲୋଙ୍କ ଫଟୋଚିତ୍ର ଧରି ଖେଳ ପଡିଆକୁ ଆସିଥିଲେ। ସେଠାରେ ଆୟୋଜିତ ସଭାରେ ସମାଜର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡା. ପ୍ରଫୁଲ୍ଲ ମାଝୀ ଯୁବ ଗୋଷ୍ଠୀ ମାଡ୍ରି କାଲୋଙ୍କ ପ୍ରେରଣା ସୂତ୍ରକୁ ନେଇ ପ୍ରେରିତ ହେବା ଓ ଭବିଷ୍ୟତ ପୀଢ଼ି ପାଇଁ ଚେଷ୍ଟିତ ହେବାକୁ କହିଥିଲେ। ସମାଜର ରାଷ୍ଟ୍ରୀୟ ମହାସଚିବ ଧ୍ରୁବ କାଲୋ ସ୍ୱର୍ଗତ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ଘୋଷଣା କରିବାକୁ ଦାବି ଜଣାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମୁଖରାମ ନାଏକ, ଅବସରପ୍ରାପ୍ତ ଡିଏସ୍‌ପି ଦାମୋଦର ମାଝୀ ମାଡ୍ରି କାଲୋଙ୍କ ଅବଦାନ, ବଳିଦାନ ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଚାଲିଥିବା ପଞ୍ଚ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ବଳଦମାଳି ଟିମ୍ ତଲସରା ଟିମକୁ ହରାଇ ଚାମ୍ପିୟନ ହୋଇଥିଲା। ଉଭୟ କାର୍ଯ୍ୟକ୍ରମରେ ସମାଜର କର୍ମକର୍ତ୍ତା ରବିରତ୍ନ ପଟେଲ, ହୃଷିକେଶ ଅମାତ, ପ୍ରତାପ ନାରାୟଣ ସିଂ, ଇନ୍ଦୁମତି ନାଏକ, ବିମ୍ବାଧର ଅମାତ, ରଘୁନାଥ ବେହେରା, ସୋନୁ ନାଏକ, ଧରମ ସିଂ କାଲୋ, ମୁରଲୀଧର କୋଟିବାର ପ୍ରମୁଖ ଯୋଗ ଦେଇଥିଲେ। ହରିଶ୍ଚନ୍ଦ୍ର ମାଝୀ, ଇନ୍ଦ୍ର ମଲ୍ଲିକ, ହେମାନନ୍ଦ ସା, ବିଜନ ପ୍ରସାଦ ମାଝୀ, କ୍ଷୀରୋଦ କାଲୋ, ଶକୁନ୍ତଳା ଦିଶ୍ରୀ, ଗଜେନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଜେଲ ଗଲେ ଶାଶୁ, ନଣନ୍ଦ ଓ ସ୍ୱାମୀ

**ବୋହୂଙ୍କୁ ପୋଡ଼ି ମାରିବା ଘଟଣା**

**ରେଢାଖୋଲ,୧୫।୨ (ଡି.ଏନ୍.ଏ.)**

ବୋହୂଙ୍କୁ ନିର୍ଯାତନା ଦେଇ ପୋଡ଼ି ମାରିବା ଘଟଣାରେ ରେଢାଖୋଲ ପୋଲିସ ସୋମବାର ଶାଶୁ, ନଣନ୍ଦ ଓ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ୨୦୧୭ ଏପ୍ରିଲ ୧୯ରେ ଅନୁଗୋଳ ଜିଲା ମାଧପୁର ଗ୍ରାମର କୃଷ୍ଣ ବେହେରାଙ୍କ ଝିଅ ରୁନୁ ରେଢାଖୋଲ ଥାନା ଗୋବିନ୍ଦପୁର ଗ୍ରାମର ଶିବ ବେହେରାଙ୍କ ପୁଅ ବସନ୍ତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ଶାଶୁଘର ଲୋକଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ଅଧିକ ଯୌତୁକ ଦାବି କରିବା ସହ ପିଲାଛୁଆ ହେଉ ନ ଥିବାରୁ ଶାଶୁ ଭୂମି ବେହେରା, ନଣନ୍ଦ ନମିତା ବେହେରା ଓ ସ୍ୱାମୀ ବସନ୍ତ ମିଳିତ ଭାବେ ରୁନୁଙ୍କୁ ମାରିଦେବାକୁ ଉଦ୍ୟମ କରି ୨୯ ଡିସେମ୍ବର ୨୦୨୦ରେ ଘରେ ରୋଷେଇ କରୁଥିବାବେଳେ ପେଟ୍ରୋଲ ଢାଳି ପୋଡି ଦେଇଥିଲେ। ଚିତ୍କାର ଶୁଣି ପଡିଶା ଘର ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ନିଆଯାଇଥିଲା। ଫେବୃୟାରୀ ୨ ପର୍ଯ୍ୟନ୍ତ ଚିକିତ୍ସିତ ହୋଇ ସେ ବାପଘରକୁ ଫେରିଥିଲେ। ତେବେ ଫେବୃୟାରୀ ୬ରେ ପୁଣି ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ବାପା କୃଷ୍ଣ ବେହେରା ଗତ ୧୦ ତାରିଖରେ ରେଢାଖୋଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୪୯୮(କ),୨୯୪, ୩୦୨, ୩୦୪(କ)/୩୪ ଆଇପିସିରେ ମାମଲା (ନଂ.୨୬/୨୧) ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

## ପ୍ରକାଶ ସ୍ମାରକୀ କ୍ରିକେଟ: ୱାଇସିସି ଚାମ୍ପିୟନ

**ରାଉରକେଲା ଅଫିସ,୧୫।୨**

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ୧୪ତମ ପ୍ରକାଶ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ୱାଇସିସି ଓ ଜେଡିସିସି ଦଳ ମଧ୍ୟରେ ଖେଳାଯାଇଥିଲା। ବାସନ୍ତୀ କଲୋନୀର ୱାଇସିସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ଜେଡ଼ିସିସି ଦଳ ୧୫୪ ରନ କରି ଅଲଆଉଟ ହୋଇ ପରାଜିତ ହୋଇଥିଲା। ସିଏ ରାଜେଶ ପଟ୍ଟନାୟକ ମୁଖ୍ୟ ଅତିଥି, ବ୍ୟବସାୟୀ ନିର୍ମଳ ଜୈନ, ଅଶେଷ ମହାନ୍ତି, ସିପୁ ପଟ୍ଟନାୟକ, ଅରବିନ୍ଦ ସିଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅସମ୍ମଦ ହୁସେନକୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରାଯାଇଥିଲା। ୱାଇସିସି କ୍ଲବର ସାଧାରଣ ସମ୍ପାଦକ ଶୁଭେନ୍ଦୁ ଧଳ, ସଞ୍ଜୟ ପ୍ରଧାନ, ରୋହିତ ଅଗ୍ରୱାଲ, ବାଣେଶ୍ୱର ସେଠୀ, ବିପ୍ଲବ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାର୍ଥୀ ଜୀବନର ସଦୁପଯୋଗ କର

- ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ
- ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

**ସୁନ୍ଦରଗଡ, ୧୫।୨ (ଡି.ଏନ୍.ଏ)**

ବିଦ୍ୟାର୍ଥୀ ଜୀବନ ହିଁ ଜୀବନର ମହାର୍ଘ ମୁହୂର୍ତ୍ତ। ଏହି ମୁହୂର୍ତ୍ତର ସଦୁପଯୋଗ କରି ଅଧ୍ୟୟନରେ ବ୍ରତୀ ହୋଇ ଜ୍ଞାନ ଅର୍ଜନ ମାଧ୍ୟମରେ ନିଜକୁ ଭବିଷ୍ୟତର ସୁନାଗରିକ ଭାବେ ଗଢି ତୋଳିବାକୁ ପଡିବ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମରେ ଏଭଳି ପରାମର୍ଶ ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ। ସୋମବାର ଅପରାହ୍ନରେ ମନ୍ତ୍ରୀ ସାହୁ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କେବଳ ପାଠ୍ୟପୁସ୍ତକ ଅଧ୍ୟୟନରେ ନିଜର ଅଧ୍ୟୟନ ପ୍ରବୃତ୍ତିକୁ ସୀମିତ ନ ରଖିବାକୁ କହିଥିଲେ। ବିଭିନ୍ନ ପୁସ୍ତକ ପଠନ ମାଧ୍ୟମରେ ନିଜ ଜ୍ଞାନର ଅଭିବୃଦ୍ଧି ସହ ପିତାମାତାଙ୍କ ସ୍ୱପ୍ନକୁ ସାକାର କରି ସମାଜ ତଥା ରାଷ୍ଟ୍ର ନିର୍ମାଣରେ ଭାଗୀଦାରୀ ହେବାକୁ ମନ୍ତ୍ରୀ ସାହୁ ଆହ୍ୱାନ ଦେଇଥିଲେ। ସମ୍ପ୍ରତି ସୋସିଆଲ ମିଡିଆ ଯୁଗରେ ଏହାର ସକରାତ୍ମକ ସୁଯୋଗ ନେବାକୁ ସେ ଛାତ୍ରଛାତ୍ରୀ ମାନଙ୍କୁ କହିବା ସହ ଉଭୟ ଶାରୀରିକ ଓ ମାନସିକସ୍ତରରେ ନିଜକୁ ସୁସ୍ଥ ରଖିବାକୁ କହିଥିଲେ। ମନ୍ତ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ମୋ କଲେଜ ଅଭିଯାନ ସମ୍ପର୍କରେ ଆଲୋକପାତ କରି କଲେଜର ଶିକ୍ଷକ, ପୁରାତନ ଛାତ୍ର, ଛାତ୍ର ଓ ଅଭିଭାବକଙ୍କ ସହଭାଗିତାରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ଭବ ବୋଲି କହିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସୁଧୀର କୁମାର ଦାଶ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ଡଃ ଲଳିତ ରଞ୍ଜନ ସାହୁ ଧନ୍ୟବାନ ଅର୍ପଣ କରିଥିଲେ।

# କଂଗ୍ରେସର ୬ ଘଣ୍ଟିଆ ବନ୍ଦ ପାଳନ

**ସମ୍ବଲପୁର,୧୫।୨(ବ୍ୟୁରୋ)**

ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଗ୍ୟାସ ଓ ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ପ୍ରତିବାଦରେ ଜିଲା କଂଗ୍ରେସ ପକ୍ଷରୁ ସୋମବାର ବନ୍ଦ ପାଳନ କରାଯାଇଥିଲା। ସମ୍ବଲପୁର ଜିଲା କଂଗ୍ରେସ ସଭାପତି ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ପୂର୍ବରୁ ସୂଚନା ଦିଆଯାଇଥିବାରୁ ଦୋକାନବଜାର ବନ୍ଦ ରହିଥିଲା। କର୍ମୀମାନେ ବିଭିନ୍ନ ଅଫିସକୁ ଯାଇ ଅଧିକାରୀଙ୍କୁ କାମ ବନ୍ଦ କରି ବାହାରିଯିବାକୁ ଅନୁରୋଧ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ସ୍କୁଲ କଲେଜ ବନ୍ଦ ରହିଥିଲା। ୫୫ନଂ. ଜାତୀୟ ରାଜପଥର ଅଇଁଠାପାଲି ଛକ ଓ ରାଜ୍ୟ ରାଜପଥ ଅବରୋଧ ଯୋଗୁ ଯାନବାହନ ଅଟକି ରହିଥିଲା। କର୍ମୀମାନେ ବିଭିନ୍ନ ପେଟ୍ରୋଲ ପମ୍ପକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୋଷ୍ଟର ଚିରି ଦେଇଥିଲେ। ଏପରି କି ପୋଷ୍ଟରରେ ଥିବା ମୋଦିଙ୍କ ଫଟୋଚିତ୍ରରେ କଳା ବୋଳି ଦେଇଥିଲେ। ପଡ଼ିଆବାହାଲ ଛକରେ ଏକ ଦୋକାନୀ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୋକାନ ବନ୍ଦ କରିବାକୁ କହିବାରୁ ଉଭୟଙ୍କ ଭିତରେ ବଚସା ହୋଇ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ହେଲେ ସଦର ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ ବନ୍ଦ ପାଳନକୁ ନେଇ ଏଭଳି ଘଟଣା ହୋଇ ନ ଥିବା କହିଛନ୍ତି। ନିରଞ୍ଜନ ତ୍ରିପାଠୀ, ସୁତାପା ମିତ୍ର, ସସ୍ମିତା ଦେହୁରି, ବିଜୟଲକ୍ଷ୍ମୀ ବେହେରା, ଚନ୍ଦ୍ର ପୁରୋହିତ, ଚନ୍ଦ୍ରକାନ୍ତ ମହାନ୍ତି, ଜୟରାମ ବଣିଆ ପ୍ରମୁଖ ସାମିଲ ଥିଲେ।



ସମ୍ବଲପୁର ବ୍ୟବସାୟିକ ପେଣ୍ଠସ୍ଥଳ ଗୋଲବଜାର ଶୂନଶାନ।

## ଝାରସୁଗୁଡ଼ାରେ ଜନଜୀବନ ପ୍ରଭାବିତ

**ଲଖନପୁର,୧୫।୨(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା କଂଗ୍ରେସ ତରଫରୁ ଜିଲାର ବିଭିନ୍ନ ପୌରାଞ୍ଚଳ, ବ୍ଲକ୍ ଓ ଗ୍ରାମାଞ୍ଚଳରେ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ, ଦୋକାନ ବଜାର ବନ୍ଦ ରହିଥିଲା। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ ପୌରାଞ୍ଚଳ ସମେତ ଲଖନପୁର, କୁଲାବିରା, ଲଇକେରା ଓ କିର୍ମିରା ବ୍ଲକ୍‌ରେ ଏହାର ପ୍ରଭାବ ପଡିଥିଲା। ଝାରସୁଗୁଡାର ଷ୍ଟେଶନ ଛକ, ବସ୍‌ଷ୍ଟାଣ୍ଡ ଗାନ୍ଧୀ ଛକ, ବେହେରାମାଲ, ମୁଙ୍ଗାପଡ଼ା ଆଦି ସ୍ଥାନରେ ଦଳୀୟ କର୍ମକର୍ତ୍ତା ପିକେଟିଂ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ସଭାପତି ଭରତ ଅଗସ୍ତିଙ୍କ ନେତୃତ୍ୱରେ ଫକୀର ନାୟକ, ଭାଗୀରଥ ପାତ୍ର, ମନୀଷ ବାଜପେୟୀ, ପ୍ରଦୀପ୍ତା ପାତ୍ର, ସସ୍ମିତ ପଟେଲ, ମୁନା ଖାନ, ବବୁଲ ଓଡାତା, ମହମ୍ମଦ ଓରିସ୍ ପ୍ରମୁଖ ସାମିଲ ଥିଲେ। ବେଲପାହାଡ଼ ପୌରାଞ୍ଚଳରେ ବୁଲୁ ପଣ୍ଡାଙ୍କ ନେତୃତ୍ୱରେ ଭାସ୍କର ପଟେଲ, ଟୁଲୁ ମେହେର, ରାଜେଶ ଶୁକ୍ଳା, ବନ୍ଧବାହାଲ ଶିଳ୍ପାଞ୍ଚଳରେ ସୁବ୍ରତ ପ୍ରଧାନ, ବାବୁଲ ରାୟ, ପିଣ୍ଟୁ ଖମାରୀ, ଲଖନପୁର ବ୍ଲକ୍‌ରେ ବେଣୁଧର ଭୋଇଙ୍କ ନେତୃତ୍ୱରେ ମହେନ୍ଦ୍ର ପ୍ରଧାନ, ଭାସ୍କର ପ୍ରଧାନ, ଭୀମସେନ ମୁଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଲଖନପୁର ୩ନଂ. ଜୋନ୍‌ରେ ଲିଙ୍ଗରାଜ ବଡେଇଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହୋଇଥିଲା।

# ହିଡେନ୍ କ୍ୟାମେରା କେତେ ସୁରକ୍ଷିତ ମହିଳା



ହିଡେନ୍ କ୍ୟାମେରା ! କେତେବେଳେ ଜଗୁଆଳିର କାମ କରେ ତ ଆଉ କେତେବେଳେ ଚୋରି ଡକାୟତିଠାରୁ ଆରମ୍ଭ କରି ବିଭିନ୍ନ ଅପରାଧର ପାଲଟେ ସାକ୍ଷୀ। ହେଲେ ଅନେକଙ୍କ ଲାଗି ଏହା ମଧ୍ୟ ପାଲଟିଛି ଚିନ୍ତାର କାରଣ। ଏହି କ୍ୟାମେରାର ଅପବ୍ୟବହାର କରି ଯୁବତୀ କିମ୍ବା ମହିଳାଙ୍କର ଟ୍ରାଏଲ୍ ରୁମ୍ ଭିତରେ ଚେଞ୍ଜ କରିବା ବେଳର ନଗ୍ନ ଫଟୋ ହେଉ କିମ୍ବା ହୋଟେଲ୍, ଲଜ୍ ଆଦିରେ ରହିବାକୁ ଆସୁଥିବା ଦମ୍ପତିଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ରେକର୍ଡ କରି ବ୍ଲାକ୍‌ମେଲ୍ କରୁଥିବାର ଘଟଣା ବଢୁଥିବାର ଦେଖିବାକୁ ମିଳୁଛି। ତେଣୁ ଏଥିପ୍ରତି ସତର୍କ ରହିବା ଆବଶ୍ୟକ...





ହିଡେନ୍ ବା ସ୍ପାଏ କ୍ୟାମେରା ମଣିଷ ସମାଜ ପାଇଁ ଏକ ବରଦାନ ସଦୃଶ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ମଣିଷଙ୍କ ଅନୁପସ୍ଥିତିରେ ଏହା ଜଗୁଆଳି ଭଳି କାମ କରୁଛି । ଏହାଦ୍ୱାରା ଚୋରି, ଡକାୟତି, ମର୍ଡର ଭଳି ବିଭିନ୍ନ ଅପରାଧମୂଳକ ଘଟଣା ଖୁବ୍ ସହଜରେ ଲୋକଲୋଚନକୁ ଆସିପାରୁଛି ଏବଂ ଏହି ପ୍ରମାଣକୁ ଆଧାରକରି ଦୋଷୀକୁ ଦଣ୍ଡିତ କରାଯାଉଛି। ତେଣୁ ଏବେ ଛୋଟ ବଡ଼ ଦୋକାନରୁ ଆରମ୍ଭ କରି କଲେଜ, ଅଫିସ୍, ରାସ୍ତା, ଘର ଆଦି ସ୍ଥାନରେ ସୁରକ୍ଷାକୁ ଆଖି ଆଗରେ ରଖି ସିସି କ୍ୟାମେରା ଲଗାଯାଉଛି। ହେଲେ ବର୍ତ୍ତମାନ ଅନେକେ ଏହାକୁ ଏକ କ୍ରାଇମ୍ ଇକ୍ୟୁପ୍‌ମେଣ୍ଟ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଫଳରେ ଯୁବତୀ ଏବଂ ମହିଳାମାନେ ଏହାର ନକାରାତ୍ମକ ପ୍ରୟୋଗର ଶିକାର ହେଉଛନ୍ତି। ବର୍ତ୍ତମାନ ନୂଆ ଡ୍ରେସ୍ କିଣିବା ବେଳେ ଟ୍ରାଏଲ୍ ରୁମ୍‌ରେ ଚେଞ୍ଜ କରିବା ସମୟରେ ସେମାନଙ୍କ ଫଟୋ ହେଉ କିମ୍ବା ବିଭିନ୍ନ ହୋଟେଲ୍‌କୁ ହନିମୁନ୍‌ରେ ଆସୁଥିବା ନବ ବିବାହିତ ଦମ୍ପତି ଅବା ଛୁଟି କାଟିବାକୁ ଆସୁଥିବା ପ୍ରେମୀଯୁଗଳଙ୍କ ଅନ୍ତରଙ୍ଗ ମୁହୂର୍ତ୍ତକୁ ରେକର୍ଡ କରିବା କିଛି ଅସାମାଜିକ ମନୋବୃତ୍ତିର ଲୋକଙ୍କ ଲାଗି ଏକ ବିଜ୍‌ନେସ୍ ପାଲଟିଛି। ଏଭଳି ଫଟୋ ଏବଂ ଭିଡିଓକୁ ବିଭିନ୍ନ ପର୍ନ ସାଇଟ୍‌କୁ ବିକିବା କିମ୍ବା ସୋସିଆଲ୍ ସାଇଟ୍‌ରେ ଭାଇରାଲ କରିବାକୁ ନେଇ ବ୍ଲାକ୍‌ମେଲ୍ କରି ଟଙ୍କା ନେବା ଭଳି ଘଟଣା ବର୍ତ୍ତମାନ ଦିନକୁ ଦିନ ବଢୁଥିବାର ଦେଖିବାକୁ ମିଳୁଛି। ଯଦି ଆପଣ ମଧ୍ୟ ଏଥିପ୍ରତି ସଜାଗ ରହିବା ଲାଗି ଚାହୁଁଥାନ୍ତି ତେବେ କେତୋଟି କଥା ପ୍ରତି ଧ୍ୟାନ ଦିଅନ୍ତୁ...

## କେଉଁଠି ଆଶଙ୍କା ବେଶି

– ଗାର୍ମେଣ୍ଟ ଶପ୍, ବୁଟିକ୍, ଶପିଂ ମଲ୍, ହୋଟେଲ, ବ୍ୟୁଟିପାର୍ଲର, ସ୍ପା ଆଦିରେ ଥିବା ଟ୍ରାଏଲ୍ ରୁମ୍‌ର ଦର୍ପଣ ପଛପଟେ ହିଡେନ୍ କ୍ୟାମେରା ଲଗାଇ ଯୁବତୀମାନଙ୍କୁ ବ୍ଲାକ୍‌ମେଲ୍ କରିବା ଭଳି ଅପରାଧର ନଜିର ସର୍ବାଧିକ । ତେଣୁ ଏଭଳି ସ୍ଥାନରେ ଚେଞ୍ଜ୍ କରିବା ବେଳେ ବିଶେଷ ସତର୍କ ରୁହନ୍ତୁ।

– ଅନେକ ସ୍ଥାନରେ ବାଥ୍‌ରୁମ୍ ଏବଂ ଟ୍ରାଏଲ୍ ରୁମ୍‌ର ହ୍ୟାଣ୍ଡେଲ୍‌ରେ ମଧ୍ୟ ହିଡେନ୍ କ୍ୟାମେରା ଲଗାଯାଇଥାଏ। ତେଣୁ ଚେଞ୍ଜ କରିବା ପୂର୍ବରୁ ପ୍ରଥମେ ଟ୍ରାଏଲ୍ ରୁମ୍ କିମ୍ବା ବାଥ୍‌ରୁମରେ ଲାଗିଥିବା ହ୍ୟାଣ୍ଡେଲ୍‌କୁ ଭଲ ଭାବେ ଚେକ୍ କରିନିଅନ୍ତୁ।

– ହୋଟେଲ୍ ରୁମ୍‌ରେ ରହିବା ବେଳେ ଫ୍ୟାନ୍, ଟିଭି, ଡୋର୍ ଏବଂ ୱିଣ୍ଡୋ ସ୍କ୍ରିନ୍, ଫ୍ଲାୱାର୍ ଭେସ୍, ଟଏଲେଟ୍ ମିରର ଆଦିରେ ହିଡେନ୍ କ୍ୟାମେରା ରଖାଯାଇଥିବାର ଆଶଙ୍କା ବେଶି। ତେଣୁ ଏସବୁକୁ ଭଲ ଭାବେ ଚେକ୍ କରିନେବା ଆବଶ୍ୟକ।

**କିପରି ଜାଣିବେ:**

– ପ୍ରଥମ କଥା ହେଉଛି ଯେକୌଣସି ସ୍ଥାନକୁ ଯାଆନ୍ତୁ ନା କାହିଁକି ନିଜର ସୁରକ୍ଷା ପ୍ରତି ସଜାଗ ରୁହନ୍ତୁ। ଯଦି କିଛି ନୂଆ ଡ୍ରେସ୍ ଟ୍ରାଏ କରୁଛନ୍ତି ତେବେ ଟ୍ରାଏଲ୍ ରୁମ୍ କିମ୍ବା ହୋଟେଲ୍ ବାଥ୍‌ରୁମ୍‌କୁ ଯିବା ମାତ୍ରେ ନିଜ ମୋବାଇଲ୍‌ର ନେଟ୍‌ୱର୍କ ଚେକ୍ କରନ୍ତୁ। ଯଦି ନେଟୱର୍କ ସମ୍ପୂର୍ଣ୍ଣ ଭାବେ ଚାଲିଯାଏ, ତେବେ ସେଠାରେ ହିଡେନ୍ କ୍ୟାମେରା ଲାଗିଥିବାର ଆଶଙ୍କା ରହିଥାଏ।

– ଟ୍ରାଏଲ୍ ରୁମ୍‌ର ଦର୍ପଣ ପଛପଟେ ହିଡେନ୍ କ୍ୟାମେରା ଲଗାଇ ଯୁବତୀମାନଙ୍କୁ ବ୍ଲାକ୍‌ମେଲ୍ କରିବା ଭଳି ଘଟଣା ଅନେକ ସ୍ଥାନରେ ଦେଖିବାକୁ ମିଳୁଛି । ତେଣୁ କୌଣସି ମଲ୍, ଗାର୍ମେଣ୍ଟ ଶପ୍, ବୁଟିକ୍, ଆଦିରେ ଥିବା ଟ୍ରାଏଲ୍ ରୁମ୍‌ରେ ଡ୍ରେସ୍ ଚେଞ୍ଜ କରିବା ବେଳେ ପ୍ରଥମେ ଆଗରେ ଲାଗିଥିବା ଦର୍ପଣ ଉପରେ ଆଙ୍ଗୁଠି ରଖନ୍ତୁ। ଯଦି ଦର୍ପଣ ଏବଂ ଆପଣଙ୍କ ଆଙ୍ଗୁଠି ମଧ୍ୟରେ ଗ୍ୟାପ୍ ଦେଖାଦେବ, ତା'ହେଲେ ଜାଣନ୍ତୁ ଯେ ଦର୍ପଣ ପଛପଟେ କ୍ୟାମେରା ଲାଗି ନାହିଁ।

– କେତେକ କ୍ୟାମେରା ଆକ୍ଟିଭ୍ ହେବା କ୍ଷଣି ସେଥିରୁ ଏକ ବିପ୍ ସାଉଣ୍ଡ ନିର୍ଗତ ହୋଇଥାଏ। ତେଣୁ ଯଦି ଆପଣ ମଧ୍ୟ ଏପରି କିଛି ଶବ୍ଦ ଶୁଣୁଛନ୍ତି ଏବଂ ସେଠାରେ ହିଡେନ୍ କ୍ୟାମେରା ଲାଗିଥିବା ସନ୍ଦେହ କରୁଛନ୍ତି, ତା'ହେଲେ ତୁରନ୍ତ ଚେକ୍ କରନ୍ତୁ।

– ଆଉ କେତେକ କ୍ୟାମେରା ଅନ୍ ହେବା କ୍ଷଣି ସେଥିରେ ଲାଗିଥିବା ଗ୍ରୀନ୍ କିମ୍ବା ରେଡ୍ ଲାଇଟ୍ ମଧ୍ୟ ଅନ୍ ହୋଇଯାଇଥାଏ, ଯାହା କି ରୁମ୍‌କୁ ଅନ୍ଧାର କରିବା ପରେ ଦେଖାଯାଏ।

**ହିଡେନ୍ କ୍ୟାମେରା ଡିଟେକ୍ଟର ଆପ୍:** ସୁରକ୍ଷା ଦୃଷ୍ଟିରୁ ହିଡେନ୍ କ୍ୟାମେରା କେଉଁଠାରେ ରହିଛି ଜାଣିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆପଣ ଚାହିଁଲେ ନିଜ ମୋବାଇଲ୍‌ରେ ବିଭିନ୍ନ ହିଡେନ୍ କ୍ୟାମେରା ଡିଟେକ୍ଟର ଆପ୍ ଇନ୍‌ଷ୍ଟଲ କରି ରଖିପାରିବେ। ବର୍ତ୍ତମାନ ହିଡେନ୍ ସ୍ପାଏ କ୍ୟାମେରା ଡିଟେକ୍ଟର, ରାଡାରବଟ୍, ଡିଟେକ୍ଟିଫାଏ, ଗ୍ଲିଣ୍ଟ ଫାଇଣ୍ଡର, ଆଇ ଆମ୍ ନୋଟିଫାଏଡ୍, ହିଡେନ୍ ଡିଭାଇସ୍ ଡିଟେକ୍ଟର, ଡୋଣ୍ଟ ସ୍ପାଏ, ହିଡେନ୍ କ୍ୟାମେରା ଡିଟେକ୍ଟର, ହିଡେନ୍ ଆଇଆର୍ କ୍ୟାମେରା ଡିଟେକ୍ଟର ଆଦି ଆପ୍ଲିକେଶନ ଅଧିକାଂଶ ବ୍ୟବହାର କରିବା ଆରମ୍ଭ କଲେଣି। ସୁରକ୍ଷା ଦୃଷ୍ଟିରୁ ଆପଣମାନେ ମଧ୍ୟ ତୁରନ୍ତ ଏସବୁ ମଧ୍ୟରୁ କୌଣସି ଆପ୍ ଗୁଗଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ୍ କରି ନିଜ ମୋବାଇଲ୍‌ରେ ଇନ୍‌ଷ୍ଟଲ୍ କରିପାରିବେ।



ସାମୁଦ୍ରିକା

**ମନେ ରଖନ୍ତୁ:** ଯଦି କୌଣସି ସ୍ଥାନରେ ଏଭଳି ହିଡେନ୍ କ୍ୟାମେରା ଥିବା ଜାଣିବାକୁ ପାଆନ୍ତି କିମ୍ବା ସନ୍ଦେହ ଉପୁଜେ ତେବେ ନିକଟସ୍ଥ ପୋଲିସ୍ ଷ୍ଟେଶନ୍‌ରେ ତୁରନ୍ତ ଖବର ଦିଅନ୍ତୁ। ଯଦି ଅଜାଣତରେ ଆପଣଙ୍କ ଫଟୋ କିମ୍ବା ଭିଡିଓ ରେକର୍ଡ ହୋଇଛି ଏବଂ ପରବର୍ତ୍ତୀ ସମୟରେ କେହି ଏହାକୁ ନେଇ ବ୍ଲାକ୍‌ମେଲ୍ କରୁଛି, ତେବେ ଲାଜ କିମ୍ବା ସମାଜ ଡରରେ ଚୁପ୍ ନ ରହି ପୋଲିସକୁ ଜଣାନ୍ତୁ ଏବଂ ପରବର୍ତ୍ତୀ ସମୟରେ ଏଭଳି ସମସ୍ୟାରୁ ଅନ୍ୟମାନଙ୍କୁ ରକ୍ଷା କରିବା ଲାଗି ଦୋଷୀକୁ ଲୋକଲୋଚନକୁ ଆଣିବାରେ ସହଯୋଗ କରନ୍ତୁ।

## କ'ଣ କରନ୍ତି ଏମାନେ...

**କାଜଲ୍ ବାଇ ଅଗ୍ରୱାଲ୍**( ଗୃହିଣୀ, ଭଟ୍‌ଲୀ, ବରଗଡ଼)– ବର୍ତ୍ତମାନ ସମୟରେ ହିଡେନ୍ କ୍ୟାମେରାକୁ ନେଇ ଅନେକେ ଅସୁବିଧାର ସମ୍ମୁଖୀନ ହେଉଥିବା ଘଟଣା ଦେଖିବାକୁ ମିଳୁଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ପ୍ରଥମେ ନିଜେ ସତର୍କ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ନିଜ ମୋବାଇଲ୍‌ରେ ସ୍ପାଏ କ୍ୟାମ୍ ଡିଟେକ୍ଟର ଆପ୍ ରଖିଛି। ନିକଟରେ ପରିବାର ସହିତ ରାଏପୁର୍ ବୁଲିବାକୁ ଯାଇଥିଲି। ସେଠାରେ ରିସୋର୍ଟରେ ରହିବା ସମୟରେ ଗାଧୋଇବା, ଡ୍ରେସ୍‌ଚେଞ୍ଜ୍ କରିବା ଆଦି ସମୟରେ ଯେପରି କୌଣସି ସମସ୍ୟା ନ ଉପୁଜେ ସେଥିପାଇଁ ପ୍ରଥମେ ରୁମ୍ ଏବଂ ବାଥ୍‌ରୁମ୍ ଭିତର ଭଲ ଭାବେ ଚେକ୍ କରିଥିଲି।



କାଜଲ୍

**ସାମୁଦ୍ରିକା ମହାନ୍ତି**(ଶିକ୍ଷୟତ୍ରୀ, ତେଲେଙ୍ଗାପେଣ୍ଠ, କଟକ)– ନୂଆ ନୂଆ ଡ୍ରେସ୍ କିଣିବା ମୋର ସଉକ। ତେଣୁ ଅନେକ ସମୟରେ ବିଭିନ୍ନ ଶପିଂ ମଲ୍‌କୁ ଯାଇ କ'ଣ ସବୁ ନୂଆ କଲେକ୍ସନ ଆସିଛି ଦେଖେ। ଫିଟିଂ ପରଫେକ୍ଟ ହେଉଛି କି ନାହିଁ ଏବଂ ମୋ ଫିଗରକୁ ଭଲ ଲାଗୁଛି କି ନାହିଁ ପ୍ରଥମେ ଟ୍ରାଏ କରିବା ପରେ ହିଁ ଡ୍ରେସ୍ କିଣେ। ହେଲେ ବର୍ତ୍ତମାନ ହିଡେନ୍ କ୍ୟାମେରାକୁ ନେଇ ଯେଉଁଭଳି ଘଟଣାମାନ ସାମ୍ନାକୁ ଆସୁଛି, ଡ୍ରେସ୍ କିଣିବା ବେଳେ ଟ୍ରାଏଲ୍ ରୁମ୍‌କୁ ଯାଇ ଚେଞ୍ଜ କରିବାକୁ ଭୟ ଲାଗୁଛି। ଆଉ ନିହାତି ଆବଶ୍ୟକ ହେଲେ ଯଦି ଚେଞ୍ଜିଂ ରୁମ୍ ବ୍ୟବହାର କରୁଛି ତେବେ ପ୍ରଥମେ ମିରର୍, ଡୋର୍ ହ୍ୟାଣ୍ଡେଲ, କ୍ଲଥ୍ ହ୍ୟାଙ୍ଗିଙ୍ଗ୍ ହୁକ୍ ଆଦିକୁ ଭଲ ଭାବେ ଚେକ୍ କରୁଛି।



ପୌର୍ଣ୍ଣମାସୀ





# ବିବାହ ପୂର୍ବରୁ

ବୋହୂ ବେଶରେ ପ୍ରତିଟି ଝିଅ ଖୁବ୍ ସୁନ୍ଦର ଦିଶିବାକୁ ଚାହେଁ ଆଉ ଏଥିପାଇଁ ବିବାହର ଅନେକ ଦିନ ପୂର୍ବରୁ ଭାବୀ ବୋହୂଟିଏ ବିଭିନ୍ନ ପ୍ରକାରର ସୌନ୍ଦର୍ଯ୍ୟ ଉପଚାର ମଧ୍ୟ କରିଥାଏ। ଯଦି ଆପଣଙ୍କର ବି ବିବାହ ସମୟ ପାଖେଇ ଆସୁଛି ତେବେ କେଉଁ ସବୁ ଉପାୟ ଆପଣେଇଲେ ସୁନ୍ଦର ଲାଗିବେ ଜାଣି ରଖନ୍ତୁ ଟିପ୍ସ ...

- ବିବାହ ପୂର୍ବରୁ ଅନେକ ଯୁବତୀ ଏଣେ ତେଣେ ମାର୍କେଟିଂ ଲାଗି ଯିବା, ବନ୍ଧୁ ବାନ୍ଧବଙ୍କ ଘରକୁ ଖାଇବାକୁ ଯିବା ଆଦିରେ ଥକିପଡ଼ନ୍ତି। କେବଳ ଏତିକି ନୁହେଁ, ଅଧିକ ରାତି ପର୍ଯ୍ୟନ୍ତ ଅନିଦ୍ରା ରହି ଫୋନ୍‌ରେ ଗପିଥାନ୍ତି। ଏସବୁର ପ୍ରଭାବ ସେମାନଙ୍କ ତ୍ୱଚା ଉପରେ ପଡ଼ିଥାଏ, ଫଳସ୍ୱରୂପ ଯେତେ ମେକ୍‌ଅପ୍ ନେଲେ ବି ମୁହଁର ସୌନ୍ଦର୍ଯ୍ୟ କମ୍ ଲାଗିଥାଏ। ତେଣୁ ବିବାହର ଅନ୍ତତଃ ଏକ ସପ୍ତାହ ପୂର୍ବରୁ ଶରୀରକୁ ଆରାମ ଦିଅନ୍ତୁ ଏବଂ ରାତିରେ ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ। ପାଣି ପର୍ଯ୍ୟାପ୍ତ ପରିମାଣରେ ପିଅନ୍ତୁ। ଯୋଗ, ବ୍ୟାୟାମ ଆଦି ମଧ୍ୟ ଆପଣଙ୍କ ଲାଗି ବେଶ୍ ଲାଭଦାୟକ ହୋଇପାରିବ।
- ସାବୁନ ଲଗାଇବା ଅଭ୍ୟାସ ଥିଲେ ବିବାହର କିଛି ଦିନ ପୂର୍ବରୁ ଏହା ବଦଳରେ ମାଇଲ୍ଡ ଫେସ୍‌ୱାଶ୍ ଏବଂ ଲିକ୍ୱିଡ୍ ବଡିୱାଶ୍ ବ୍ୟବହାର କରନ୍ତୁ।
- ରାତିରେ ଶୋଇବା ପୂର୍ବରୁ ମୁହଁ ଧୁଅନ୍ତୁ ଏବଂ ଆଣ୍ଟି– ଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି, ଏବଂ ବି୩ ଯୁକ୍ତ ମଶ୍ଚରାଇଜର ଲଗାନ୍ତୁ।
- ଅଧିକ ସୁନ୍ଦର ଲାଗିବା ନିଶାରେ କୌଣସି କେମିକାଲ୍‌ଯୁକ୍ତ ବ୍ୟୁଟିପ୍ରଡକ୍ଟକୁ ନେଇ ଏକ୍ସପେରିମେଣ୍ଟ ନ କରି ପ୍ରାକୃତିକ ଘରୋଇ ସୌନ୍ଦର୍ଯ୍ୟ ଉପଚାର କରନ୍ତୁ।
- ସୁନ୍ଦର ତ୍ୱଚା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସନ୍ତୁଳିତ ଆହାର। କାରଣ ଆପଣ ମୁହଁରେ ଯାହା ବି ଲଗାନ୍ତୁ ନା କାହିଁକି ତେଲ ମସଲାଯୁକ୍ତ ଖାଦ୍ୟ ହେଉ ଅବା ଫାଷ୍ଟଫୁଡ୍, ଜଙ୍କଫୁଡ୍ ଆଦି ଖାଇବା ଦ୍ୱାରା ବ୍ରଣ ଦାଗ ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ବିବାହ ପୂର୍ବରୁ ଏସବୁ ଖାଦ୍ୟ ଯଥା ସମ୍ଭବ ନ ଖାଇବାକୁ ଚେଷ୍ଟା କରନ୍ତୁ।
- ଯଦି ପୂର୍ବରୁ କେବେ ବ୍ୟୁଟିପାର୍ଲର ନ ଯାଇଥାନ୍ତି ତେବେ ବିବାହ ପୂର୍ବରୁ ହଠାତ୍ ଫେସିଆଲ୍ ଏବଂ ଅନ୍ୟାନ୍ୟ ଉପଚାର କରାନ୍ତୁ ନାହିଁ। କାରଣ କେତେକଙ୍କଠାରେ ଏସବୁର ପାର୍ଶ୍ୱପ୍ରତିକ୍ରିୟା ଦେଖାଦେବାର ନଜିର ରହିଛି। ତେଣୁ ଅନ୍ତତଃ ୨୦ ଦିନ ପୂର୍ବରୁ ଥରେ ଫେସିଆଲ୍ କରି ଦେଖନ୍ତୁ। ଯଦି ତ୍ୱଚା ସମ୍ବେଦନଶୀଳ ହୋଇଥାଏ କିମ୍ବା କୌଣସି ସମସ୍ୟା ଥାଏ ତେବେ ଏସବୁ କରିବା କିମ୍ବା ବ୍ରାଇଡାଲ୍ ମେକ୍‌ଅପ୍ ନେବା ପୂର୍ବରୁ ତ୍ୱଚା ବିଶେଷଜ୍ଞଙ୍କ ପରାମର୍ଶରେ କୌଣସି କ୍ରିମ୍ ବ୍ୟବହାର କରନ୍ତୁ।



## ଖାଦ୍ୟ ରୁଚି

# ଚକ୍‌ଲେଟି ବ୍ରେଡ୍ ରୋଲ୍

**ଆବଶ୍ୟକ ସାମଗ୍ରୀ:** ୮ଟି ବ୍ରେଡ୍ ସ୍ଲାଇସ୍, ୪ ଟି ସ୍ପୁନ୍ କୋକୋ ପାଉଡର, ୨ ଟେବୁଲ୍ ସ୍ପୁନ୍ କଟା ହୋଇଥିବା ଡ୍ରାଏ ଫ୍ରୁଟ୍ସ, ୨ ଟିସ୍ପୁନ୍ ଚିନି ପାଉଡର, ୨ ଟିସ୍ପୁନ୍ ମଲାଇ, ୨ ଟିସ୍ପୁନ୍ ନଡିଆ କୋରା କିମ୍ବା କାଜୁ ପାଉଡର, ୨ ଟିସ୍ପୁନ୍ ଘିଅ।

**ପ୍ରସ୍ତୁତି ପ୍ରଣାଳୀ:** ବ୍ରେଡ୍ ସ୍ଲାଇସ୍‌କୁ ଗ୍ରାଇଣ୍ଡିଂ କରିଦିଅନ୍ତୁ। ସେଥିରେ କୋକୋ ପାଉଡର, ଡ୍ରାଏ ଫ୍ରୁଟ୍ସ, ଚିନି ପାଉଡର,ମଲାଇ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ହାତରେ ଅଳ୍ପ ଘିଅ ଲଗାଇ ଏହି ମିଶ୍ରଣରେ ମଧ୍ୟମ ଆକାରର ରୋଲ୍ ପ୍ରସ୍ତୁତ କରନ୍ତୁ। ରୋଲ୍‌ଗୁଡିକୁ ନଡିଆ କୋରା ଉପରେ ଗଡାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚକ୍‌ଲେଟ୍ ବ୍ରେଡ୍ ରୋଲ୍। ଏହାକୁ ପିଲାମାନଙ୍କୁ ସର୍ଭ କରିଦେଖନ୍ତୁ, ସେମାନଙ୍କୁ ବହୁତ ପସନ୍ଦ ଆସିବ।

**ଜାଣି ରଖନ୍ତୁ:** ଏଥିରେ ଆପଣ କୋକୋ ପାଉଡ଼ର ସ୍ଥାନରେ ଡାର୍କ ଚକ୍‌ଲେଟ୍ ସସ୍ ଏବଂ ମଲାଇ ସ୍ଥାନରେ ମିଲ୍କମେଡ୍ କିମ୍ବା ବସା ଦହି ମଧ୍ୟ ବ୍ୟବହାର କରିପାରିବେ।



# ବ୍ରାଣ୍ଡେଡ୍ ଆଉଟ୍‌ଫିଟ୍ ବାଛୁଥିଲେ...

ବେଶ୍ ଫ୍ୟାଶନପ୍ରିୟ ଆଜିର ମହିଳା। ମାର୍କେଟ୍‌କୁ କେଉଁ ବ୍ରାଣ୍ଡର କ'ଣ ସବୁ ନୂଆ କଲେକ୍ସନ ଆସିଲା ତାକୁ ପ୍ରଥମେ ବ୍ୟବହାର କରିବାକୁ ସେମାନଙ୍କ ମଧ୍ୟରେ ତତ୍ପରତା କହିଲେ ନ ସରେ। ହେଲେ ବେଳେବେଳେ ଏହି ଆଳରେ ସେମାନେ ଅଜାଣତରେ ଠକାମିର ଶିକାର ହୋଇଥାନ୍ତି। କାରଣ ବର୍ତ୍ତମାନ ବିଭିନ୍ନ ବ୍ରାଣ୍ଡେଡ୍ ସାମଗ୍ରୀର ଏକାଧିକ ନକଲ ମାର୍କେଟ୍‌କୁ ଆସୁଛି, ଯାହାକି ସହଜରେ ଚିହ୍ନିବା କଷ୍ଟକର। ତେଣୁ କିଣିବା ସମୟରେ କେଉଁଟା ଅରିଜିନାଲ ଜାଣିବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...

**ଷ୍ଟିଚିଂ:** ବ୍ରାଣ୍ଡେଡ୍ ଡ୍ରେସ୍‌ରେ ଷ୍ଟିଚିଂ ସିଧା ଏବଂ ଚାରିଆଡେ ଏକା ପ୍ରକାରର ହୋଇଥାଏ। ସୂତା ମଧ୍ୟ ଏକା ପ୍ରକାରର ବ୍ୟବହାର ହୋଇଥାଏ। କେତେକ ବ୍ରାଣ୍ଡ ଷ୍ଟିଚିଂ ଉପରେ କମ୍ପାନୀର ଲୋଗୋ ଟ୍ୟାଗ୍ ମଧ୍ୟ ଷ୍ଟିଚ୍ ହୋଇଥାଏ, ଯାହାକୁ ଭଲ ଭାବେ ଦେଖିଲେ ଆପଣ ଠକାମିର ଶିକାର ହେବେ ନାହିଁ।

**ଜିପ୍:** ନାମୀଦାମୀ ବ୍ରାଣ୍ଡେଡ୍ ଡ୍ରେସ୍‌ରେ ଭଲ କ୍ୱାଲିଟିର ଜିପ୍ ଦେଇଥାଏ, ଯାହାକୁ ଚଲାଇବା ବେଳେ ମଧ୍ୟ ଅଟକି ନ ଥାଏ କିମ୍ବା ଭାଙ୍ଗି ପଡି ନ ଥାଏ। ଏଥିରେ ନନ୍‌ବ୍ରାଣ୍ଡ ପ୍ୟାଣ୍ଟ କିମ୍ବା ଅନ୍ୟ ଡ୍ରେସ୍ ଭଳି ଜିପ୍ ଟାଇଟ୍ ହେବା, ଭାଙ୍ଗିବା କିମ୍ବା ନ ଲାଗିବା ଭଳି ସମସ୍ୟା ସାଧାରଣତଃ ଦେଖା ଦେଇ ନ ଥାଏ। ଏମିତି କି କେତେକେ ବ୍ରାଣ୍ଡ ଜିପ୍‌ରେ ଏହାର ନାମ କିମ୍ବା ସିମ୍ବଲ ମଧ୍ୟ ରଖିଥାନ୍ତି।



**ବଟନ:** ଜିପ୍ ଭଳି ବଟନ୍‌ରେ ମଧ୍ୟ ଅନେକ ବ୍ରାଣ୍ଡେଡ୍ କମ୍ପାନୀ ବ୍ରାଣ୍ଡନେମ୍ ଛପାଇଥାନ୍ତି। ଯାହା କି ଚିହ୍ନିବାରେ ସହଜ ହୋଇଥାଏ।

**ଟ୍ୟାଗ୍:** ସାଧାରଣତଃ ଟ୍ୟାଗ୍‌ରେ ବ୍ରାଣ୍ଡ ନେମ୍ ଦେଖିବାମାତ୍ରେ ଏହା ଅରିଜିନାଲ୍ ହୋଇଥିବ ଭାବି କିଣିନେଉ। ହେଲେ ମାର୍କେଟ୍‌ରେ ଯେ, ଏହାର ଏକାଧିକ ନକଲ ଉପଲବ୍ଧ ସେ ଦିଗରେ କେହି ଧ୍ୟାନ ଦିଅନ୍ତି ନାହିଁ। ତେଣୁ କିଣିବା ପୂର୍ବରୁ ଟ୍ୟାଗ୍‌କୁ ଭଲ ଭାବେ ଦେଖନ୍ତୁ।

କେନ୍ଦ୍ର ସରକାର ପାରାନୋଇଆ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଆକ୍ଟିଭିଷ୍ଟଙ୍କ ବିରୋଧରେ କାମ କରୁଛନ୍ତି। ଦିଶାଙ୍କ ବିରୋଧରେ ରୁଜୁ ମାମଲା ତୁରନ୍ତ ପ୍ରତ୍ୟାହାର କରାଯାଇ ତାଙ୍କୁ ହାଜତରୁ ମୁକୁଳାଯାଉ।
- ସିପିଆଇ



ବେଙ୍ଗାଲୁରୁ: ଐତିହାସିକ ରାମଚନ୍ଦ୍ର ଗୁହା ଓ ଅନ୍ୟ ଆକ୍ଟିଭିଷ୍ଟମାନେ ଦିଶା ରବିଙ୍କ ଗିରଫଦାରି ପ୍ରତିବାଦରେ ବିକ୍ଷୋଭ କରୁଛନ୍ତି।

## ପୋଲିସ କଥାରେ ତାଳମେଳ ନାହିଁ



**ଟେଲିଗ୍ରାମରେ ଗ୍ରେଟାଙ୍କ ପାଖକୁ ଟୁଲ୍‌କିଟ୍ ପଠାଇଥିଲେ ଦିଶା: ଦିଲ୍ଲୀ ପୋଲିସ**

କ୍ଲାଇମେଟ୍ ଆକ୍ଟିଭିଷ୍ଟ ଦିଶା ରବିଙ୍କୁ ରାତିଅଧିଆ ଉଠାଇନେଇଥିବା ଦିଲ୍ଲୀ ପୋଲିସ ସୋମବାର ଟୁଲ୍‌କିଟ୍ ମାମଲାରେ ଆଉ ଦୁଇଜଣଙ୍କୁ ଛନ୍ଦିଛି। ସେମାନେ ହେଲେ ନିକିତା ଜାକୋବ୍ ଓ ଶାନ୍ତନୁ ମୁଲୁକ୍। ଏହି ଦୁଇ ଅଭିଯୁକ୍ତ କୃଷକ ଆନ୍ଦୋଳନ ସମ୍ପର୍କିତ ଟୁଲ୍‌କିଟ୍ ତିଆରି କରି ସୋସିଆଲ ମିଡିଆରେ ଶେୟାର କରିଥିଲେ ବୋଲି ପୋଲିସ ଦାବି କରିଛି। ଦିଲ୍ଲୀ ପୋଲିସ ଯୁଗ୍ମ କମିଶନର (ସାଇବର) ପ୍ରେମ ନାଥ ସୋମବାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଶନିବାର ବେଙ୍ଗାଲୁରୁରୁ ଗିରଫ ହୋଇଥିବା ଦିଶା ଉକ୍ତ ଟୁଲ୍‌କିଟ୍‌କୁ ସ୍ୱିଡେନ୍‌ର କ୍ଲାଇମେଟ୍ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗଙ୍କ ନିକଟକୁ ଟେଲିଗ୍ରାମ୍ ଆପ୍ ଜରିଆରେ ପଠାଇଥିଲେ। ଦିଶା ଟୁଲ୍‌କିଟ୍ ପ୍ରସାର ପାଇଁ ତିଆରି କରିଥିବା ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌କୁ ଡିଲିଟ୍ କରିଦେଇଛନ୍ତି। ଉକ୍ତ ଟୁଲ୍‌କିଟ୍‌କୁ ଦିଶା, ନିକିତା ଓ ଜାକୋବ୍ ତିଆରି କରିଥିଲେ। ନିକିତା ଓ ଶାନ୍ତନୁଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି। ଖଲିସ୍ତାନୀ ସପକ୍ଷବାଦୀ ଗୋଷ୍ଠୀ ପୋଏଟିକ୍‌ଜଷ୍ଟିସ୍ ଫାଉଣ୍ଡେଶନ (ପିଜେଏଫ୍) ପକ୍ଷରୁ ଆୟୋଜିତ ଏକ ଜୁମ୍ ମିଟିଂରେ ଯୋଗଦେଇଥିଲେ। ଦିଶାଙ୍କ ଗିରଫଦାରି ବେଳେ ସମସ୍ତ ନିୟମ ପାଳନ କରାଯାଇଥିବା ପୋଲିସ ସଫେଇ ଦେଇଛି। ପୋଲିସ କେତେବେଳେ କ’ଣ କହୁଛି ଜାଣିପାରୁ ନାହିଁ। କେତେବେଳେ ଦିଶା ଟୁଲ୍‌କିଟ୍‌କୁ ଏଡିଟ୍ କରିଥିଲେ ବୋଲି କହୁଥିବାବେଳେ କେତେବେଳେ ତିନିଜଣ ମିଶି ଏହାକୁ ପ୍ରସ୍ତୁତ କରିଥିବା କହୁଛି। ପୋଲିସର ଦାବିରେ ତାଳମେଳ ନ ଥିବାରୁ ସନ୍ଦେହ ଘେରକୁ ଟାଣି ହୋଇଯାଇଛି।

## ହାଇକୋର୍ଟ ଗଲେ ନିକିତା, ଶାନ୍ତନୁ



ମୁମ୍ବାଇ,୧୫।୨: ଟୁଲ୍‌କିଟ୍ ମାମଲାରେ ଦିଲ୍ଲୀର ଏକ କୋର୍ଟ ମୁମ୍ବାଇର ଆଇନଜୀବୀ ନିକିତା ଜାକୋବ ଓ ପୁଣେର ଇଞ୍ଜିନିୟର ଶାନ୍ତନୁ ମୁଲୁକ୍‌ଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛି। ଏହାକୁ ଚ୍ୟାଲେଞ୍ଜ କରି ଗିରଫଦାରି ଏଡ଼ାଇବା ପାଇଁ ଦୁହେଁ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟରେ ୪ ସପ୍ତାହ ପାଇଁ ଅଗ୍ରିମ ଟ୍ରାଞ୍ଜିଟ୍ ବେଲ୍ ସକାଶେ ଆବେଦନ କରିଥିବା ନିକିତା ତାଙ୍କ ଜାମିନ ପିଟିଶନର ତ୍ୱରିତ ଶୁଣାଣି ପାଇଁ ଅନୁରୋଧ କରିଛନ୍ତି। ଜଷ୍ଟିସ୍ ପି.ଡି. ନାଏକଙ୍କ ଜଣିକିଆ ଖଣ୍ଡପୀଠରେ ତାଙ୍କ ଆବେଦନର ଶୁଣାଣି ମଙ୍ଗଳବାର କରାଯିବ। ସେହିପରି ଶାନ୍ତନୁଙ୍କ ଆବେଦନର ଶୁଣାଣି ଔରଙ୍ଗାବାଦ ଖଣ୍ଡପୀଠରେ ହେବ ବୋଲି ତାଙ୍କ ଓକିଲ ସତେଜ ଯାଦବ ସୂଚନା ଦେଇଛନ୍ତି।

### ‘ଦେଶ ବିରୋଧୀ ମଞ୍ଜି ବୁଣୁଥିବା ବ୍ୟକ୍ତିଙ୍କ ବିନାଶ କର’



ଚଣ୍ଡିଗଡ଼, ୧୫।୨: ସ୍ୱିଡେନ ସାମାଜିକ କର୍ମୀ ଗ୍ରେଟା ଥନବର୍ଗଙ୍କ ‘ଟୁଲ୍‌କିଟ’ ଏଡିଟ୍ କରି ଶେୟାର କରିବା ଅଭିଯୋଗରେ ବାଙ୍ଗାଲୁରୁର କ୍ଲାଇମେଟ ଆକ୍ଟିଭିଷ୍ଟ ଦିଶା ରବିଙ୍କ ଗିରଫଦାରିକୁ ସମର୍ଥନ କରିଛନ୍ତି ଭାଜପା ନେତା ତଥା ହରିୟାନା ମନ୍ତ୍ରୀ ଅନିଲ ଭିଜ୍। ସେ ଟୁଇଟ କରି କହିଛନ୍ତି, ‘ଦେଶ ବିରୋଧୀ ମଞ୍ଜି ଯେଉଁ ବ୍ୟକ୍ତିଙ୍କ ମୁଣ୍ଡରେ ଅଛି ତାଙ୍କୁ ସମ୍ପୂର୍ଣ୍ଣ ବିନାଶ କରାଯିବା ଉଚିତ୍, ସେ ଦିଶା ରବି ହୁଅନ୍ତୁ ବା ଅନ୍ୟ କେହି।’ ଅନିଲଙ୍କ ଏହି ମନ୍ତବ୍ୟ ଉପରେ ଟୁଇଟରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତାଙ୍କ ଆକାଉଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ମଧ ଅନେକେ ଦାବି କରିଛନ୍ତି।

# କ୍ଷମତାର ଅପବ୍ୟବହାର

## ପ୍ରଶ୍ନ ଘେରରେ ପୋଲିସ, କାଠଗଡ଼ାରେ କେନ୍ଦ୍ର

ସମାଜରେ ସଚେତନତାର ବାର୍ତ୍ତା ବାଣ୍ଟୁଥିବା ଯୁବ କ୍ଲାଇମେଟ୍ ଚେଞ୍ଜ ଆକ୍ଟିଭିଷ୍ଟ ଦିଶା ରବିଙ୍କୁ ଦିଲ୍ଲୀ ପୋଲିସ ବେଙ୍ଗାଲୁରୁରୁ ରାତିଅଧିଆ ଉଠାଇନେବା ସମସ୍ତଙ୍କୁ ଚକିତ କରିଛି। ପଟିଆଲା ହାଉସ୍ କୋର୍ଟରେ ଦିଶାଙ୍କୁ ହାଜର କରିବା ବେଳେ ତାଙ୍କ ପକ୍ଷ ରଖିବା ପାଇଁ ଓକିଲଙ୍କୁ ସୁଯୋଗ ଦିଆ ନ ଯିବା ଆହୁରି ବିସ୍ମିତ କରିଛି। ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକ ଆନ୍ଦୋଳନକୁ ନେଇ ଅଡୁଆରେ ପଡ଼ିଥିବା ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଅଭିବ୍ୟକ୍ତି ସ୍ୱାଧୀନତାକୁ ହତ୍ୟା କରିବା ପାଇଁ ଏପରି କରାଉଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ମୋଟାମୋଟି ଭାବେ ଦେଖିଲେ ‘ଟୁଲ୍‌କିଟ୍’ ପ୍ରକରଣ ଓ ଏହାକୁ ନେଇ ଚାଲିଥିବା ଧରପଗଡ଼ ଏକ ପ୍ରାୟୋଜିତ ଷଡ଼ଯନ୍ତ୍ର ବୋଲି ଅନେକେ ମତ ଦେଇଛନ୍ତି। ଫଳରେ ଦିଲ୍ଲୀ ପୋଲିସ ପ୍ରଶ୍ନ ଘେରରେ ଛନ୍ଦି ହୋଇଯାଇଥିବାବେଳେ ସନ୍ଦେହର କାଠଗଡ଼ାକୁ ଟାଣିହୋଇଯାଇଛନ୍ତି କେନ୍ଦ୍ର ସରକାର। ଏସବୁ ଭିତରେ ଦିଶା ରବିଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଚାରିଆଡ଼େ ଦାବି ଜୋର୍ ଧରିଛି।




**ନୂଆଦିଲ୍ଲୀ,୧୫।୨**

ଫ୍ରାଇଡେଜ୍ ଫର୍ ଫ୍ୟୁଚର (ଏଫ୍‌ଏଫ୍‌ଏଫ୍) ଇଣ୍ଡିଆର ପ୍ରତିଷ୍ଠାତା ଦିଶା ରବିଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିନେବା ପରେ ତାଙ୍କ ପ୍ରତି ଦେଶବ୍ୟାପୀ ସମର୍ଥନ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ଦିଶାଙ୍କ ବିରୋଧରେ ଲଗାଯାଇଥିବା ସଙ୍ଗିନ ମାମଲାର ଦଫା ହଟାଇବା ସହ ଦେଶର ଯୁବଗୋଷ୍ଠୀଙ୍କୁ ଟାର୍ଗେଟ କରିବା ବନ୍ଦ କରନ୍ତୁ ବୋଲି ସାମାଜିକ କର୍ମୀ ଓ ପରିବେଶବିତ୍‌ମାନେ କହିଛନ୍ତି। ଅଲ୍ ଇଣ୍ଡିଆ ପ୍ରୋଗ୍ରେସିଭ୍ ଆସୋସିଏଶନ୍ ସମ୍ପାଦିକା କବିତା କ୍ରିଷ୍ଣନ୍ କହିଛନ୍ତି, ଦିଶାଙ୍କୁ ତୁରନ୍ତ ମୁକ୍ତ କରାଯାଉ। ଦିଶାଙ୍କ ଭଳି ବ୍ୟକ୍ତିମାନେ କେବଳ ନିଜ କଥା ନ ଦେଖି ଭବିଷ୍ୟତ ପିଢ଼ି ସମ୍ପର୍କରେ ଚିନ୍ତା କରନ୍ତି। ପୋଲିସ ତାଙ୍କୁ ଗିରଫ କରିବା ପରେ ଆମର ଏକ ଗଣତନ୍ତ୍ର ଅଛି ବୋଲି ବିଶ୍ୱାସ ହେଉନାହିଁ। ପୋଲିସ ଆଇନଜୀବୀ ନିକିତା ଜାକୋବ ଓ ଶାନ୍ତନୁଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରୁ। ଅଧିକାର କର୍ମୀ ଶବନମ୍ ହାସ୍‌ମି ମଧ ଦିଶାଙ୍କ ଗିରଫଦାରିକୁ ନେଇ ପ୍ରଶ୍ନ କରିଛନ୍ତି। ସରକାର ପ୍ରାୟୋଜିତ ଏହି ଘଟଣାକ୍ରମ ଭାରତକୁ ବିଦେଶରେ ମଧ ଉପହାସର ପାତ୍ର କରାଇଛି। ସେହିପରି ଦିଲ୍ଲୀର ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭିରନ୍‌ମେଣ୍ଟ ମୁଖ୍ୟ ସୁନୀତା ନାରାୟଣ ଦିଶାଙ୍କୁ ମୁକ୍ତ କରିବା ପାଇଁ ଦାବି କରିଛନ୍ତି। ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଥିବାବେଳେ ଏହା ସମ୍ପର୍କରେ ସଚେତନତାର ବାର୍ତ୍ତା ବାଣ୍ଟୁଥିବା ଆକ୍ଟିଭିଷ୍ଟମାନଙ୍କୁ ପୋଲିସ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି। ୯ ବର୍ଷୀୟା ଲିସିପ୍ରିୟା କଙ୍ଗୁଜାମ୍ ଏହାକୁ କୁନି ଝିଅମାନଙ୍କ ସ୍ୱର ଚପାଇବା ପାଇଁ ଅପଚେଷ୍ଟା ଭାବେ ଅଭିହିତ କରିଛନ୍ତି। ଏହାସତ୍ତ୍ୱେ ପୃଥିବୀକୁ ବଞ୍ଚାଇବା ଲାଗି ଆମେ ଉଦ୍ୟମ ଜାରି ରଖିବୁ ବୋଲି ସେ କହିଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଶିକ୍ଷାବିତ୍, କଳାକାର ଓ ଆକ୍ଟିଭିଷ୍ଟ ଦିଶା ରବିଙ୍କ ସପକ୍ଷରେ ଏକ ମିଳିତ ବିବୃତି ଜାରି କରିଛନ୍ତି। କୋଲିଶନ୍ ଫର୍ ଏନ୍‌ଭିରନ୍‌ମେଣ୍ଟ ଜଷ୍ଟିସ୍ ଅଫ୍ ଇଣ୍ଡିଆ ବ୍ୟାନରରେ ଏକତ୍ରିତ ହୋଇଥିବା ବୁଦ୍ଧିଜୀବୀମାନେ ତାଙ୍କ ଗିରଫଦାରିକୁ ବେଆଇନ ଓ ରାଷ୍ଟ୍ରର ଅତ୍ୟଧିକ ପ୍ରତିକ୍ରିୟା ବୋଲି ସେମାନେ ଅଭିହିତ କରିଛନ୍ତି। ଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନର ନେତୃତ୍ୱ ନେଉଥିବା ସାମ୍ମୁଖ୍ୟ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଏହାକୁ ପୋଲିସ କ୍ଷମତାର ଅପବ୍ୟବହାର ଭାବେ ଅଭିହିତ କରି ଦିଶାଙ୍କ ମୁକ୍ତି ଦାବି କରିଛି।

> ଜଳବାୟୁ ପରିବର୍ତ୍ତନ କର୍ମୀ ଦିଶା ରବିଙ୍କ ଗିରଫଦାରି ଗଣତନ୍ତ୍ର ଉପରେ ଆକ୍ରମଣ। **–ଅରବିନ୍ଦ କେଜରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

## ସ୍ୱର ଚପାଇବାକୁ ଉଦ୍ୟମ

କୃଷକ ଆନ୍ଦୋଳନ ସହ ଜଡ଼ିତ ‘ଟୁଲ୍‌କିଟ୍’ ମାମଲାରେ ଦିଶା ରବିଙ୍କ ବିରୋଧରେ ଦିଲ୍ଲୀ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବାକ୍‌ଯୁଦ୍ଧରେ ମୁହାଁମୁହିଁ ହୋଇଛନ୍ତି ଭାଜପା ଓ ବିରୋଧୀ କଂଗ୍ରେସ। ଦିଶାଙ୍କ ଗିରଫଦାରୀ ଗଣତନ୍ତ୍ର ଉପରେ ଆକ୍ରମଣ। ଭାରତର ସ୍ୱରକୁ ଚପାଇବାକୁ ଦିଆଯିବ ନାହିଁ ବୋଲି ବିରୋଧୀ ନିନ୍ଦା କରିଛନ୍ତି।



ସମସ୍ତେ ମୁହଁ ଖୋଲିବାକୁ ପୂରା ମୁକ୍ତ। ସତ ଏବେ ବି ବଞ୍ଚିଛି। ସେମାନେ ଭୟଭୀତ, କିନ୍ତୁ ଦେଶ ନୁହେଁ। ଜଣେ ୨୧ ବର୍ଷୀୟା ଯୁବତୀଙ୍କ ବିରୋଧରେ ବଳ ପ୍ରୟୋଗ କରିଦେଲେ ଭାରତର ସ୍ୱରକୁ ଅଟକାଇବାକୁ କେନ୍ଦ୍ର ସରକାରଙ୍କ ଉଦ୍ୟମ ବିଫଳ ହେବ।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



ଗଣତନ୍ତ୍ର ବିପଦରେ ପଡ଼ିଛି। ଏହା ଏବେ ସବୁଠାରୁ ଖରାପ ସମୟ ଦେଇ ଗତି କରୁଥିବାରୁ ମୁଁ ଚିନ୍ତିତ।
**-ମନୋଜ ଝା, ଆର୍‌ଜେଡି ନେତା**



ଯଦି ଜଣେ ଛାତ୍ରୀ ଦେଶ ପାଇଁ ବିପଦ ହୋଇପଡ଼ିଛନ୍ତି, ତେବେ ଦେଶ ଦୁର୍ବଳ ଲୋକଙ୍କ ହାତରେ ଅଛି। ଦେଶ ମଧକୁ ଚାଇନାର ଜୋରଜବରଦସ୍ତି ପଶିବା ଉଦ୍ୟମଠାରୁ ଏହା କ’ଣ ଏଧିକ ବିପଜ୍ଜନକ।
**-ପି. ଚିଦାମ୍ବରମ୍, କଂଗ୍ରେସ ବରିଷ୍ଠ ନେତା**



ନୂଆ ଭାରତରେ ‘ତାନାଶାହୀ’ (ଏକଚ୍ଛତ୍ରବାଦୀ ଶାସନ) ବା ‘ଅମିତ ଶାହି’ ଶାସନ ଚାଲିଛି। ଦିଶା ରବିଙ୍କ ପରେ ଏବେ ନିକିତା ଜାକୋବଙ୍କ ପାଳି। ଆଗକୁ ଆହୁରି ଅନେକଙ୍କ ସହ ଏପରି କରାଯିବ। **-ଜୟରାମ ରମେଶ, କଂଗ୍ରେସ ନେତା**



ବନ୍ଧୁକ ଧରିଥିବା ଲୋକ ଜଣେ ଅପରିଚିତ ଝିଅକୁ ଡରୁଛନ୍ତି। ଜଣେ ଅସ୍ତ୍ରହୀନ ଝିଅର ସାହସ ନିଆଁ ଭଳି ବ୍ୟାପିବାରେ ଲାଗିଛି।
**-ପ୍ରିୟଙ୍କା ଗାନ୍ଧୀ, କଂଗ୍ରେସ ସାଧାରଣ ସମ୍ପାଦକ**



ନାବାଳିକା କିମ୍ବା ନାବାଳକ ନ ହୋଇଥିଲେ ଅପରାଧ ସବୁବେଳେ ଅପରାଧ। ଏଥିପାଇଁ ବୟସ, ଲିଙ୍ଗ ଆଦି କିଛି ମୂଲ୍ୟ ରଖେନି। ମୁମ୍ବାଇ ଆକ୍ରମଣ ଭିଆଇଥିବା କସାବକୁ ମଧ ସେତେବେଳେ ୨୧ ବର୍ଷ ହୋଇଥିଲା। **-ଗୌରବ ଭାଟିଆ, ଭାଜପା ମୁଖପାତ୍ର**



ଯଦି କେହି ଦୋଷୀ ତେବେ ମାମଲା ଚାଲୁ ଓ ତାଙ୍କୁ ଦଣ୍ଡ ମିଳୁ। ପ୍ରି ଟ୍ରାଏଲ ଗିରଫଦାରି (ଦଣ୍ଡର ଏକ ବିକଳ୍ପ ଭାବେ) ପୋଲିସ ତଦନ୍ତର ଏକ ଦାୟିତ୍ୱ। ଏହା ମୋତେ ସ୍ତବ୍ଧ କରିଛି।
**- ସୌରଭ କିରପାଲ, ବରିଷ୍ଠ ଆଇନଜୀବୀ**

# ଲୋକଙ୍କ ପଛରେ ଲାଗିବେ ଲୋକେ

**ନୂଆଦିଲ୍ଲୀ,୧୫।୨:** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛି, ଯେଉଁଥିରେ ନାଗରିକମାନଙ୍କୁ ଭଲ୍ୟୁଣ୍ଟିୟର ଭାବେ ନିଯୁକ୍ତି ଦିଆଯିବ। ସେମାନେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକରେ ଶିଶୁଙ୍କୁ ନେଇ ଅଶ୍ଳୀଳ ଫଟୋ ଓ ଭିଡିଓ, ବଳାତ୍କାର ଅପରାଧ, ଆତଙ୍କବାଦ ଏବଂ ଦେଶ ବିରୋଧୀ କାର୍ଯ୍ୟକଳାପ ଆଦି ବେଆଇନ କଣ୍ଟେଣ୍ଟକୁ ଚିହ୍ନଟ କରି ରିପୋର୍ଟ କରିବେ। ସୋସିଆଲ ମିଡିଆ ଉପରେ ନଜର ରଖିବା ଓ ଅନ୍‌ଲାଇନ୍ କ୍ରାଇମ୍ ରୋକିବା ଲାଗି ବର୍ତ୍ତମାନ ଯାଏ ସରକାର ସାଇବର ପୋଲିସ ଉପରେ ନିର୍ଭର କରୁଥିବାବେଳେ ଏବେ ଏଥିରେ ସାଧାରଣ ଲୋକଙ୍କୁ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ କରାଯିବ। ଏହି କାର୍ଯ୍ୟକ୍ରମର ଟ୍ରାଏଲ୍ ଜମ୍ମୁ-କଶ୍ମୀର ଓ ତ୍ରିପୁରାରେ କରାଯିବ। ଫିଡ୍‌ବ୍ୟାକ୍ ମିଳିବା ପରେ ତାକୁ ଅନୁଧ୍ୟାନ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ଗତ ନଭେମ୍ବର ୨୮ରେ ତ୍ରିପୁରା ପୋଲିସ ଏନେଇ ବିଜ୍ଞପ୍ତି ଜାରି କରିଛି। ସେହିପରି ଫେବୃୟାରୀ ୩ରେ ଜମ୍ମୁ-କଶ୍ମୀର ପୋଲିସ ମଧ ଏକ ପ୍ରେସ୍ ରିଲିଜ୍‌ରେ ଭଲ୍ୟୁଣ୍ଟିୟର ଭାବେ ସାଇନ୍ ଅପ୍ କରିବା ପାଇଁ ଲୋକଙ୍କୁ ଆମନ୍ତ୍ରଣ କରିଛି।

### ମୁହଁ ବନ୍ଦ ପାଇଁ କେନ୍ଦ୍ରର ନୂଆ କାର୍ଯ୍ୟକ୍ରମ

ମିଳିଥିବା ରିପୋର୍ଟ ଅନୁସାରେ ଭଲ୍ୟୁଣ୍ଟିୟରମାନେ ତିନୋଟି ବର୍ଗରେ ନିଜ ନାମ ପଞ୍ଜୀକରଣ କରିପାରିବେ। ତାହା ହେଲା ସାଇବର ଭଲ୍ୟୁଣ୍ଟିୟର ଅନ୍‌ଲଫୁଲ କଣ୍ଟେଣ୍ଟ ଫ୍ଲାଗର, ସାଇବର ଆୱାରନେସ୍ ପ୍ରମୋଟର ଏବଂ ସାଇବର ଏକ୍ସପର୍ଟ। ଭଲ୍ୟୁଣ୍ଟିୟରମାନେ ନାମ ବ୍ୟବହାର କରିପାରିବେ ନାହିଁ କି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାଇଁ କାମ କରୁଥିବା ନେଇ ମଧ ଜଣାଇପାରିବେ ନାହିଁ। ଏହି କାର୍ଯ୍ୟକ୍ରମ ଅଧୀନରେ ମନ୍ତ୍ରଣାଳୟର ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (୧୪ସି) ଏକ ପ୍ରାଥମିକ ସ୍ଥାନ ରୂପେ କାର୍ଯ୍ୟ କରିବ। ଭଲ୍ୟୁଣ୍ଟିୟରମାନେ ନିଜ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ନାମ ପଞ୍ଜୀକରଣ କରିପାରିବେ। ଏଥିପାଇଁ ସେମାନଙ୍କୁ ନିଜ ତଥା ମା’ବାପାଙ୍କ ନାମ, ଯୋଗାଯୋଗ ଠିକଣା, ଇ-ମେଲ୍ ଆଡ୍ରେସ୍ ଆଦି ବ୍ୟକ୍ତିଗତ ବିବରଣୀ ଦେବାକୁ ପଡ଼ିବ। ତେବେ ସେସବୁକୁ ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯିବ ନାହିଁ। ମନ୍ତ୍ରଣାଳୟର ଅନ୍ୟ ଏକ ନିର୍ଦ୍ଦେଶନାମା ଅନୁସାରେ ଜଣେ ଭଲ୍ୟୁଣ୍ଟିୟର ତାଙ୍କୁ ଦିଆଯାଇଥିବା ଦାୟିତ୍ୱ ସମ୍ପର୍କରେ ସମ୍ପୂର୍ଣ୍ଣ ଗୋପନୀୟତା ବଜାୟ ରଖିବେ। ସାଇବର ଭଲ୍ୟୁଣ୍ଟିୟର ପ୍ରୋଗ୍ରାମର ସର୍ତ୍ତ ଉଲ୍ଲଂଘନ କଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଷ୍ଟେଟ୍ ନୋଡାଲ ଅଫିସର ସମ୍ପୃକ୍ତ ଭଲ୍ୟୁଣ୍ଟିୟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏହି ଯୋଜନା ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲେ ମଧ ନିର୍ଦ୍ଦିଷ୍ଟ ଭାବେ କେଉଁ କାର୍ଯ୍ୟକୁ ‘ଦେଶ ବିରୋଧୀ’ ଆଖ୍ୟା ଦିଆଯିବ ସେନେଇ ସରକାର ଆଇନଗତ ଚିଠା ପ୍ରସ୍ତୁତ କରିନାହାନ୍ତି।

### ବିପଜ୍ଜନକ ଯୋଜନା

ନାଗରିକଙ୍କ ବିରୋଧରେ ନାଗରିକଙ୍କ ସର୍ଭିଲାନ୍ସ ସମ୍ପର୍କିତ ଉକ୍ତ ବିଜ୍ଞପ୍ତି ଅନେକ ଦିଗରୁ ତ୍ରୁଟିପୂର୍ଣ୍ଣ ମନେହେଉଥିବାରୁ ସରକାରଙ୍କ ଏହି କାର୍ଯ୍ୟକ୍ରମ ବିପଜ୍ଜନକ ଧାରା ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯେଉଁମାନେ ସରକାରଙ୍କ ସହିତ ସହମତ ହୋଇ ନ ଥାନ୍ତି, ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ବଳରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। ଅନେକଙ୍କୁ ଅଟକ ରଖାଯାଉଥିବାବେଳେ କେତେଜଣଙ୍କୁ ଜେଲ ପଠାଇ ଦିଆଯାଏ। ତେଣୁ ବିନା କୌଣସି ଉତ୍ତରଦାୟିତ୍ୱରେ ଲୋକଙ୍କ ମୁହଁ ବନ୍ଦ କରିବା ପାଇଁ ଏହି କାର୍ଯ୍ୟକ୍ରମର ଦୁରୁପଯୋଗ କରାଯିବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ପ୍ରକୃତ ସଂଜ୍ଞା ନିରୂପଣ ନ କରି କୌଣସି କଣ୍ଟେଣ୍ଟକୁ ‘ଦେଶ ବିରୋଧୀ’ ବ୍ୟବହାର, ଭାଷା ବା କାର୍ଯ୍ୟ ରୂପେ ଆଖ୍ୟାଦେବା ଫଳରେ ସିଟିଜେନ୍ ଭଲ୍ୟୁଣ୍ଟିୟର ମାନେ ଏକତରଫା କାର୍ଯ୍ୟାନୁଷ୍ଠାନ ନେଇପାରିବେ।



- ସାଇବର ଭଲ୍ୟୁଣ୍ଟିୟର ଅନ୍‌ଲଫୁଲ କଣ୍ଟେଣ୍ଟ ଫ୍ଲାଗର ଅନ୍‌ଲାଇନ୍‌ରେ ବେଆଇନ ଚାଇଲ୍ଡ ପୋର୍ନୋଗ୍ରାଫି, ବଳାତ୍କାର ମାମଲା, ଉଗ୍ରବାଦ, କଠୋରପନ୍ଥୀ କାର୍ଯ୍ୟରେ ଲୋକଙ୍କୁ ନିୟୋଜିତ କରିବା ଏବଂ ଦେଶ ବିରୋଧୀ ଗତିବିଧି ଆଦି କଣ୍ଟେଣ୍ଟଗୁଡ଼ିକୁ ଚିହ୍ନଟ କରିବେ।
- ସାଇବର ଆୱାରନେସ୍ ପ୍ରମୋଟରମାନେ ନାଗରିକଙ୍କ ମଧରେ ସାଇବର ଅପରାଧ ଉପରେ ସଚେତନତା ସୃଷ୍ଟି ପାଇଁ ଉତ୍ତରଦାୟୀ ରହିବେ। ମହିଳା, ଶିଶୁ, ବରିଷ୍ଠ ନାଗରିକ ଓ ଗ୍ରାମାଞ୍ଚଳର ଲୋକଙ୍କ ଉପରେ ସେମାନଙ୍କ ଫୋକସ୍ ରହିବ।
- ସାଇବର ଏକ୍ସପର୍ଟମାନେ ସାଇବର ଅପରାଧ, ଫୋରେନ୍ସିକ୍ସ, ନେଟ୍‌ୱର୍କ ଫୋରେନ୍ସିକ୍, ମାଲ୍‌ୱେର ଆନାଲିସିସ୍, ମେମୋରି ଆନାଲିସିସ୍ ଓ କ୍ରିପ୍ଟୋଗ୍ରାଫି ଆଦି ଉପରେ ଧାନଦେବେ।

## ସଂକ୍ଷେପରେ

### ହ୍ୱାଟ୍ସଆପ୍‌କୁ ସୁପ୍ରିମ କୋର୍ଟଙ୍କ ନୋଟିସ

**ନୂଆଦିଲ୍ଲୀ,୧୫।୨:** ହ୍ୱାଟ୍ସଆପ୍‌ର ନୂଆ ପ୍ରିଭେସି ନୀତିକୁ ନେଇ କେନ୍ଦ୍ର ସରକାର ଏବଂ ହ୍ୱାଟ୍ସଆପ୍‌କୁ ସୁପ୍ରିମ କୋର୍ଟ ନୋଟିସ ଜାରି କରିଛନ୍ତି। ଏହି ମାମଲାର ବିଚାରକୁ ନେଇ ସୁପ୍ରିମକୋର୍ଟ କହିଛନ୍ତି, ଭାରତୀୟ ନାଗରିକଙ୍କ ପ୍ରିଭେସିକୁ ସୁରକ୍ଷା ଦେବାର ଆବଶ୍ୟକତା ରହିଛି। ହ୍ୱାଟ୍ସଆପ୍‌ର ନୂଆ ନୀତିକୁ ନେଇ ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। ଏହାର ଶୁଣାଣିକରି ଉତ୍ତର ରଖିବାକୁ ଉଭୟ ପକ୍ଷଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୟୁରୋପୀୟ ୟୁଜର ତୁଳନାରେ ଭାରତୀୟ ୟୁଜରଙ୍କ ଲାଗି ଆସିଥିବା ପ୍ରିଭେସି ନୀତି ନିମ୍ନ ମାନର। ସର୍ବୋଚ୍ଚ ଅଦାଲତ କହିଛନ୍ତି, ହ୍ୱାଟ୍ସଆପ୍ ହୁଏତ ୩ ଟ୍ରିଲିୟନ ଡଲାର ମୂଲ୍ୟର କମ୍ପାନୀ ହୋଇପାରେ। ମାତ୍ର ଲୋକଙ୍କ ପ୍ରିଭେସିକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ। ଡାଟାକୁ ନିଶ୍ଚିତ ପକ୍ଷେ ସୁରକ୍ଷା ଦିଆଯିବ ବୋଲି କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ କହିଛି। ୟୁରୋପରେ ସ୍ୱତନ୍ତ୍ର ଡାଟା ସୁରକ୍ଷା ନିୟମ ରହିଥିବାରୁ ନୂଆ ଆଇନ ୟୁରୋପ ବାଦ୍ ସବୁ ଦେଶରେ ଲାଗୁ ହେଉଥିବା ହ୍ୱାଟ୍ସଆପ୍ ପକ୍ଷରୁ ସର୍ବୋଚ୍ଚ ଅଦାଲତଙ୍କୁ କୁହାଯାଇଛି।

### ଦର ବଢ଼ାଇବେ ଅଟୋମୋବାଇଲ କମ୍ପାନୀ

**ନୂଆଦିଲ୍ଲୀ,୧୫।୨:** ଦେଶର ଅଟୋମୋବାଇଲ କମ୍ପାନୀଗୁଡିକ ପୁଣି ଥରେ ଯାନ ଦର ବଢ଼ାଇବା ନେଇ ଯୋଜନା ରଖିଛନ୍ତି। ଷ୍ଟିଲ୍ ଦର ବଢୁଥିବାରୁ କମ୍ପାନୀଗୁଡିକ ଏଭଳି ଦର ବଢାଇବେ ବୋଲି କୁହାଯାଉଛି। ଏପ୍ରିଲରୁ ମେ ମାସ ମଧ୍ୟରେ ପ୍ରାୟ ୧-୩% ଦର ବଢାଇପାରନ୍ତି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏସର ମୋଟର୍ସ ଏବଂ ଅଶୋକ ଲେଲାଣ୍ଡ ଭଳି କମ୍ପାନୀ ଆଗାମୀ ଦିନରେ ଦ୍ୱିତୀୟ ପର୍ଯ୍ୟାୟ ଦର ବୃଦ୍ଧି କରିପାରନ୍ତି ବୋଲି ସୂଚନା ମିଳିଛି। ଜାନୁୟାରୀ, ଫେବୃୟାରୀରେ ମାରୁତି ସୁଜୁକି, ହ୍ୟୁଣ୍ଡାଇ, ମହିନ୍ଦ୍ରା, ରେନୋ ଏବଂ ଟାଟା ମୋଟର୍ସ ଭଳି କମ୍ପାନୀ ଯାନ ଦର ବଢ଼ାଇଛନ୍ତି। କମ୍ପାନୀଗୁଡ଼ିକର ଯାନ ଦର ପ୍ରାୟ ୪୫ ହଜାର ଟଙ୍କା ବଢ଼ିଛି। ଇନ୍‌ପୁଟ ମୂଲ୍ୟ ବଢ଼ିବାରୁ ବାଧ ହୋଇ ଦର ବଢ଼ାଉଥିବା କମ୍ପାନୀ କହିଛନ୍ତି।

# ଓଡ଼ିଶା ବଜାରରେ ନୂଆ ରେନୋ କାଇଗର




**ଭୁବନେଶ୍ୱର,୧୫।୨**

ରେନୋ ଇଣ୍ଡିଆ ପକ୍ଷରୁ ଏହାର ନୂଆ କାଇଗର ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ରେନୋ ଭୁବନେଶ୍ୱର ନର୍ଥ ଶୋ'ରୁମ୍‌ରେ ଏହି ଯାନଟିକୁ ଉନ୍ମୋଚନ କରାଯାଇଥିଲା। ସୁପରସେଲ୍‌ସ ଅଟୋମୋବାଇଲ୍ସର ଏମ୍‌ଡି ବିଶାଲ ଧାଓ୍ୱନ, ଏସ୍‌ବିଆଇ ଏଜିଏମ୍ ଶ୍ରୀକାନ୍ତ ଦାସ, ଏସ୍‌ବିଆଇ ଜୋନ-୧ ଭୁବନେଶ୍ୱରର ଡେପୁଟି ଜେନେରାଲ ମ୍ୟାନେଜର ଆନନ୍ଦ ବିକ୍ରମ ଯାନଟିକୁ ଶୁଭାରମ୍ଭ କରିଥିଲେ। ଏହି ମଡେଲଟି କିଛିଦିନ ତଳେ ସାରା ଦେଶରେ ବଜାର ପ୍ରବେଶ କରାଯାଇଥିଲା। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୫.୪୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକ ରେନୋ କାଇଗର ଡିଲରଶିପ ଏବଂ ୱେବ୍‌ସାଇଟକୁ ଯାଇ ୧୧ ହଜାର ଟଙ୍କା ଦେଇ ଏହାର ବୁକିଂ କରିପାରିବେ। ଏହା ୪ଟି ଟ୍ରିମ୍‌ରେ ଉପଲବ୍ଧ। ଏଥିରେ ଏଲ୍‌ଇଡି, ଡିଆର୍‌ଏଲ୍, ସି ଆକାରର ସିଗ୍‌ନେଚର, ଏଲ୍‌ଇଡି ଲ୍ୟାମ୍ପ ସହିତ ୪୦.୬୪ ସେମିର ହ୍ୱିଲ, ରୁଫ୍ ରେଲ୍ ବାର୍ ଏବଂ ଡୁଆଲ ଟୋନ ବିକଳ୍ପ ସମସ୍ତ ଟ୍ରିମ୍‌ରେ ଉପଲବ୍ଧ। ସାରା ଦେଶରେ ଥିବା କମ୍ପାନୀର ୫୦୦ରୁ ଊର୍ଦ୍ଧ୍ୱ ସେଲ୍‌ସ ଆଉଟଲେଟକୁ ଏହି ମଡେଲଟି ପ୍ରେରଣ ଆରମ୍ଭ କରାଯାଇଛି।

ଗ୍ରାହକଙ୍କ ଲାଗି ଶୋ'ରୁମ୍‌ରେ ଟେଷ୍ଟ ଡ୍ରାଇଭ ଉପଲବ୍ଧ ରହିଛି। ଆକର୍ଷଣୀୟ ଡୁଆଲ ଟୋନ୍ କମ୍ବିନେଶନ ସହିତ ରେନୋ କାଇଗର ୬ଟି ଆକର୍ଷଣୀୟ ବଡି କଲରରେ ଉପଲବ୍ଧ ହେବ। ଏଥିରେ ସ୍ୱତନ୍ତ୍ର ଆଥ୍‌ଲେଟିକ ଡିଜାଇନ, ଅର୍ବାନ ଆଧୁନିକତା, ଆକର୍ଷଣୀୟ ମସ୍କୁଲାର ବଡିଓ୍ୱାର୍କ ଯାହାକି ଦୃଢ଼ତା ଓ ଡାଇନାମିଜମ ପ୍ରଦାନ କରିବାକୁ ସକ୍ଷମ ହେବ। ଏଥିରେ ସ୍ମାର୍ଟ କ୍ୟାବିନ ରହିଛି ଯେଉଁଥିରେ ଟେକ୍ନୋଲୋଜି, ଫଙ୍କସନାଲିଟି ଓ ପର୍ଯ୍ୟାପ୍ତ ସ୍ଥାନ ମିଳିପାରିବ। ସେହିଭଳି ନୂତନ ବୈଶିଷ୍ଟ୍ୟ ତଥା ସିଏଫ୍‌ଏମ୍‌ଏ+ ପ୍ଲାଟ୍‌ଫର୍ମ ଯାହା ଦ୍ୱାରା ଡ୍ରାଇବର ସଫଳତା ପାଇପାରିଛି। ଏଥିରେ ଅଧିକ ସ୍ଥାନ, କ୍ୟାବିନ ଷ୍ଟୋରେଜ ଓ କାର୍ଗୋ ସ୍ପେସ୍ ରହିଛି। ମଡେଲଟିରେ ଏକ ସ୍ମାର୍ଟ କ୍ୟାବିନ ରହିଛି ଯେଉଁଥିରେ ୧.୦ ଲିଟରର ଟର୍ବୋ ଇଞ୍ଜିନ ଦ୍ୱାରା କାର୍ଯ୍ୟଦକ୍ଷତା ଏବଂ ଇନ୍ଧନ କ୍ଷମତା ମଧ୍ୟରେ ଉତ୍କୃଷ୍ଟ ସନ୍ତୁଳନ ରକ୍ଷା କରିଥାଏ। ଯାନଟିରେ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ବହୁତ କମ୍। ଏହି ପରିପ୍ରେକ୍ଷୀରେ ରେନୋ ଇଣ୍ଡିଆ ସିଇଓ ଭେଙ୍କଟରାମ ମାମିଲାପାଲେ କହିଛନ୍ତି, ରେନୋ କାଇଗର ହେଉଛି ଏକ ଆଧୁନିକ ଏସ୍‌ୟୁଭି ଯାହା ଭାରତୀୟ ବଜାର ଲାଗି ସମ୍ପୂର୍ଣ୍ଣ ଭାବେ ଉପଯୁକ୍ତ।




ରେନୋ ଭୁବନେଶ୍ୱର ନର୍ଥ ଶୋ'ରୁମ୍‌ରେ ନୂଆ ଯାନର ଶୁଭାରମ୍ଭ କରାଯାଉଛି।

## ଘରୋଇକରଣ ଲାଗି ସମ୍ଭାବ୍ୟ ବ୍ୟାଙ୍କ ତାଲିକା ପ୍ରସ୍ତୁତ

**ନୂଆଦିଲ୍ଲୀ,୧୫।୨**




ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ ପ୍ରକ୍ରିୟାକୁ ସରକାର ତ୍ୱରାନ୍ୱିତ କରିଛନ୍ତି। ଏଥିରେ ୪ ମଧ୍ୟମ ଧରଣ ବ୍ୟାଙ୍କ ତାଲିକା ପ୍ରସ୍ତୁତ ହୋଇଛି ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି। ଦେଶ ମଧ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ପତିଆରା ରହିଛି। ହେଲେ ସରକାର ବ୍ୟାଙ୍କ କ୍ଷେତ୍ରକୁ ମଧ୍ୟ ଘରୋଇ ହାତକୁ ଟେକିଦେବା ଦିଗରେ ଯୋଜନା ଆଗକୁ ବଢ଼ାଉଛନ୍ତି। ଏହାଦ୍ୱାରା ବ୍ୟାଙ୍କିଙ୍ଗ୍ କ୍ଷେତ୍ର ନିଯୁକ୍ତି ଉପରେ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି। ୨ ଅଧିକାରୀ ରଏଟର୍ସକୁ କହିଛନ୍ତି, ତାଲିକାରେ ଥିବା ୪ ବ୍ୟାଙ୍କ ମଧ୍ୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ରହିଛି। ଏହା ମଧ୍ୟରୁ କେଉଁ ୨ ବ୍ୟାଙ୍କ ଚୂଡ଼ାନ୍ତ ହେବେ ସେ ନେଇ ସରକାରଙ୍କ ପକ୍ଷରୁ ଏବେ ଯାଏ କିଛି ସ୍ପଷ୍ଟ କରାଯାଇନାହିଁ। ଅଧିକାରୀ ପୁଣି କହିଛନ୍ତି, ସରକାର ଛୋଟଛୋଟ ବ୍ୟାଙ୍କରୁ ଘରୋଇକରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପରେ ଆଉ କିଛି ବଡ଼ ବ୍ୟାଙ୍କ ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ ହୋଇପାରନ୍ତି। ଷ୍ଟେଟ ବ୍ୟାଙ୍କରେ ସରକାର ପ୍ରମୁଖ ଅଂଶୀଦାର ରହିବେ। ଗ୍ରାମାଞ୍ଚଳ ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବାରେ ଏହା ଷ୍ଟ୍ରାଟେଜିକ ବ୍ୟାଙ୍କ ଭାବେ କାମ କରିବ। ଏହି ପ୍ରସଙ୍ଗ ଉପରେ ଅର୍ଥ ମନ୍ତ୍ରଣାଳୟ ମୁଖପାତ୍ରଙ୍କ ପ୍ରତିକ୍ରିୟା ଲୋଡ଼ାଯାଇଥିଲେ ମଧ୍ୟ ଏହା ମିଳିପାରିନାହିଁ।

## ହୋଣ୍ଡା ଟୁହ୍ୱିଲର୍ସର ଡିଜିଟାଲ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୫।୨**

କୋଭିଡ ମହାମାରୀ ସମୟରେ ଦେଶ ପାଇଁ ସେବା ଜାରି ରଖିଥିବା ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀଙ୍କୁ ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସହାୟତା ଦିଆଯାଇଛି। ସାରା ଦେଶରେ ୨୩,୦୦୦ରୁ ଊର୍ଦ୍ଧ୍ୱ ଜାତୀୟ ସେବା ସ୍କିମ୍ ସ୍ୱେଚ୍ଛାସେବୀଙ୍କୁ ଡିଜିଟାଲ୍ ମାଧ୍ୟମରେ ସଡ଼କ ସୁରକ୍ଷା ଉପରେ ସଚେତନ କରାଯାଇଛି। ସାରା ଭାରତରେ ହୋଣ୍ଡାର ସ୍ୱତନ୍ତ୍ର ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନକାରୀ ୧୬ ବର୍ଷରୁ ଅଧିକ ବୟସର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ସଡକ ସୁରକ୍ଷାର ବିଭିନ୍ନ ବିଷୟ ଉପରେ ଅବଗତ କରିଛନ୍ତି। ୨୦୨୦ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ୮ ମାସରେ ଏହା ଭାରତର ୩୦ରୁ ଅଧିକ ସହର ଓ ନଗରରେ ଥିବା ୧୩ ବିଶ୍ୱବିଦ୍ୟାଳୟର ୨୦୦ରୁ ଅଧିକ କଲେଜର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ନିକଟରେ ପହଞ୍ଚିପାରିଛି। ସାରା ଦେଶରେ ୨୩,୦୦୦ରୁ ଊର୍ଦ୍ଧ୍ୱ ଜାତୀୟ ସେବା ସ୍କିମ୍ ସ୍ୱେଚ୍ଛାସେବୀଙ୍କୁ ଡିଜିଟାଲ୍ ମାଧ୍ୟମରେ ସଡ଼କ ସୁରକ୍ଷା ଉପରେ ସଚେତନ କରାଯାଇଛି ବୋଲି ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ବରିଷ୍ଠ ଉପସଭାପତି-ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେସନର ପ୍ରଭୁ ନାଗରାଜ କହିଛନ୍ତି।

SAFETY-INDIA HONDA

## ନୂଆ ଉଚ୍ଚତାରେ ଶେୟାର ବଜାର

**ନୂଆଦିଲ୍ଲୀ,୧୫।୨**

ଭାରତୀୟ ପୁଞ୍ଜିବଜାରରେ ବୃଦ୍ଧି ଧାରା ଲାଗି ରହିଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ୬୦୦ ପଏଣ୍ଟରୁ ଊର୍ଦ୍ଧ୍ୱ ବୃଦ୍ଧି ହୋଇଛି। ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସିଆଲ ଷ୍ଟକ୍ କାରବାର ବଢ଼ିବାରୁ ଏଭଳି ସ୍ଥିତି ଦେଖାଯାଇଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୬୧୦ ପଏଣ୍ଟ (୧.୧୮%) ବଢ଼ିବା ଯୋଗୁ ୫୨,୧୫୪ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସୋମବାର ସେନ୍‌ସେକ୍ସ ସୂଚକାଙ୍କ ୫୨,୨୩୬ ପଏଣ୍ଟ ସ୍ତର ଛୁଇଁଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) କାରବାର ୧୫୧ ପଏଣ୍ଟ(୧%) ଉଚ୍ଚରେ ରହିବା ଯୋଗୁ ୧୫,୩୧୫ ପଏଣ୍ଟରେ ବନ୍ଦ ହୋଇଛି।

ସେନ୍‌ସେକ୍ସରେ ଭଲ କାରବାର କରିଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଆକ୍ସିସ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ବଜାଜ ଫାଇନାନ୍ସ, ଏସ୍‌ବିଆଇ, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଏବଂ ବଜାଜ ଫିନ୍‌ସର୍ଭ ରହିଛି। ଏହି ଶେୟାରଗୁଡ଼ିକର କାରବାର ପ୍ରାୟ ୬.୨୨% ବୃଦ୍ଧି ପାଇଛି। ସେହିଭଳି ଡ.ରେଡ୍ଡୀ, ଟିସିଏସ୍, ଏସିଆନ ପେଣ୍ଟସ, ହିନ୍ଦୁସ୍ଥାନ ୟୁନିଲିଭର, ଟେକ୍ ମହିନ୍ଦ୍ରା ଏବଂ ଏଚ୍‌ସିଏଲ୍ ଭଳି କମ୍ପାନୀଗୁଡ଼ିକର ଶେୟାର କାରବାର ୧.୭୯% ହ୍ରାସ ଘଟିଛି। ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ନିଫ୍ଟି ବ୍ୟାଙ୍କ, ପ୍ରାଇଭେଟ ବ୍ୟାଙ୍କ ଏବଂ ଫାଇନାନ୍ସିଆଲ ସର୍ଭିସ କାରବାର ୩.୩୨% ବୃଦ୍ଧି ପାଇଛି। ମାର୍ଚ୍ଚ ୨୦୨୦ରେ କୋଭିଡ୍ ଯୋଗୁ ଶେୟାର ବଜାର ୨୩% ଖସିଥିଲା।

## ପାଇକାରୀ ମୁଦ୍ରାସ୍ଫୀତି ୨.୦୩%

**ନୂଆଦିଲ୍ଲୀ,୧୫।୨:** ଜାନୁୟାରୀ ମାସରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ) ୨.୦୩% ସ୍ତରକୁ ବୃଦ୍ଧି ପାଇଛି। ଖାଦ୍ୟ ସାମଗ୍ରୀ ଦର ସ୍ୱାଭାବିକ ରହିଥିଲେ ମଧ୍ୟ ପାଇକାରୀ ମୁଦ୍ରାସ୍ଫୀତିରେ ଏଭଳି ବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୨୦ ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧.୨୨% ସ୍ତରରେ ରହିଥିଲା। ଏହା ଗତ ବର୍ଷ ଜାନୁୟାରୀରେ ୩.୫୨% ସ୍ତରରେ ରହିଥିଲା। ଜାନୁୟାରୀରେ ଖାଦ୍ୟ ସାମଗ୍ରୀ ଦର ସ୍ୱାଭାବିକ ରହିଥିଲେ ମଧ୍ୟ ମାନୁଫାକ୍ଟର ସାମଗ୍ରୀ ଦର ବଢ଼ିଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଖାଦ୍ୟ ମୁଦ୍ରାସ୍ଫୀତି -୨.୮% ସ୍ତରରେ ରହିଥିବା ବେଳେ ଡିସେମ୍ବରରେ ଏହା -୧.୧୧% ସ୍ତରରେ ରହିଛି। ପନିପରିବା ଏବଂ ଆଳୁରେ ଏହା -୨୦.୨୨% ଏବଂ ଇନ୍ଧନ ଏବଂ ଶକ୍ତି ବାସ୍କେଟରେ ଏହା -୪.୭୮% ସ୍ତରରେ ରହିଛି। ଅଣ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ୪.୧୬% ସ୍ତର ଛୁଇଁଛି।

## ରାଜ୍ୟ ଖବର

### ବାଘଛାଲ ଜବତ: ଦୁଇ ବେପାରୀ ଗିରଫ

**ଖରିଆର/ତରବୋଡ/ ନୂଆପଡା ଅଫିସ, ୧୫।୨(ଡି.ଏନ.ଏ.):** କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ବାଘଛାଲ ଜବତ କରିବା ସହ ଦୁଇ ବେପାରୀଙ୍କୁ ଗିରଫ କରିଛନ୍ତି। ଏସ୍‌ଟିଏଫ୍‌ର ଇନ୍ସପେକ୍ଟର ଈଶ୍ୱର କିରୋଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ସ୍ୱତନ୍ତ୍ର ଟିମ୍ ଗତ ୧୪ ତାରିଖରେ ନୂଆପଡ଼ା ଗସ୍ତରେ ଆସିଥିବା ସମୟରେ କୌଣସି ସୂତ୍ରରୁ ଖବରପାଇ ସିନାପାଲି ଥାନା ପଲସାପଡ଼ା ଗାଁ ଛକ ପାଖରେ ଦୁଇ ଜଣଙ୍କୁ ଧରିଥିଲେ। ସେମାନଙ୍କ ପାଖରୁ ଚିତାବାଘର ଛାଲ ବାହାରିଥିଲା। ଅଧିକ ପଚରାଉଚରା କରି ଦୁଇ ଜଣଙ୍କୁ ଖଡ଼ିଆଳ କୋର୍ଟରେ ହାଜର କରିଛି ଏସ୍‌ଟିଏଫ୍ ଟିମ୍। ଗିରଫ ଦୁଇ ଜଣ ନୂଆପଡା ଜିଲା ଖଡ଼ିଆଳର ସାବୁରବାନ ଓରଫ ସୁବିର ସିଂ ଦେଓ ଏବଂ ସିନାପାଲିର ସମନ ସିଂ କମାଝି। ଜବତ ଚମଡ଼ାକୁ ପରୀକ୍ଷା ପାଇଁ ଡେରାଡୁନ ୱାଇଲଲ୍ଡ ଲାଇଫ ସଂସ୍ଥାକୁ ପଠାଯାଇଛି। ବନ୍ୟଜନ୍ତୁ ଅଙ୍ଗପ୍ରତ୍ୟଙ୍ଗ ବେଆଇନ ବେପାର କରୁଥିବା ଅଭିଯୋଗରେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅନେକ ସମୟରେ ଛତିଶଗଡ ପୋଲିସ ବହୁ ବେପାରୀକୁ ଗିରଫ କରିଥିବା ବେଳେ ନୂଆପଡା ପୋଲିସ ପାଖରେ କିଛି ଖବର ରହୁ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# ଦ୍ୱିତୀୟ ଡୋଜ୍ ଟିକାକରଣ ଆରମ୍ଭ

### ମାର୍ଚ୍ଚ ୧ରେ ବରିଷ୍ଠ ନାଗରିକ ନେବେ ଟିକା

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

ରାଜ୍ୟରେ ପ୍ରଥମେ କରୋନା ଟିକା ନେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱିତୀୟ ଡୋଜ୍ ଟିକାକରଣ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୮୧% ଟିକାକରଣ ହୋଇଛି। ୧୨୬ଟି ସେସନରେ ୧୨,୩୨୦ ଜଣଙ୍କୁ ଟିକା ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ୧୦,୦୩୪ ଜଣ ନେଇଛନ୍ତି। ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଏହି ଦ୍ୱିତୀୟ ଡୋଜ୍ ଟିକାକରଣ ଚାଲିବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୪ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଥମ ଡୋଜ୍ ଟିକା ନେଇସାରିଛନ୍ତି। ଏହା ଧାର୍ଯ୍ୟ ଲକ୍ଷ୍ୟର ପାଖାପାଖି ୯୦ ପ୍ରତିଶତ। ଅନ୍ୟପକ୍ଷେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ଆସନ୍ତା ୨୫ ତାରିଖ ସୁଦ୍ଧା ପ୍ରଥମ ଡୋଜ୍ ଟିକା ନେଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସେହିଭଳି ରାଜ୍ୟର ସିଆର୍‌ପିଏଫ୍ ଯବାନଙ୍କୁ ମଧ୍ୟ ଟିକା ଦିଆଯାଇଛି। ସିଆରପିଏଫ୍ କ୍ୟାମ୍ପସରେ ସୋମବାର ପ୍ରଥମ ପର୍ଯ୍ୟାୟରେ ୨ଶହ ଯୋଦ୍ଧାଙ୍କୁ ଟିକା ଦିଆଯାଇଛି। ଏନେଇ ସିଆରପିଏଫ୍ କ୍ୟାମ୍ପସ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସେହିଭଳି ସୋମବାର ଭୁବନେଶ୍ୱର ବିମାନବନ୍ଦରରେ ସିଆଇଏସ୍‌ଏଫ୍ ଯବାନଙ୍କୁ ମଧ୍ୟ ଟିକା ଦିଆଯାଇଛି। ସେପଟେ ମାର୍ଚ୍ଚ ୧ରୁ ବରିଷ୍ଠ ନାଗରିକଙ୍କୁ କରୋନା ଟିକା ଦିଆଯିବ। ଡା. ଜୟନ୍ତ ପଣ୍ଡା ଏନେଇ ସୂଚନା ଦେଇ କହିଛନ୍ତି, କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାରେ ୫୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଟିକାକରଣ କରାଯିବ। ଏଥିପାଇଁ ବରିଷ୍ଠ ନାଗରିକଙ୍କ ନାମ ପଞ୍ଜୀକରଣ କରାଯିବ ବୋଲି ଡା. ପଣ୍ଡା ସୂଚନା ଦେଇଛନ୍ତି। ସୋମବାର ରାଜ୍ୟରେ ମୋଟ ଟିକାକରଣ (ପ୍ରଥମ ଡୋଜ୍ ଓ ଦ୍ୱିତୀୟ ଡୋଜ୍‌କୁ ମିଶାଇ) ୭୮% ହୋଇଛି। ୧୮,୮୩୧ ଲକ୍ଷ୍ୟ ରଖାଯାଇଥିବାବେଳେ ୧୪,୭୪୪ଜଣ ଟିକା ନେଇଛନ୍ତି। ସେମାନଙ୍କ ମଧ୍ୟରୁ ସ୍ୱାସ୍ଥ୍ୟକର୍ମୀ ୧୦,୬୯୪ଜଣ ଓ ସମ୍ମୁଖ ଯୋଦ୍ଧା ୪,୦୪୪ଜଣ ରହିଛନ୍ତି। ଟିକା ନେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ୧୦,୦୩୪ଜଣ ଦ୍ୱିତୀୟ ଡୋଜ୍ ନେଇଥିବାବେଳେ ୬୬୦ଜଣ ପ୍ରଥମ ଡୋଜ୍ ନେଇଛନ୍ତି।



ଜଣେ ଡାକ୍ତର ଟିକା ନେଉଛନ୍ତି।

### ତଦନ୍ତ ନିର୍ଦ୍ଦେଶ ଦେଲେ ଏନ୍‌ଟିସିଏ

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ଇକୋ ଟୁରିଜମ୍ ନାଁରେ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନର ଖୋଲାଖୋଲି ଉଲ୍ଲଂଘନ ହେଉଛି। ନଦୀର ଉଭୟ ପାର୍ଶ୍ୱରେ

**ପର୍ଯ୍ୟଟନ ପାଇଁ ସାତକୋଶିଆ ପ୍ରଭାବିତ**

ଜନଗହଳି ସୃଷ୍ଟି ହେଉଥିବାରୁ ବାଘ ବାସସ୍ଥାନ ଗୁରୁତର ପ୍ରଭାବିତ ହେଉଛି। ତେଣୁ ଉଭୟ ପାର୍ଶ୍ୱରୁ ଇକୋ ଟୁରିଜମ୍ ବନ୍ଦ କରିବା ପାଇଁ ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ) ପକ୍ଷରୁ ୨୦୧୯ରୁ ବାରମ୍ବାର ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ)କୁ ଚିଠି ଲେଖା ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ସାତକୋଶିଆରେ ପର୍ଯ୍ୟଟନର କୁପ୍ରଭାବ ନେଇ ଏନ୍‌ଟିସିଏର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଟିସିଏର ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ୍ ଫରେଷ୍ଟସ ରାଜେନ୍ଦ୍ର ଜି. ଗରୱାଡ଼ ନାଗପୁରସ୍ଥିତ ଏନ୍‌ଟିସିଏ ରିଜିଓନାଲ ଅଫିସର ଏଆଇଜିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡବ୍ଲ୍ୟୁଏସ୍‌ଓର ସମ୍ପାଦକ ବିଶ୍ୱଜିତ ମହାନ୍ତିଙ୍କ ଅଭିଯୋଗପତ୍ରକୁ ଆଧାର କରି ଏନ୍‌ଟିସିଏ ଏହି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି।

## ନିଖୋଜ ଶିଶୁକନ୍ୟା ଉଦ୍ଧାର

### ଶାଶୁ, ଦେଢ଼ଶାଶୁଙ୍କ ସମେତ ୫ ଗିରଫ

**କୋରାପୁଟ,୧୫।୨(ସ୍ୱ.ପ୍ର.)**

କୋରାପୁଟ ମେଡିକାଲ କଲେଜରୁ ନିଖୋଜ ଶିଶୁକନ୍ୟା ସୋମବାର ଉଦ୍ଧାର ହୋଇଛି। ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଟୁନା ହରିଜନଙ୍କୁ ରବିବାର ରାତିରେ କୁନ୍ଦୁରାର ଫୁଫୁଗାଁ ଅଞ୍ଚଳରୁ ଗିରଫ କରିବା ପରେ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ଗୁଣନିଧି ମଲ୍ଲିକ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଟୁନା ହରିଜନ, ଡମ୍ବୁସିଂ ଗୌଡ଼ଙ୍କ ଶାଶୁ ଗଙ୍ଗାଇ ଗୌଡ଼, ଦେଢ଼ଶାଶୁ ବାସନ୍ତୀ ଗୌଡ଼, ବି. ସିଂପୁର ଥାନା ମୁଣ୍ଡାଗୁଡ଼ା ଗ୍ରାମର ହେମନ୍ତ ମହୁରିଆ ଓ ରଞ୍ଜିତା ମହୁରିଆ। ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଥିବା ଏସ୍‌ଡିପିଓ କହିଛନ୍ତି।

ଖବରରୁ ଜଣାଯାଇଛି, ଗତ ୯ତାରିଖରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅନ୍ତର୍ଗତ ଶିଳପଡ଼ା ଗ୍ରାମର ଡମ୍ବୁଙ୍କ ସ୍ତ୍ରୀ ତୁଳସେନା ଗୌଡଙ୍କୁ ପ୍ରସବ ନେଇ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ପରେ ତୁଳ ଗୁରୁତର ହୋଇପଡି ପରେ ତାଙ୍କର ମୃତ୍ୟୁ ହୋଇଥିଲା। ନବଜାତ ଶିଶୁକନ୍ୟାକୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ଶିଶୁକନ୍ୟା ଦାୟିତ୍ୱ ଡମ୍ବୁ ଶାଶୁ ଓ ଦେଢଶାଶୁଙ୍କ ଉପରେ ଛାଡି ସ୍ତ୍ରୀଙ୍କ ମୃତଦେହ ସତ୍କାର କରିବା ଲାଗି ଗ୍ରାମକୁ ଚାଲି ଆସିଥିଲେ। ପରେ ଟୁନା ପହଞ୍ଚି ନିଜକୁ ଶିଶୁକନ୍ୟାର ବାପା ବୋଲି ପରିଚୟ ଦେଇ ଆଇସିୟୁରୁ ଶିଶୁକନ୍ୟାକୁ ନେଇଯାଇ ବି.ସିଂପୁର ଥାନା ଅଞ୍ଚଳର ନିଃସନ୍ତାନ ଥିବା ହେମନ୍ତ ଓ ରଞ୍ଜିତାଙ୍କୁ ପ୍ରଦାନ କରିଥିଲେ। ୩ ଦିନ ପରେ ଡମ୍ବୁ ମେଡିକାଲ କଲେଜରେ ପହଞ୍ଚି ନିଜ ଝିଅ କିପରି ଅଛି ଆଇସିୟୁକୁ ଦେଖିବାକୁ ଯାଇଥିଲେ। ସେତେବେଳେ ସେଠାରେ ଶାଶୁ ଗଙ୍ଗାଇ ଓ ଦେଢଶାଶୁ ବାସନ୍ତୀ ନ ଥିଲେ। ଆଇସିୟୁରେ ଶିଶୁକନ୍ୟା ନ ଥିବା ଦେଖି ଡମ୍ବୁ କର୍ମଚାରୀଙ୍କୁ ପଚାରିଥିଲେ ମଧ୍ୟ କେହି କିଛି କହିପାରି ନ ଥିଲେ। ପରେ ସେ ଏନେଇ ଟାଉନ ଥାନାରେ ଗତ ୧୨ରେ ତାଙ୍କ ଝିଅ ନିଖୋଜ ଥିବା ନେଇ ଏତଲା ଦେଇଥିଲେ। ତାକୁ କେହି ବିକ୍ରି କରିଦେଇଥିବା ଏତଲାରେ ଉଲ୍ଲେଖ କରିଥିଲେ। ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ୪୨/୨୧ରେ ଏକ ମାମଲା ରୁଜୁକରି ଏକ ଟିମ୍ ଗଠନ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

# ଯାତ୍ରୀ ସହାୟକଙ୍କ ମୁଣ୍ଡ ଫଟାଇଲେ ସୁଆର ସେବକ

**ପୁରୀ ଅଫିସ,୧୫।୨**

- ଶ୍ରୀମନ୍ଦିର ଉତ୍ତରଦ୍ୱାରରେ ରକ୍ତଛିଟା
- ଅଭିଯୁକ୍ତ ସୁଆର ସେବାୟତ ଥାନାରେ ଅଟକ

ଶ୍ରୀମନ୍ଦିର ଉତ୍ତରଦ୍ୱାରରେ ସୋମବାର ରକ୍ତଛିଟା ପଡ଼ିଛି। ଜଣେ ସୁଆର ସେବାୟତଙ୍କ କୁଡୁଆ ମାଡ଼ରେ ଜଣେ ଯାତ୍ରୀ ସେବାୟତଙ୍କ ମୁଣ୍ଡ ଫାଟିଛି। ଏନେଇ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଆହତ ଯାତ୍ରୀ ସହାୟକଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତ ସୁଆର ସେବକଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଛି।

ଶ୍ରୀମନ୍ଦିରର ଯାତ୍ରୀ ସହାୟକ ଦାମୋଦର ଗୋଚ୍ଛିକାରଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ସେ କର୍ତ୍ତବ୍ୟରତ ଥିବାବେଳେ ସୁଆର ସେବାୟତ ରାମକୃଷ୍ଣ ଖୁଣ୍ଟିଆ ଏକ କୁଡୁଆ ଧରି ଉତ୍ତରଦ୍ୱାର ଦେଇ ପ୍ରବେଶ କରିବାକୁ ଉଦ୍ୟତ ହୋଇଥିଲେ। ତେବେ ନିୟମ ଅନୁଯାୟୀ, ଶ୍ରୀମନ୍ଦିର ରୋଷଘରକୁ ଯାଉଥିବା ଦ୍ରବ୍ୟକୁ ଦକ୍ଷିଣ ଦ୍ୱାର ପଟେ ଶ୍ରୀମନ୍ଦିର ଭିତରକୁ ନିଆଯାଇଥାଏ। ତେଣୁ ଉତ୍ତରଦ୍ୱାର ଦେଇ ରୋଷଘର କୁଡୁଆ ପ୍ରବେଶ କରାଇବାକୁ ଦାମୋଦର ବିରୋଧ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାମକୃଷ୍ଣ ହାତରେ ଧରିଥିବା କୁଡୁଆକୁ ଦାମୋଦରଙ୍କ ମୁଣ୍ଡରେ ପିଟି ଦେଇଥିଲେ। ଫଳରେ ଦାମୋଦରଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଅନ୍ୟମାନେ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅନ୍ୟପକ୍ଷରେ ଏହି ଘଟଣା ସମ୍ପର୍କରେ ପ୍ରଶାସନ ଖବର ପାଇ ତଦନ୍ତ ଆରମ୍ଭ କରିଛି। ଏ ନେଇ ସିଂହଦ୍ୱାର ଥାନାରେ ଏତଲା ଦିଆଯିବା ପରେ ପୋଲିସ ଅଭିଯୁକ୍ତ ରାମକୃଷ୍ଣଙ୍କୁ ଅଟକ ରଖିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।



ଆହତ ଦାମୋଦର ଗୋଚ୍ଛିକାର।

# ଟ୍ୟାଙ୍କ୍‌ମ୍ୟାନ୍ ବସନ୍ତ କୁମାର ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର, ୧୫।୨(ବ୍ୟୁରୋ):** ଅବସରପ୍ରାପ୍ତ ଓଡ଼ିଆ ସେନା ଅଧିକାରୀ ମେଜର ଜେନେରାଲ ବସନ୍ତ କୁମାର ମହାପାତ୍ର(୮୮)ଙ୍କ ସୋମବାର ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କୁ ହୃଦ୍‌ଘାତ ହୋଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ମରଶରୀରକୁ କଟକ ଚାନ୍ଦିନୀଚୌକସ୍ଥିତ ପୈତୃକ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।

ମେଜର ଜେନେରାଲ ମହାପାତ୍ରଙ୍କ ଜନ୍ମ ୧୯୩୪ ଜାନୁୟାରୀ ୧୬ରେ ହୋଇଥିଲା। ଟ୍ୟାଙ୍କ୍‌ମ୍ୟାନ୍ ଭାବେ ସେ ପରିଚିତ ଥିଲେ। ସୈନ୍ୟବାହିନୀର ଆର୍‌ମୋର୍ଡ କର୍ପସ (ଟ୍ୟାଙ୍କ)ରେ ଯୁଦ୍ଧ ଅଧିକାରୀ ଭାବେ ମଙ୍ଗ ଧରିଥିଲେ। ଗୋଆ ଲିବରେଶନ (୧୯୬୧), ଭାରତ-ଚୀନ୍ ଯୁଦ୍ଧ (୧୯୬୨ ଓ ୧୯୬୫) ଏବଂ ୧୯୭୧ରେ ଭାରତ-ପାକିସ୍ଥାନ ଯୁଦ୍ଧରେ ସାମିଲ୍ ହୋଇ ପ୍ରତିପକ୍ଷଙ୍କ ସହ ଲଢ଼ିଥିଲେ। ୧୯୬୫ରେ ପାକିସ୍ତାନ ସହ ଭାରତର ବଡ଼ ବିବାଦ ଦେଖାଦେଇଥିଲା। ଏହି ସମୟରେ ମହାପାତ୍ର ପଞ୍ଜାବର ଖେମ୍‌କାରାନରେ ଚାଲିଥିବା ଭୟଙ୍କର ପାଟନ୍ ଟ୍ୟାଙ୍କ ଯୁଦ୍ଧରେ ଭାଗ ନେଇଥିଲେ। ତା'ପରେ ୧୯୭୧ରେ ତାଙ୍କ ସୈନ୍ୟଦଳ ପାକିସ୍ତାନର ମମ୍‌ଡଟ୍ ବଲ୍‌ଜ ଏବଂ ସେହଜ୍ରାର ଏକ ବଡ଼ ଅଞ୍ଚଳ ଦଖଲ କରିଥିଲେ। ଏହି ବୀରତ୍ୱ ପାଇଁ ଭାରତର ରାଷ୍ଟ୍ରପତି ତାଙ୍କୁ ସମ୍ମାନଜନକ ଅତି ବିଶିଷ୍ଟ ସେବା ପଦକ(ଏଭିଏସ୍‌ଏମ୍) ପ୍ରଦାନ କରିଥିଲେ। ଅବସର ପରେ ସେ ଓଡ଼ିଶାର ଏକାଧିକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପରିଚାଳନା ଦାୟିତ୍ୱରେ ଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଶୋକ**



ମେଜର ଜେନେରାଲ ବସନ୍ତ କୁମାର ମହାପାତ୍ର

# ତୈଳଦର ବୃଦ୍ଧିର ପ୍ରତିବାଦ



## ସମ୍ବଲପୁର




ସମ୍ବଲପୁର ମୁଖ୍ୟ ଡାକଘର ସମ୍ମୁଖ ପେଟ୍ରୋଲ ପମ୍ପରେ ଲାଗିଥିବା ଏକ ବ୍ୟାନରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋଚିତ୍ରରେ କଂଗ୍ରେସ କର୍ମୀ କଳା ବୋଳୁଛନ୍ତି ।

## କଟକ



କଟକ ବାଦାମବାଡ଼ି ମୁଖ୍ୟ ରାସ୍ତା ଶୂନ୍‌ଶାନ।

ପ୍ରାୟ ପ୍ରତିଦିନ ବଢ଼ିଚାଲିଛି ପେଟ୍ରୋଲ, ଡିଜେଲ ଦର। ବିଶେଷକରି କେନ୍ଦ୍ର ବଜେଟ ପରେ ଅର୍ଥାତ୍ ୧୫ ଦିନ ମଧ୍ୟରେ ୯ ଥର ଦରବୃଦ୍ଧି ଘଟିଲାଣି, ଯେଉଁଥିରେ କି ଲଗାମ ଲାଗୁନାହିଁ। ଏହାର ପ୍ରଭାବରେ ଯାତାୟାତ ଭଡ଼ାଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀ ଯାଏ ମୂଲ୍ୟବୃଦ୍ଧି ଘଟିବାରେ ଲାଗିଛି। ଏଥିରେ ସାଧାରଣ ଜନତା ପେଷି ହୋଇଯାଉଥିବାବେଳେ ସୋମବାର କଂଗ୍ରେସର ୬ ଘଣ୍ଟିଆ ଓଡ଼ିଶା ବନ୍ଦକୁ ଜନସମର୍ଥନ ମିଳିଛି । କାଁ ଭାଁ ସ୍ଥାନରେ ଗଣ୍ଡଗୋଳକୁ ଛାଡ଼ିଦେଲେ ପ୍ରାୟ ସବୁଠି ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ପାଳନ ହୋଇଛି। ବିଭିନ୍ନ ବର୍ଗର ଲୋକ ସାମିଲ ହୋଇ ତୈଳଦର ବୃଦ୍ଧିକୁ ପ୍ରତିବାଦ ଜଣାଇଛନ୍ତି।

## ଭୁବନେଶ୍ୱର



ବିଧାନସଭାକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବା କଂଗ୍ରେସ କର୍ମୀଙ୍କୁ ପୋଲିସ ଅଟକାଉଛି।



ବସ୍ ଚଳାଚଳ ବନ୍ଦ ଯୋଗୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅପେକ୍ଷାରତ ଯାତ୍ରୀମାନେ।



ଭୁବନେଶ୍ୱର ରେଳଷ୍ଟେଶନରେ କଂଗ୍ରେସ ପକ୍ଷରୁ ଟ୍ରେନ ଚଳାଚଳ ବନ୍ଦ କରାଯାଇଛି।

## ବ୍ରହ୍ମପୁର



ଅନ୍ନପୂର୍ଣ୍ଣା ମାର୍କେଟରେ ସମସ୍ତ ଦୋକାନ ବନ୍ଦ ରହିଛି।

## ପୁରୀ



ପୁରୀ ବଡ଼ଦାଣ୍ଡରେ କଂଗ୍ରେସ କର୍ମୀଙ୍କ ମୋଟରସାଇକେଲ ଶୋଭାଯାତ୍ରା।

## ରାଉରକେଲା




ବିଶ୍ରା ଛକରେ କଂଗ୍ରେସ କର୍ମୀଙ୍କ ପିକେଟିଂ ।

## ଉମରକୋଟ



ନବରଙ୍ଗପୁର ଜିଲା ଉମରକୋଟରେ ମୋଦି ସରକାରଙ୍କୁ ବିରୋଧ କରି କଂଗ୍ରେସ ପକ୍ଷରୁ ବାହାରିଥିବା ଶଗଡ଼ ଶୋଭାଯାତ୍ରା।

## କେନ୍ଦୁଝର



କେନ୍ଦୁଝର ଜିଲା ୫୩ନଂ. ରାଜ୍ୟ ରାଜପଥର ହାଟଡିହୀ ଛକଠାରେ ଟାୟାର ଜାଳି କଂଗ୍ରେସ କର୍ମୀ ବିକ୍ଷୋଭ କରୁଛନ୍ତି।

## ଅନୁଗୋଳ



ଅନୁଗୋଳ ସହର ଦେଇ ଯାଇଥିବା ଜାତୀୟ ରାଜପଥ ୫୫ରେ ଅଟକି ରହିଥିବା ଟ୍ରକ।

## ଜଗତ୍‌ସିଂହପୁର



ନାଉଗାଁ ବ୍ଲକ ଗଙ୍ଗଦା ହାଟ ରାସ୍ତାକୁ ଟାୟାର ଜାଳି ଅବରୋଧ କରିଛନ୍ତି କଂଗ୍ରେସ କର୍ମୀ।

## ସେମିଳିଗୁଡ଼ା



କୋରାପୁଟ ଜିଲା ସେମିଳିଗୁଡ଼ାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ।

# ଅଶ୍ୱିନଙ୍କ ଶତକ, ଭାରତ ଦୃଢ଼




ଚେନ୍ନାଇ,୧୫ା୨

ଭାରତୀୟ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ ବିପକ୍ଷ ଚଳିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଉଦାହରଣ ସୃଷ୍ଟିକରି ସମସ୍ତଙ୍କୁ ଉଚିତ ଶିକ୍ଷା ପ୍ରଦାନ କରିଛନ୍ତି। ବଲ ଟର୍ନ କରୁଥିବା ପିଚ୍‌ରେ କିପରି ବୋଲିଂ କରିବାକୁ ହୁଏ ଓ କ୍ରମାଗତ ଭାବେ ଖରାପ ହେଉଥିବା ଏହି ଉଇକେଟରେ କିପରି ବ୍ୟାଟିଂ କରିବାକୁ ହୁଏ ତାହା ସେ କରି ଦେଖାଇଦେଇଛନ୍ତି। ପ୍ରଥମ ଇନିଂସରେ ୫ ଉଇକେଟ ହାସଲ କରିବା ପରେ ସେ ଏହି କଷ୍ଟକର ତଥା ଚ୍ୟାଲେଞ୍ଜିଂ ଉଇକେଟରେ ଶତକୀୟ ଇନିଂସ ଖେଳି ଭାରତକୁ ଡ୍ରାଇଭର ସିଟ୍‌ରେ ପହଞ୍ଚାଇଛନ୍ତି। ଏବେ ଏହି ମ୍ୟାଚ୍ ଭାରତର ହାତମୁଠାରେ ରହିଛି ।

ଟସ ଜିତି ଭାରତ ପ୍ରଥମ ଇନିଂସରେ ୯୫.୫ ଓଭରରେ ୩୨୯ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ରବିବାର ୫୯.୫ ଓଭରରେ ୧୩୪ ରନ କରି ଅଲ୍‌ଆଉଟ ହୋଇଥିଲା। ଫଳରେ ଭାରତ ୧୯୫ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ସୋମବାର ତୃତୀୟ ଦିବସର ଅନ୍ତିମ ସେସନରେ ୮୫.୫ ଓଭରରେ ୨୮୬ ରନ କରି ଅଲ୍‌ଆଉଟ ହୋଇଛି। ଫଳରେ ଇଂଲଣ୍ଡ ସମ୍ମୁଖରେ ୪୮୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହେବା ସହ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୯ ଓଭରରେ ୩ ଉଇକେଟ ହରାଇ ୫୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଡାନ ଲରେନ୍ସ ୧୯ ଓ ଅଧିନାୟକ ଜୋ ରୁଟ୍ ୨ ରନ କରି ଅପରାଜିତ ରହିଛନ୍ତି। ଓପନର ଡମ ସିବ୍‌ଲି ମାତ୍ର ୩ ରନ କରିଥିବା ବେଳେ ସ୍ପିନର ଅକ୍ଷର ପଟେଲଙ୍କ ବଲ୍‌କୁ ମିଡ୍ ଉଇକେଟକୁ ମାରିବାକୁ ପ୍ରୟାସ କରିଥିଲେ। ତେବେ ମିଡ୍‌ଲ ଷ୍ଟମ୍ପ ଉପରେ ଥିବା ବଲ୍ ବ୍ୟାଟ୍‌ରେ ନ ବାଜି ପଛ ପ୍ୟାଡ୍‌ରେ ବାଜିଥିଲା ଓ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମ ଇନିଂସରେ ଖାତା ଖୋଲିପାରି ନ ଥିବା ରୋରି ବର୍ନ୍ସ ୪୨ଟି ବଲ୍ ଖେଳି ୨୫ ରନ କରିଥିବା ବେଳେ ଅଶ୍ୱିନଙ୍କ ବଲ୍‌କୁ ଲେଗ୍ ସାଇଡ୍‌କୁ ମାରିବାକୁ ପ୍ରୟାସ କରିଥିଲେ। ତେବେ ବଲ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ବିରାଟ କୋହଲି ସ୍ଲିପ୍‌ରେ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ତୃତୀୟ ଉଇକେଟ ଭାବେ ନାଇଟ ୱାଚ୍‌ମ୍ୟାନ୍ ଜ୍ୟାକ୍ ଲିଚ୍ ଖାତା ଖୋଲିବା ପୂର୍ବରୁ ଅକ୍ଷରଙ୍କ ବଲ୍‌କୁ ବୁଝି ନ ପାରି ଲେଗ୍ ସ୍ଲିପ୍‌ରେ ରୋହିତ ଶର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ଭାରତ ପାଇଁ ଅକ୍ଷର ୨ଟି ଓ ଅଶ୍ୱିନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

## ଭାରତ ୨୮୬

ରବିବାରର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୪/୧ରୁ ଭାରତ ଖେଳ ଆରମ୍ଭ କରି ଅଲ୍‌ଆଉଟ ହୋଇଥିଲା। ସକାଳେ ବ୍ୟାଟିଂ କରିବା ଅସମ୍ଭବ ମନେ ହେଉଥିଲା। ମାତ୍ର ୧୧ ରନ ମଧ୍ୟରେ ଭାରତ ଟପ୍ ଅର୍ଡର ମୂଲ୍ୟବାନ ୩ ଉଇକେଟ ହରାଇଥିଲା। ଭାରତ ଆଉ ଅଧିକ ୫୨ ରନ ସଂଗ୍ରହ କରି ଅବିଶ୍ୱସନୀୟ ଭାବେ ୫ ଉଇକେଟ ହରାଇଥିଲା। ଅର୍ଥାତ୍ ୧୦୬ ରନରେ ଭାରତ ୬ ଉଇକେଟ ହରାଇଥିଲା। ଚେତେଶ୍ୱର ପୂଜାରା, ରୋହିତ ଶର୍ମା, ରିଷଭ ପନ୍ତ, ଅଜିଙ୍କ୍ୟ ରାହାନେ, ଅକ୍ଷର ସଅଳ ଆଉଟ ହୋଇଥିଲେ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ପୂଜାରା ୭ ରନରୁ ଖେଳ ଆରମ୍ଭ କରି ସମାନ ସ୍କୋରରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ପୂଜାର ଫ୍ଲିକ୍ କରିଥିଲେ, ତେବେ ଶର୍ଟଲେଗ୍‌ରେ ଓଲି ପୋପ୍ ବଲ୍ ଧରି ଉଇକେଟକିପର ଫୋକ୍ସଙ୍କୁ ସଙ୍ଗେସଙ୍ଗେ ଥ୍ରୋ କରିଥିଲେ। କ୍ରିଜ୍‌କୁ ଫେରିବାକୁ ପ୍ରୟାସ କରିଥିଲେ ମଧ୍ୟ ପୂଜାରାଙ୍କ ବ୍ୟାଟ୍ ହାତରୁ ଖସି ପଡିଥିଲା ଓ ସେ ଫୋକ୍ସଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ସେହିପରି ରୋହିତ ଅପରାଜିତ ୨୫ରୁ ଖେଳ ଆରମ୍ଭ କରି ଆଉ ମାତ୍ର ୧ ରନ ଅଧିକ ସଂଗ୍ରହ କରି ୨୬ ରନରେ ଆଉଟ ହୋଇଥିଲେ। ସ୍ପିନର ଜ୍ୟାକ ଲିଚ୍‌ଙ୍କୁ ଫ୍ରଣ୍ଟ ଫୁଟ୍‌ରେ ଷ୍ଟମ୍ପିଂ କରିବାକୁ ଯାଇ ସେ ଉଇକେଟକିପର ବେନ୍ ଫୋକ୍ସଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଏହାପରେ ଲିଚ୍‌ଙ୍କ ବଲ୍‌କୁ ଷ୍ଟେପ୍ ଆଉଟ କରି ପନ୍ତ ଡିପ୍ ମିଡ୍‌ଉଇକେଟ ଉପରେ ମାରି ଖେଳିବାକୁ ପ୍ରୟାସ କରିଥିଲେ। ତେବେ ସେ ଲାଇନ୍ ମିସ୍ କରିଥିଲେ ଓ ୮ ରନକରି ଫୋକ୍ସଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଏହାପରେ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ୨ଟି ଚୌକା ସହ ୧୦ ରନ ସଂଗ୍ରହ କରିଥିବା ବେଳେ ସ୍ପିନର ମୋଇନ ଅଲିଙ୍କ ବଲ୍‌ରେ ଶର୍ଟ ଲେଗ୍ ଓଲି ପୋପ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେବା ପରେ ପ୍ୟାଡ୍ ବାଜିଥିଲା ଓ ପୋପ୍ ଡାଇଭ୍ ମାରି କ୍ୟାଚ୍ ନେଇଥିଲେ। ଏହାପରେ ଅକ୍ଷରଙ୍କ ପାଳି ପଡିଥିଲା। ୭ ରନକରି ଅକ୍ଷର ମୋଇନ୍‌ଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଫଳରେ ଭାରତ ୧୦ ୬ରେ ୬ ଉଇକେଟ ହରାଇଥିଲା। ଲାଗୁଥିଲା ଭାରତ ଖୁବ୍‌ଶୀଘ୍ର ଅଲ୍‌ଆଉଟ ହେବ। କିନ୍ତୁ ସପ୍ତମ ଉଇକେଟରେ ଅଶ୍ୱିନ ଓ ଅଧିନାୟକ ବିରାଟ କୋହଲି ୧୭୭ ବଲରୁ ୯୬ ରନକରି ସ୍ଥିତି ସମ୍ଭାଳିଥିଲେ। କୋହଲି ଧୈର୍ଯ୍ୟର ସହ ବ୍ୟାଟିଂ କରି ସାଢେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବ୍ୟାଟିଂ କରି ୧୪୯ ବଲ୍ ଖେଳି ୭ ଚୌକା ସହ ୬୨ ରନର ଉପଯୋଗୀ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ ଓ ମୋଇନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏଥିସହ କୋହଲି ୨୫ତମ ଟେଷ୍ଟ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। କୋହଲିଙ୍କ ପରେ କୁଲଦୀପ ଯାଦବ ଓ ଇଶାନ୍ତ ଶର୍ମା ଯଥାକ୍ରମେ ୩ ଓ ୭ ରନକରି ମୋଇନ ଓ ଲିଚ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ମହମ୍ମଦ ସିରାଜ ୨ ଛକା ସହ ୧୬ ରନକରି ଅପରାଜିତ ରହିଥିଲେ। ଅନ୍ତିମ ଉଇକେଟରେ ଅଶ୍ୱିନ ଓ ସିରାଜ ୪୯ ରନ ସଂଗ୍ରହ କରି ଦଳର ସ୍ଥିତି ଦୃଢ କରିଥିଲେ।


ଅକ୍ଷର ପଟେଲ

### ଗୋଟିଏ ଟେଷ୍ଟରେ ଶତକ/୫ ଉଇକେଟ

(କିଏ କେତେଥର)
୫: ଇଆନ ବୋଥାମ (ଇଂଲଣ୍ଡ)
୩: ରବିଚନ୍ଦ୍ରନ ଅଶ୍ୱିନ (ଭାରତ)
୨: ଗ୍ୟାରୀ ସୋବର୍ସ (ୱେଷ୍ଟଇଣ୍ଡିଜ), ମୁସ୍ତାକ ମହମ୍ମଦ (ପାକିସ୍ତାନ), ଜ୍ୟାକ୍ସ କାଲିସ (ଦକ୍ଷିଣ ଆଫ୍ରିକା), ଶାକିବ-ଅଲ-ହାସନ (ବାଂଲାଦେଶ)।
▶ତାମିଲନାଡୁର ଦ୍ୱିତୀୟ ଖେଳାଳିଭାବେ ଅଶ୍ୱିନ ଚେପକ୍‌ରେ ଶତକ ହାସଲ କରିଛନ୍ତି। ପୂର୍ବରୁ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ ୧୯୮୬/୮୭ରେ ଚେପକ୍‌ରେ ପାକିସ୍ତାନ ବିପକ୍ଷରେ ୧୨୩ ରନ ସ୍କୋର କରିଥିଲେ।

### ଅବିଶ୍ୱସନୀୟ

ଶେଷ ଉଇକେଟ ଭାବେ ଅଶ୍ୱିନ୍ ଆଉଟ ହୋଇଥିଲେ। ଅଫ୍ ଷ୍ଟମ୍ପର ସାମାନ୍ୟ ବାହାରେ ଥିବା ଓଲି ଷ୍ଟୋନ୍‌ଙ୍କ ବ୍ୟାକ୍ ଅଫ୍ ଲେନ୍ଥ ବଲ୍‌କୁ ପୁଲ୍ କରିବାକୁ ଚେଷ୍ଟା କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ ନେଇ ଷ୍ଟମ୍ପରେ ବାଜିଥିଲା ଓ ବୋଲ୍ଡ ହୋଇ ଅଶ୍ୱିନ ପ୍ୟାଭିଲିୟନ ଫେରିଥିଲେ। ଏଥିସହିତ ଭାରତୀୟ ଦ୍ୱିତୀୟ ଇନିଂସର ପରିସମାପ୍ତି ହୋଇଥିଲା। ଅଶ୍ୱିନ ଧୈର୍ଯ୍ୟର ସହ ପାଖାପାଖି ୪ ଘଣ୍ଟା ବ୍ୟାଟିଂ କରିଥିଲେ। ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସି ଅଶ୍ୱିନ ୧୪୮ଟି ବଲର ସମ୍ମୁଖୀନ ହୋଇ ୧୪ ଚୌକା ଓ ଗୋଟିଏ ଛକା ମାରି ୧୦୬ ରନର ଶତକୀୟ ଇନିଂସ ଖେଳିଥିଲେ ଓ ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଅଶ୍ୱିନ ଏଥିସହ କ୍ୟାରିୟରର ପଞ୍ଚମ ଶତକ ଅର୍ଜନ କରିଛନ୍ତି। ଏହି ପିଚ୍‌କୁ ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍ ନିହାତି ଖରାପ କହୁଥିବା ବେଳେ ଦ୍ୱିତୀୟ ଇନିଂସରେ ଶତକ ମାରି ଅଶ୍ୱିନ ତାଙ୍କୁ କଡ଼ା ଜବାବ ଦେଇଛନ୍ତି। ୪୦ ଟେଷ୍ଟ ଓ ୪୫ ମାସ ପରେ ଅଶ୍ୱିନ ଟେଷ୍ଟରେ ଶତକ ହାସଲ କରିଛନ୍ତି। ଏହି ଶତକୀୟ ଇନିଂସରେ ଅଶ୍ୱିନ ଦୁଇଟି ଜୀବନ ଦାନ ପାଇଥିଲେ। ୨୮ ଓ ୫୬ ରନ କରିଥିବା ବେଳେ ଅଶ୍ୱିନଙ୍କ କ୍ୟାଚ୍ ଇଂଲଣ୍ଡ ଖେଳାଳିମାନେ ହାତଛଡ଼ା କରିଥିଲେ ଓ ସେ ଏହାର ଫାଇଦା ଉଠାଇଥିଲେ। କଷ୍ଟକର ଏହି ପିଚ୍‌ରେ ତାରକା ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଥିବା ବେଳେ ଭ୍ରମଣକାରୀ ବୋଲରଙ୍କୁ ନିରାଶ କରି ଅଶ୍ୱିନ ଲଢୁଆ ବ୍ୟାଟିଂ କରି ନିଜକୁ ଜଣେ ସମ୍ପୂର୍ଣ୍ଣ ଅଲ୍‌ରାଉଣ୍ଡର ରୂପେ ପ୍ରମାଣିତ କରିଛନ୍ତି। ଏଥିସହିତ ଅଶ୍ୱିନ ତୃତୀୟ ଥର ପାଇଁ କୌଣସି ଟେଷ୍ଟରେ ୫ ଉଇକେଟ ସଫଳତା ପାଇବା ସହ ଶତକ ଅର୍ଜନ କରି ବିରଳ ସଫଳତା ପାଇଛନ୍ତି। ବୋଲିଂରେ ଇଂଲଣ୍ଡ ତରଫରୁ ଲିଚ୍ ଓ ମୋଇନ ୪ଟି ଲେଖାଏ, ଓଲି ଷ୍ଟୋନ ଗୋଟିଏ ସଫଳତା ପାଇଥିଲେ।

### ସ୍କୋର ବୋର୍ଡ

ଭାରତ ପ୍ରଥମ ଇନିଂସ:୩୨୯
ଇଂଲଣ୍ଡ ପ୍ରଥମ ଇନିଂସ:୧୩୪
**ଭାରତ ଦ୍ୱିତୀୟ ଇନିଂସ**
ରୋହିତ-ଷ୍ଟମ୍ପ-ଫୋକ୍ସ-ବୋ-ଲିଚ୍-୨୬
ଶୁବମନ-ଏଲବିଡବ୍ଲ୍ୟୁ-ଲିଚ୍-୧୪
ପୂଜାରା-ରନଆଉଟ-୭
କୋହଲି-ଏଲ୍‌ବିଡବ୍ଲ୍ୟୁ-ମୋଇନ-୬୨
ପନ୍ତ-ଷ୍ଟମ୍ପ-୮୫ଫୋକ୍ସ-ବୋ-ଲିଚ୍-୮
ରାହାନେ-କ- ଓଲି ପୋପ୍-ବୋ-ମୋଇନ-୧୦
ଅକ୍ଷର ପଟେଲ-ଏଲ୍‌ବିଡବ୍ଲ୍ୟୁ-ମୋଇନ-୭
ଅଶ୍ୱିନ-ବୋ-ଓଲି ଷ୍ଟୋନ୍-୧୦୬
କୁଲ୍‌ଦୀପ୍-ଏଲବିଡବ୍ଲ୍ୟୁ-ମୋଇନ୍-୩
ଇଶାନ୍ତ-କ-ଓଲି ଷ୍ଟୋନ୍-ବୋ-ଲିଚ୍-୭
ସିରାଜ-ନଟ୍‌ଆଉଟ-୧୬
ଅତିରିକ୍ତ-୨୦
ମୋଟ (୮୫.୫ ଓଭର/ଅଲଆଉଟ) ୨୮୬।
ଉଇକେଟପତନ: ୧/୪୨, ୨/୫୫, ୩/୫୫, ୪/୬୫, ୫/୮୬, ୬/୧୦୬, ୭/୨୦୨, ୮/୨୧୦, ୯/୨୩୭, ୧୦/୨୮୬।
**ବୋଲିଂ (ଇଂଲଣ୍ଡ)**
ଓଲି ଷ୍ଟୋନ୍ ୬.୫-୧-୨୧-୧
ଜ୍ୟାକ୍ ଲିଚ୍ ୩୩-୬-୧୦୦-୪
ମୋଇନ ଅଲି ୩୨-୭-୯୮-୪
ଜୋ ରୁଟ୍ ୪-୦-୧୫-୦
ଷ୍ଟୁଆର୍ଟ ବ୍ରଡ୍ ୯-୩-୨୫-୦
ଡାନିଏଲ ଲରେନ୍ସ ୧-୦-୭-୦।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ**
ରୋରି ବର୍ନ୍ସ-କ-କୋହଲି-ବୋ-ଅଶ୍ୱିନ-୨୫
ଡମ୍ ସିବ୍‌ଲି- ଏଲ୍‌ବିଡବ୍ଲ୍ୟୁ-ପଟେଲ-୩
ଡାନ୍ ଲରେନ୍ସ-ନଟ୍‌ଆଉଟ-୧୯
ଜ୍ୟାକ୍ ଲିଚ୍-କ-ରୋହିତ-ବୋ-ପଟେଲ-୦
ଜୋ ରୁଟ୍-ନଟଆଉଟ-୨
ଅତିରିକ୍ତ: ୪
ମୋଟ (୧୯ ଓଭର/୩ ଉଇକେଟ) ୫୩।
**ଉଇକେଟ ପତନ:** ୧/୧୭, ୨/୪୯, ୩/୫୦
**ବୋଲିଂ (ଭାରତ)**
ଇଶାନ୍ତ ଶର୍ମା ୨-୧-୬-୦
ଅକ୍ଷର ପଟେଲ ୯-୩-୧୫-୨
ରବିଚନ୍ଦ୍ରନ ଅଶ୍ୱିନ ୮-୧-୨୮-୧।

## ବ୍ୟାଟିଂ କୋଚ୍ ରାଠୋରଙ୍କୁ ଶ୍ରେୟ

ଶତକ ହାସଲ କରିବା ପରେ ରବିଚନ୍ଦ୍ରନ ଅଶ୍ୱିନ ଭାରତୀୟ ବ୍ୟାଟିଂ କୋଚ୍ ବିକ୍ରମ ରାଠୋରଙ୍କୁ ଶ୍ରେୟ ଦେଇଛନ୍ତି। ଦୀର୍ଘଦିନ ଧରି ରାଠୋରଙ୍କ ସହ ବ୍ୟାଟିଂ ଅଭ୍ୟାସ କରି ଆସୁଥିଲି। ତେଣୁ ଗତ ୪-୫ଟି ମ୍ୟାଚ୍‌ରେ ମୋ ବ୍ୟାଟିଂରେ ଉନ୍ନତି ହୋଇଛି। ତେଣୁ ଏଥିପାଇଁ ରାଠୋରଙ୍କୁ ଶ୍ରେୟ ଦେଉଛି ବୋଲି ତୃତୀୟ ଦିବସର ଖେଳ ସମାପ୍ତି ପରେ ସେ କହିଛନ୍ତି। ଶତକ ହାସଲ କରିବା ପରେ ଅଶ୍ୱିନଙ୍କ ଠାରୁ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଥିବା ମହମ୍ମଦ ସିରାଜ ଅଧିକ ଖୁସି ମନାଇଥିଲେ। ସିରାଜ ଦୁଇଟି ବିଶାଳ ଛକା ମାରିଥିଲେ ଓ ଏଥିପାଇଁ ଅଶ୍ୱିନ ମଧ୍ୟ ବେଶ୍ ଖୁସି ଥିଲେ। ଚେନ୍ନାଇର ଦର୍ଶକ ବେଶ୍ ସମର୍ଥନ କରିଥିଲେ। ପ୍ରଥମ ମ୍ୟାଚ୍‌ର ପରାଜୟ ପରେ ସ୍ପିନର ଜ୍ୟାକ ଲିଚ୍‌ଙ୍କ ବଲ୍‌କୁ କିପରି ଖେଳିବାକୁ ହେବ ସେ ନେଇ ମ୍ୟାନେଜମେଣ୍ଟ ଯୋଜନା କରିଥିଲା। ସୁଇପ୍ ଶଟ୍ ବେଶ୍ ଭଲ କାମ ଦେଲା ବୋଲି ଅଶ୍ୱିନ କହିଛନ୍ତି। ଏବେ ରାତିରେ ଭଲ କରି ଶୋଇବି। ଆମ ରଣନୀତି ଭଲ କାମ ଦେଲା ଓ ଆଜିର ଦିନ ଆମ ପାଇଁ ବେଶ୍ ଭଲ ସାବ୍ୟସ୍ତ ହୋଇଛି ବୋଲି ସେ କହିଛନ୍ତି।

# ଏଆଇସିଏଫ୍ କମିଟିରେ ଓଡ଼ିଶାର ୫


ରଞ୍ଜନ ମହାନ୍ତ, ଦେବବ୍ରତ ଭଞ୍ଜ, ଶେଖର ସାହୁ, ପଦ୍ମିନୀ ରାଉତ ଓ କିରଣ ମନୀଷା ମହାନ୍ତି।

ଭୁବନେଶ୍ୱର, ୧୫ା୨(କ୍ରୀଡ଼ା ପ୍ରତିନିଧି)

ଭାରତରେ ଚେସ୍‌ର ବିକାଶ ପାଇଁ ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ) ପକ୍ଷରୁ ବିଭିନ୍ନ କମିଟି ଗଠନ କରାଯାଇଛି। ଏଥିରେ ପ୍ରଥମଥର ପାଇଁ ଓଡ଼ିଶାରୁ ୫ ଜଣ ସ୍ଥାନ ପାଇଛନ୍ତି। ଚେସ୍ ଇନ୍ ସ୍କୁଲ୍ସ କମିଶନରେ ରଞ୍ଜନ ମହାନ୍ତି, ରିସର୍ଚ୍ଚ ଆଣ୍ଡ ଡେଭଲପ୍ କମିଟିରେ ଦେବବ୍ରତ ଭଞ୍ଜ, ପ୍ଲେୟର୍ସ ଗ୍ରିଭାନ୍ସ କମିଟିରେ ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ, କମିଟି ଅଫ୍ ପ୍ରିଭେନ୍‌ଶନ ଅଫ୍ ସେକ୍ସୁଆଲ ହାରାସମେଣ୍ଟ ଅଫ୍ ଓମେନରେ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ଏବଂ ଟ୍ରେନର୍ସ କମିଶନରେ ଅନ୍ତର୍ଜାତୀୟ ମାଷ୍ଟର ତଥା ବିଶିଷ୍ଟ କୋଚ୍ ଶେଖର ସାହୁ ସାମିଲ ହୋଇଛନ୍ତି।

# ଏସ୍‌ଆର୍ ଚେସ୍: ତନ୍ମୟ ଚାମ୍ପିୟନ

ଭୁବନେଶ୍ୱର, ୧୫ା୨(କ୍ରୀଡ଼ା ପ୍ରତିନିଧି)

କୋଭିଡ-୧୯ ମହାମାରୀ ମଧ୍ୟରେ ୨୬ଟି ଅନ୍‌ଲାଇନ୍ ଚେସ ଟୁର୍ନାମେଣ୍ଟ ଆୟୋଜନ ପରେ ଏସ୍‌ଆର ଚେସ୍ ସେଣ୍ଟର ପକ୍ଷରୁ ପ୍ରଥମଥର ପାଇଁ ଅଫ୍‌ଲାଇନ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତନ୍ମୟ ତ୍ରିପାଠୀ ୫.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସଙ୍କେତ ସାଗର ଦାଶ (୫) ଓ ରବୀନ୍ଦ୍ର କୁମାର ଓଝା (୪.୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ତେଜାସ ଲୋହାନୀ, ଆରିନ ଅନ୍ୱେଷ ସ୍ୱାଇଁ, ଗଗନ ବିହାରୀ ଦାସ, ଶାନ୍ତନୁ କୁମାର ଦାଶ, ଦେବର୍ପିତ ମିଶ୍ର, ସମ୍ପ୍ରଦା ମହାନ୍ତି, ଅଦିତୀ ମହାରଣା ଭଲ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଛନ୍ତି।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

ପଞ୍ଚାୟତିରାଜ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଜି.ବି. ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏସ୍‌ଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ମୁଖ୍ୟ କୋଚ୍ ସତ୍ୟଜିତ ପଟ୍ଟନାୟକ ଉପସ୍ଥିତ ଥିଲେ।

# ନମନ ଓଝାଙ୍କ ଅବସର

**ଭୋପାଳ, ୧୫ା୨ (ପି.ଟି.):** ଭାରତର ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନ ନମନ ଓଝା ସୋମବାର କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଏହାଦ୍ୱାରା ଦୁଇ ଦଶନ୍ଧି ଘରୋଇ କ୍ୟାରିୟରର ପରିସମାପ୍ତି ଘଟିଛି। ମଧ୍ୟପ୍ରଦେଶର ଏହି ୩୭ବର୍ଷୀୟ କ୍ରିକେଟର ରଣଜୀ ଟ୍ରଫିରେ ଜଣେ ଉଇକେଟକିପର ହିସାବରେ ସର୍ବାଧିକ ଡିସ୍‌ମିସାଲ ପାଇଁ ରେକର୍ଡର ଅଧିକାରୀ ହୋଇଛନ୍ତି। ଭାରତ ତରଫରୁ ସେ ଗୋଟିଏ ଟେଷ୍ଟ, ଗୋଟିଏ ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇଟି ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ବହୁ ଦିନ ହେଲା ସେ ପିଠିରେ ଆଘାତଜନିତ ସମସ୍ୟାରେ ଥିଲେ। ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ସେ ତାଙ୍କ ଅବସର ଘୋଷଣା କରିଛନ୍ତି।



ଓଝାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଭଲ ରହି ନ ଥିଲେ ମଧ୍ୟ ଉଜ୍ଜୟିନୀ ଜନ୍ମିତ ଏହି ଖେଳାଳି ୧୪୬ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୪୧.୬୭ ଆଭରେଜରେ ୨୨ଟି ଶତକ ସହ ୯,୭୫୩ ରନ ସଂଗ୍ରହ କରିଛନ୍ତି। ସେ ୧୪୩ ଲିଷ୍ଟ ଏ' ଏବଂ ୧୮୨ ଟି୨୦ ଗେମ୍‌ରେ ୪,୨୭୮ ଏବଂ ୨,୯୭୨ ରନ କରିଛନ୍ତି।

# ପୁରୀ ଫାଇଟର ଚାମ୍ପିୟନ, ଧଉଳି ଡେଭିଲ୍ସ ରନର୍ସ ଅପ୍

ଭୁବନେଶ୍ୱର, ୧୫ା୨(ସ୍ପୋର୍ଟସ ବ୍ୟୁରୋ)

ସ୍ଥାନୀୟ ମହାଲେଖାକାର କାର୍ଯ୍ୟାଳୟ ରିକ୍ରେସନ କ୍ଲବ ଆନୁକୂଲ୍ୟରେ ଏଜି ଓଡ଼ିଶା ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟରେ ପୁରୀ ଫାଇଟର ଚାମ୍ପିୟନ ହୋଇଥିବା ବେଳେ ଧଉଳି ଡେଭିଲ୍ସ ରନର୍ସ ଅପ୍ ବିବେଚିତ ହୋଇଛି। ସୋମବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ୟୁନିଟ୍-୪ ରିକ୍ରେସନ କ୍ଲବ ପଡିଆରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଧଉଳି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପୁରୀ ୧୨ ଓଭରରେ ୩ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଆଲୋକ କୁମାର ୫୨ ଓ ଶୁଭ ଦର୍ଶନ ୪୭ ରନ ସଂଗ୍ରହ କରିଥିଲେ।

ଜବାବରେ ଧଉଳି ୪ ଉଇକେଟ ହରାଇ ୧୨ ଓଭରରେ ୧୦୦ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଧଉଳିର ସଞ୍ଜୀବ କୁମାର ୩୧ ଓ ନିଶି ଚାନ୍ଦ ୨୩ ରନ ସଂଗ୍ରହ କରିଥିଲେ। ପୁରୀ ଦଳକୁ ପ୍ରଧାନ ମହାଲେଖାକାର ବିଭୁଦତ୍ତ ବସନ୍ତିଆ ଚାମ୍ପିୟନ ଟ୍ରଫି ଓ ଧଉଳି ଦଳକୁ ରନର୍ସ ଅପ କପ୍ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଉପ-ମହାଲେଖାକାର ଦୀନମଣି ମଲ୍ଲିକ, ଉପ-ମହାଲେଖାକାର ତଥା ରିକ୍ରେଶନ କ୍ଲବ ସଭାପତି ପି. ରାହୁଲ, ସାଧାରଣ ସମ୍ପାଦକ ଭି. ଆନନ୍ଦ ଭଞ୍ଜ, କଲ୍ୟାଣ ଅଧିକାରୀ ଅଶୋକ ପଣ୍ଡା ଉପସ୍ଥିତ ଥିଲେ। ପୁରୀର ଆଲୋକ କୁମାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।


ଚାମ୍ପିୟନ ପୁରୀ ଫାଇଟର ଦଳର ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଦେବଗଡ଼, ଜଗତ୍‌ସିଂହପୁର ଦଳ ବିଜୟୀ

ଲଖନପୁର,୧୫ା୨(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା କ୍ରୀଡା ସଂଘ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡିଶାର ମିଳିତ ଆନୁକୂଲ୍ୟରେ ସୋମବାର ୨ୟ ବାଟାଲିୟନ ଓଏସ୍‌ଏପି ଷ୍ଟାଡିୟମରେ ଆନ୍ତଃ ଜିଲା ପି.ସି. ବେହେରା ସିନିୟର ମହିଳା ଫୁଟ୍‌ବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଛନ୍ତି।

ପ୍ରଥମ ମ୍ୟାଚ ବଲାଙ୍ଗୀର ଓ ଦେବଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ଼ ମହିଳା ଫୁଟ୍‌ବଲ ଦଳ ୧୦-୦ ଗୋଲରେ ବିଜୟ ଲାଭ କରିଥିଲା। ବିଜୟୀ ଦଳର ନମିତା ମୁଣ୍ଡା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅପରାହ୍ନରେ ଭଦ୍ରକ ଓ ଜଗତ୍‌ସିଂପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତିପରାମ ମାଝି ଅତିଥି ଭାବେ ଯୋଗଦେଇଥିଲେ। ଏହି ମ୍ୟାଚରେ ଜଗତ୍‌ସିଂପୁର ଦଳ ଭଦ୍ରକ ଜିଲାକୁ ୬-୦ ଗୋଲରେ ହରାଇଥିଲା। ବିଜୟୀ ଦଳର ସୀମା ଦେଉରି ୪ଟି ଗୋଲ ଦେଇ ଓମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝାରସୁଗୁଡ଼ା ଜିଲା କ୍ରୀଡ଼ା ଅଧିକାରୀ ସୁଶିଲ ମିଶ୍ର, ଜିଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ବିଜୟ ବେହେରା, ଉପସଭାପତି ଜୀବନ ମହାନ୍ତି, କୋଷାଧକ୍ଷ ଗଣେଶ ନାୟକ, ସହସମ୍ପାଦକ ପ୍ରଜ୍ୱଳ ପଟେଲ, ଫୁଟ୍‌ବଲ ସମ୍ପାଦକ ସୁଶାନ୍ତ ମହାନ୍ତି, ଓଡ଼ିଶା କ୍ରିକେଟ ସଂଘର ସହସମ୍ପାଦକ ମେହେତାବ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।



ବଲିଉଡ ଅଭିନେତ୍ରୀ ନିଧି ଅଗ୍ରୱାଲଙ୍କ ପ୍ରଶଂସକ ମାତ୍ର ୨ଟି ଫିଲ୍ମରେ ତାଙ୍କ ଅଭିନୟରେ ମତୁଆଲା ହୋଇଯାଇଛନ୍ତି। ଏପରିକି ଚେନ୍ନାଇରେ ତାଙ୍କ ନାଁରେ ଏକ ମନ୍ଦିର ନିର୍ମାଣ କରିବା ସହ କ୍ଷୀର ଢ଼ାଳି ପୂଜା କରୁଥିବା ଦେଖିବାକୁ ମିଳିଛି। ଏସବୁ ଦେଖି ନିଧି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେ କହିଛନ୍ତି ଯେ ତାଙ୍କ ପ୍ରଶଂସକମାନେ ତାଙ୍କୁ ଭାଲେଣ୍ଟାଇନ୍ସ ଡେ ଉପହାର ଦେଇଛନ୍ତି। ମୁଁ ଏହା ଆଶା କରି ନ ଥିଲି। କିନ୍ତୁ ମୋତେ ଭଲପାଉଥିବା ପ୍ରଶଂସକଙ୍କ ନିକଟରେ କୃତଜ୍ଞ । ଏହି ମନ୍ଦିରଟି ତାମିଲ ଏବଂ ତେଲୁଗୁ ପ୍ରଶଂସକଙ୍କ ପକ୍ଷରୁ ନିର୍ମାଣ କରାଯାଇଛି।



# କ୍ରାନ୍ତିର ପ୍ରତୀକ 'ଥ୍ରୀ ଫିଙ୍ଗର ସାଲ୍ୟୁଟ୍'

**ଠାର ବା ପ୍ରତୀକ ଦ୍ୱାରା ଭାବ ବିନିମୟ କରିବା କାହିଁ କେଉଁ କାଳରୁ ପ୍ରଚଳିତ। ଚଳଚ୍ଚିତ୍ର ଜଗତରେ ଅନେକ ସମୟରେ କାଳ୍ପନିକ ପ୍ରତୀକ ଦର୍ଶକଙ୍କ ମଧ୍ୟରେ ସୃଷ୍ଟି କରିଥାଏ ଉତ୍କଣ୍ଠା। ସ୍ଥାନ, କାଳ, ପାତ୍ର ଅନୁଯାୟୀ ଏହାର ବହୁଳ ଅନୁକରଣ ବାସ୍ତବିକ ଦୁନିଆରେ ମଧ୍ୟ ହୋଇଥାଏ। ଏଭଳି ଏକ ଘଟଣାର ପୁନରାବୃତ୍ତି ହୋଇଛି ମ୍ୟାନ୍ମାରରେ। ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ଉତ୍ସାହିତ କରିବାକୁ ଏବେ ଆରମ୍ଭ ହୋଇଛି 'ଥ୍ରୀ ଫିଙ୍ଗର ସାଲ୍ୟୁଟ୍'। ଆମେରିକୀୟ ଲେଖକ ସୁଜେନ କଲିନ୍ସଙ୍କ ସାଇନ୍ସ ଫିକ୍ସନ ସିରିଜ୍ 'ହଙ୍ଗର ଗେମ୍ସ'ରୁ ଆସିଥିବା ଏହି ପ୍ରତୀକ ଏବେ ସାରା ପୃଥିବୀରେ ଟ୍ରେଣ୍ଡ୍ କରୁଛି।**



**ନେପିତାଓ:** ମ୍ୟାନ୍ମାନର ଆଙ୍ଗ୍ ସାନ୍ ସୁ ଚୀଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି ଆଗରେ କଣ୍ଟା ସାଜିଛି ସେନା। ଗତ ଫେବୃୟାରୀ ୧ରେ ଏହି ଦେଶ ସେନା ଅକ୍ତିଆରକୁ ଚାଲିଯାଇଥିବାବେଳେ ଜାରି ହୋଇଛି ସାମରିକ ଶାସନ। ଏହି ଘଟଣା ପରେ ଆମେରିକାଠାରୁ ଆରମ୍ଭ କରି ଅନ୍ୟ ଗଣତନ୍ତ୍ର ସପକ୍ଷବାଦୀ ଦେଶ ଏହା ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଛନ୍ତି। ଦେଶର ଯୁବପିଢ଼ି, ମହିଳା ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଶାସନର ଏଭଳି ଉତ୍ଥାନ ପତନ ମଧ୍ୟରେ ଏବେ ଟ୍ରେଣ୍ଡ କରୁଛି 'ଥ୍ରୀ ଫିଙ୍ଗର ସାଲ୍ୟୁଟ୍'। ଆକ୍ଟିଭିଷ୍ଟମାନେ ଆକାଶକୁ ମୁହଁ କରି ହାତର ୩ ଆଙ୍ଗୁଠି ବାହାରି କରି ସାଲ୍ୟୁଟ୍ କରୁଛନ୍ତି। ଏହାକୁ କ୍ରାନ୍ତି ବା ବିପ୍ଳବର ପ୍ରତୀକ ବୋଲି କୁହାଯାଉଥିବାଥିବେଳେ ଏହା ମ୍ୟାନ୍ମାରରେ ଆନ୍ଦୋଳନ ତେଜିବାରେ ସହାୟକ ହୋଇଛି।

ଦେଶରେ ସାମରିକ ଶାସନ ଲାଗୁ ହେବା ପରେ ପ୍ରଥମେ ମେଡିକାଲ କର୍ମଚାରୀମାନେ 'ଥ୍ରୀ ଫିଙ୍ଗର ସାଲ୍ୟୁଟ୍' ପ୍ରଦର୍ଶନ ଆରମ୍ଭ କରିଥିଲେ। ସମୟକ୍ରମେ ଏହାକୁ ଯୁବପିଢ଼ି, ଗଣତନ୍ତ୍ର ସପକ୍ଷବାଦୀ ସଙ୍ଗଠନର କର୍ମକର୍ତ୍ତାମାନେ ଆପଣାଇଥିଲେ। ସେନା ଶାସନ ବିରୋଧରେ ଆନ୍ଦୋଳନ ଉଗ୍ରରୂପ ନେଉଥିବାବେଳେ ଏହି ପ୍ରତୀକାତ୍ମକ ସାଲ୍ୟୁଟ୍ ମ୍ୟାନ୍ମାରର ନୂଆ ପରିଚୟ ପାଲଟିବାରେ ଲାଗିଛି।

'ଥ୍ରୀ ଫିଙ୍ଗର ସାଲ୍ୟୁଟ୍'ର ସମ୍ପର୍କ ବାସ୍ତବ ଦୁନିଆ ସହିତ ନାହିଁ। ଅର୍ଥାତ୍ ଏହା ଏକ କାଳ୍ପନିକ ପ୍ରତୀକ। ଆମେରିକୀୟ ଲେଖକ ସୁଜେନ କଲିନ୍ସଙ୍କ ସାଇନ୍ସ ଫିକ୍ସନ ସିରିଜ୍ 'ହଙ୍ଗର ଗେମ୍ସ'ରେ ଏହାକୁ ବ୍ୟବହାର କରାଯାଇଥିଲା। ସିରିଜ୍ର କାଳ୍ପନିକ ଏକଚ୍ଛତ୍ରବାଦୀ ଶାସକ ପ୍ରେସିଡେଣ୍ଟ ସ୍ନୋଙ୍କ ଶାସନକୁ ବିରୋଧ କରି ଏକଜୁଟ୍ ହେବା ଲାଗି 'ଥ୍ରୀ ଫିଙ୍ଗର ସାଲ୍ୟୁଟ୍'କୁ ପ୍ରତୀକ ଭାବେ ବ୍ୟବହାର କରାଯାଇଥିଲା। ଏବେ ମ୍ୟାନ୍ମାର ଘଟଣାରେ ପରେ ଅନେକେ 'ହଙ୍ଗର ଗେମ୍ସ'କୁ ମନେପକାଉଛନ୍ତି। ୨୦୧୪ରେ ଦକ୍ଷିଣ ଏସିଆ ଦେଶ ଥାଇଲାଣ୍ଡରେ ଏହି ପ୍ରତୀକ ଦେଖିବାକୁ ମିଳିଥିଲା। ଥାଇ ସେନା ବିରୋଧରେ ଯୁବତୀଯୁବକମାନେ ସ୍ୱର ଉତ୍ତୋଳନ କରିବାକୁ ଯାଇ ଏହାକୁ ବ୍ୟବହାର କରୁଥିଲେ। ଦେଖୁଦେଖୁ ଏହା ସାମନ୍ତବାଦୀ ବ୍ୟବସ୍ଥା ବିରୋଧୀ ପ୍ରତୀକ ପାଲଟିଗଲା। ଏବେ ଶାସନକଳ ବିରୋଧୀ ଅଧିକାରୀ ବିକ୍ଷୋଭରେ ବିକ୍ଷୋଭକାରୀମାନେ ଏହାକୁ ବ୍ୟବହାର କରୁଥିବା ନଜରକୁ ଆସୁଛି। ଏହି ସାଲ୍ୟୁଟର ଲୋକପ୍ରିୟତା ସେନା ପାଇଁ ମୁଣ୍ଡବ୍ୟଥା ପାଲଟିଛି। ଏହାକୁ ଅନେକ ସମୟରେ ବ୍ୟାନ କରିବାକୁ ଅପପ୍ରୟାସ ମଧ୍ୟ କରାଯାଇଛି। ୨୦୧୪ରେ ହଂକଂରେ ଚର୍ଚ୍ଚିତ ଅମ୍ବ୍ରେଲା ରିଭୋଲ୍ୟୁଶନ ସମୟରେ 'ଥ୍ରୀ ଫିଙ୍ଗର ସାଲ୍ୟୁଟ୍'କୁ ବହୁଳ ଭାବେ ବ୍ୟବହାର କରାଯାଇଥିଲା।

ଦୀର୍ଘଦିନ ଧରି ସେନା ଶାସନରେ ରହିଥିବା ମ୍ୟାନ୍ମାରବାସୀ ୨୦୧୦ ବେଳକୁ ଗଣତନ୍ତ୍ର ଆଡକୁ ମୁହାଁଇଥିଲେ। ଇଣ୍ଟରନେଟ୍ରେ ବାହାର ଦୁନିଆ ସହିତ ଯୋଡ଼ି ହୋଇଥିଲେ। ଫଳରେ ଅନ୍ୟଦେଶ ସହିତ ସାଂସ୍କୃତିକ ବିନିମୟ ସମ୍ଭବ ହୋଇଥିଲା। ଥ୍ରୀ ଫିଙ୍ଗର ସାଲ୍ୟୁଟ୍କୁ ବାଦ୍ଦେଲେ ଲାଲ୍ ରିବନ, ଲାଲ୍ ରଙ୍ଗର ଫୁଲ, ବେଙ୍ଗକୁ ମଧ୍ୟ ଏଠାରେ ବିରୋଧର ପ୍ରତୀକ ଭାବେ ବ୍ୟବହାର କରାଯାଉଛି।



24th Marriage Anniversary
Dusmant Kumar Moharana
With
Sanjukta Moharana
Capital Hospital, Bhubaneswar
-:With best wishes:-
Babi, Barsha, Babu, Bapi & Mama
D-70428


ବିବାହ ବାର୍ଷିକୀ ଶୁଭେଚ୍ଛା
ମୋ ବାପା, ମାଆଙ୍କର ୧୨ବର୍ଷ ବିବାହ ବାର୍ଷିକୀ ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛି ଓ ତାଙ୍କର ଜୀବନ ସୁଖମୟ ହେଉ।
-:ଶୁଭେଚ୍ଛା ସହ:-
ରୋଲ, ଏଲି
ମିନା ବଜାର, ଢେଙ୍କାନାଳ
ଧ-୭୮୪୯


## ଓଟିଟିକୁ ଆସିବ 'ବନ୍ଦେ ରୋଜ'



**ନୂଆଦିଲ୍ଲୀ, ୧୫।୨**

ଅନ୍ତର୍ଜାତୀୟ ସ୍ତରରେ ନାଁ କମାଇଥିବା ଫିଲ୍ମ 'ବନ୍ଦେ ରୋଜ' ଡିଜିଟାଲ ପ୍ଲାଟଫର୍ମ ଓଟିଟିରେ ମୁକ୍ତିଲାଭ କରିବ। ସର୍ବପୁରାତନ ଅନ୍ତର୍ଜାତୀୟ ଭେନିସ୍ ଫିଲ୍ମ ଫେଷ୍ଟିଭାଲରେ ପ୍ରିମିୟର ରିଲିଜ ହେବା ପରେ ମାର୍ଚ୍ଚ ୮ରେ ନେଟ୍ଫ୍ଲିକ୍ସରେ ଗୀତାଞ୍ଜଳି ରାଓଙ୍କ ନିର୍ଦ୍ଦେଶିତ ଏହି ଆନିମେଟେଡ୍ ଫିଚର ଫିଲ୍ମ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି। 'ବନ୍ଦେ ରୋଜ' ଗତ ବର୍ଷ ଏକାଧିକ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ନୋମିନେଟ ହେବା ସହ ପୁରସ୍କୃତ ମଧ୍ୟ ହୋଇଛି। ଏଥିରେ କାମ କରିଥିବା ସମସ୍ତ ସଦସ୍ୟଙ୍କ ମଧ୍ୟରୁ ୪୦ ପ୍ରତିଶତ ମହିଳା ରହିଥିବା ରାଓ କହିଛନ୍ତି। ଭାରତୀୟ ଆନିମେଟେଡ୍ ଫିଚର ଫିଲ୍ମ ମଧ୍ୟରୁ 'ବନ୍ଦେ ରୋଜ' ପ୍ରଥମ କରି ଭେନିସ୍ କ୍ରିଟିକ୍ ୱିକ୍ ପାଇଁ ମନୋନୀତ ହୋଇଥିଲା। ବଡ଼ ସହରରେ କିପରି ଲୋକେ ସଂଘର୍ଷ କରି ସୌକିନ ଜୀବନ ବଦଳରେ ଅଧାଅଧୁରା ଜୀବନ ବଞ୍ଚୁଛନ୍ତି ତାହା ଫିଲ୍ମର କାହାଣୀ ରହିଛି।

## ବୋଲ୍ଡ ଲୁକ୍ରେ ସୁରଭି



**ମୁମ୍ବାଇ:** ନାଗିନ ଫେମ ସୁରଭି ଚନ୍ଦନା ଏବେ ଖୁବ ଚର୍ଚ୍ଚାରେ । ନାଗିନ ୫ ଧାରାବାହିକରେ ଅଭିନୟ କରି ସେ ଦର୍ଶକଙ୍କ ବେଶ୍ ନିକଟତର ହୋଇ ପାରିଥିଲେ। ଏବେ କିନ୍ତୁ ତାଙ୍କର ବୋଲ୍ଡ ଅବତାର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି । ସୋସିଆଲ ମିଡିଆରେ ତାଙ୍କର ଖୁବ ଫ୍ୟାନ୍ ଫଲୋଇଙ୍ଗ ରହିଛି। ନିକଟରେ ସେ କରିଥିବା ଫଟୋ ଶୁଟ ଏବେ ଭାଇରାଲ ହେବାରେ ଲାଗିଛି । ଯାହା ତାଙ୍କ ପ୍ରଶଂସକଙ୍କୁ ଦିୱାନା କରୁଛି । ଏଥିରେ ସୁରଭି ହ୍ୱାଇଟ୍ ସର୍ଟ ଓ ରେଡ ସ୍କର୍ଟରେ ପୋଜ ଦେଇଥିବା ଦେଖାଯାଇଛି । ଏହାସହ ଡାର୍କ ରେଡ କଲର ଲିପଷ୍ଟିକ ଆଉ ଖୋଲା କେଶ ତାଙ୍କ ବୋଲ୍ଡ ଲୁକ୍ସକୁ ପୂରା କରୁଛି । ଭାଲେଣ୍ଟାଇନ ଡେ'ରେ ସୋସିଆଲ ମିଡିଆରେ ଆସିଥିବା ସୁରଭିଙ୍କ ଏହି ଫଟୋ ଶୁଟ ସମସ୍ତଙ୍କୁ ଦିୱାନା କରିଛି। ତାଙ୍କର ପ୍ରଶଂସକମାନେ ଏହି ଫଟୋ ଉପରୁ ନଜର ହଟାଇ ପାରୁ ନ ଥିବା ବେଳେ କମେଣ୍ଟ ଦେବାରେ ହେଳା କରୁ ନାହାନ୍ତି। ଜଣେ ୟୁଜର ଲେଖିଛନ୍ତି ସତରେ ତୁମେ କେତେ ହଟ୍ ଆଉ ଗ୍ଲାମରସ୍। ଆଉ ଜଣେ ଲେଖିଛନ୍ତି ମ୍ୟାଡାମ ଆପଣ ନିଆଁ । ଆଉ ଜଣେ ଲେଖିଛନ୍ତି ଜଣେ ଏତେ କ୍ୟୁଟ୍ କେମିତି ହୋଇପାରେ ।

## ସୋସିଆଲ ମିଡିଆରେ ଫୁଟବଲ ଷ୍ଟାର



**ଥିରୁଭାନନ୍ତପୁରମ୍:** ବିଭିନ୍ନ କ୍ଷେତ୍ରରେ ନାରୀମାନେ ମଧ୍ୟ ସେମାନଙ୍କର ଦୃଢ଼ ସ୍ଥିତି ଜାହିର କରିପାରିଛନ୍ତି। ଏବେ ପ୍ରାୟ ସବୁ ପ୍ରକାରର ଖେଳରେ ମଧ୍ୟ ସେମାନଙ୍କ ଦୃଢ଼ ସ୍ଥିତି ରହିଛି। ଏହାର ଜଣେ ଉଦାହରଣ ହେଉଛନ୍ତି କେରଳର ହାଦିଆ ହକିମ୍। ୧୭ବର୍ଷୀୟା ଏହି ବାଳିକା ଜଣକ ଫୁଟବଲ ଖେଳି ବେଶ୍ ନାଁ କରିପାରିଛନ୍ତି। କେରଳର ମୁକ୍କମରେ ଥିବା ଚନ୍ଦମଙ୍ଗଲୁର ହାୟର ସେକେଣ୍ଡାରୀ ସ୍କୁଲରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ହେଉଛନ୍ତି ହାଦିଆ। ପାଠପଢ଼ା ସହିତ ତାଙ୍କର ଫୁଟବଲ ଖେଳରେ ରହିଛି ସ୍ୱତନ୍ତ୍ର ପ୍ରତିଭା। ଏଥିପାଇଁ ଏବେ ତାଙ୍କୁ ନେଇ ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚା। ହାଦିଆ ହିଜାବ (ମୁସଲିମ୍ ଝିଅମାନେ ମୁହଁକୁ ଘୋଡ଼ାଇବା ପାଇଁ ବ୍ୟବହାର କରୁଥିବା କପଡା) ପିନ୍ଧି ଏତେ ସୁନ୍ଦରଭାବେ ଫୁଟବଲ୍ ଖେଳୁଛନ୍ତି, ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ହିଜାବ ପ୍ରଥମେ ନିଜ ସ୍କୁଲରେ ଫୁଟବଲ୍ ଖେଳୁଥିଲେ ଆଉ ତାଙ୍କ ଫୁଟବଲ ଖେଳର କୌଶଳ ଦେଖି ସମସ୍ତେ ପ୍ରଭାବିତ ହୋଇପାରିଥିଲେ। ହାଦିଆଙ୍କ ବାପା ଅବଦୁଲ ହକିମ୍ ହେଉଛନ୍ତି ଜଣେ ଫୁଟବଲ୍ ଖେଳାଳି। ତେଣୁ ଛୋଟବେଳରୁ ହାଦିଆ ମଧ୍ୟ ଫୁଟବଲ୍ ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ। ଆଉ ଧୀରେ ଧୀରେ ଏହି ଖେଳରେ ସେ ଖୁବ୍ଶୀଘ୍ର ପାରଙ୍ଗମ ହୋଇଯାଇଥିଲେ। ହାଦିଆଙ୍କର ଫୁଟବଲ ଖେଳର କୌଶଳ ଦେଖି ସୋସିଆଲ ମିଡିଆରେ ଲୋକେ ବହୁତ ପସନ୍ଦ କରିଛନ୍ତି। କହିବାକୁ ଗଲେ ହାଦିଆ ଏବେ ସୋସିଆଲ ମିଡିଆରେ ଷ୍ଟାର ହୋଇଯାଇଛନ୍ତି। ଅନେକେ ତାଙ୍କୁ କ୍ରିଷ୍ଟିଆନୋ ରୋନାଲ୍ଡୋ ଭଳି ପ୍ରତିଭାବାନ ଖେଳାଳି ବୋଲି କହୁଛନ୍ତି। ତେବେ ହାଦିଆଙ୍କର ଫୁଟବଲ ଖେଳରେ ଏହି ପ୍ରତିଭା ଏବେ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ହୋଇପାରିବ ନିଶ୍ଚୟ।

## ପ୍ରେମ ଚାହାନ୍ତି ୯୨ ପ୍ରତିଶତ ଦମ୍ପତି

**ନୂଆଦିଲ୍ଲୀ:** ବିବାହ ପରବର୍ତ୍ତୀ ଦାମ୍ପତ୍ୟ ଜୀବନରେ ୯୨ ପ୍ରତିଶତ ଭାରତୀୟ ପ୍ରେମ ଚାହିଁଥାନ୍ତି। ସମ୍ପ୍ରତି କରାଯାଇଥିବା ଏକ ସର୍ଭେ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ସର୍ଭେରେ ୫,୬୨୮ ଲୋକଙ୍କୁ ସାମିଲ କରାଯାଇଥିଲା। ଭାଲେଣ୍ଟାଇନ ଦିବସକୁ ନେଇ ପଚରା ଯାଇଥିବା ପ୍ରଶ୍ନରେ ୫୨ ପ୍ରତିଶତ ମହିଳା ଏବଂ ୪୩ ପ୍ରତିଶତ ପୁରୁଷ ଏହା ଦମ୍ପତିଙ୍କ ମଧ୍ୟରେ ଭଲ ପାଇବାକୁ ସୁଦୃଢ଼ କରିଥାଏ ବୋଲି ଉତ୍ତର ଦେଇଛନ୍ତି। ସେହିପରି ୨୬ ପ୍ରତିଶତ ମହିଳା ଏବଂ ୩୭ ପ୍ରତିଶତ ପୁରୁଷ ଭାଲେଣ୍ଟାଇନ ଡେ'କୁ ଭଲ ପାଇବା ପ୍ରକାଶ କରିବାର ଗୁରୁତ୍ୱପୂର୍ଣ୍ଣ ଦିବସ ବୋଲି କହିଛନ୍ତି। ବିବାହ ପରେ ଏହି ଦିବସ ପାଳନର ଆବଶ୍ୟକତା ନାହିଁ ବୋଲି ୪ ପ୍ରତିଶତ ମହିଳା ଏବଂ ୬ ପ୍ରତିଶତ ପୁରୁଷ ମତ ଦେଇଛନ୍ତି।


ମନେ ପଡ଼ନ୍ତି
୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ବିନ ସିଂହ
ପଚ୍ଛିକୋଟଗଡ଼, ଯାଜପୁର
ଆବିର୍ଭାବ: ୧୯୫୭
ତିରୋଧାନ: ଶ୍ରୀପଞ୍ଚମୀ
ଆପଣଙ୍କର ସମସ୍ତଙ୍କ ପାଇଁ ଭଲ ପାଇବା, ଆଦର ଓ ଯତ୍ନ ନିମନ୍ତେ ଆମେ ସମସ୍ତେ ଚିରଋଣୀ।
ଆପଣଙ୍କର ପୁତ୍ର ଓ ପରିବାରବର୍ଗ ।
ଧ-୧୯୯୧୦


## ଡିଓରୁ କ୍ୟାନ୍ସର ଆଶଙ୍କା



**ନୂଆଦିଲ୍ଲୀ:** ଡିଓଡ୍ରାଣ୍ଟ ବା ପରଫ୍ୟୁମ ଲଗାଇଲେ କ୍ୟାନ୍ସର ହେବାର ସମ୍ଭାବନା ବହୁତ ବଢ଼ି ଯାଇଥାଏ। ଏଭଳି ଏକ କଥାକୁ ହୁଏତ ଅନେକେ ହଠାତ୍ ଗ୍ରହଣ କରି ପାରୁ ନ ଥିବେ। କିନ୍ତୁ ଏବେ ରିସର୍ଚ୍ଚରୁ ଏହି କଥା ପ୍ରମାଣିତ ହୋଇଛି। ବିଶେଷଜ୍ଞମାନଙ୍କର ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଡିଓଡ୍ରାଣ୍ଟ ଏବଂ ପରଫ୍ୟୁମରେ ଏଭଳି କିଛି ରାସାୟନିକ ତତ୍ତ୍ୱ ରହିଛି, ଯାହା ପ୍ରଭାବରେ ଶରୀରରେ ଅନେକ ସମସ୍ୟା ଦେଖା ଦେଇଥାଏ। ଡିଓରେ ଥିବା ବିଭିନ୍ନ ରାସାୟନିକ ପଦାର୍ଥ ଫ୍ୟାଟ୍ସେଲ୍ସରେ ଅବଶୋଷିତ ହୋଇ ଯାଇଥାଏ। ତେଣୁ ତ୍ୱଚାରେ ବିଭିନ୍ନ ଦାଗ ଭଳି ଦେଖାଯିବା ସହିତ ବ୍ରେଷ୍ଟ କ୍ୟାନ୍ସର ହେବାର ସମ୍ଭାବନା ବହୁତ ବଢି ଯାଇଥାଏ। ସାଧାରଣତଃ ଡିଓଡ୍ରାଣ୍ଟରେ ୫ ପ୍ରକାରର ରାସାୟନିକ ପଦାର୍ଥକୁ ଅଧିକ ବ୍ୟବହାର କରାଯାଏ, ଯାହା ଫଳରେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ। ରିସର୍ଚ୍ଚ ଅନୁସାରେ ଡିଓଡ୍ରାଣ୍ଟରେ ବହୁଳଭାବେ ବ୍ୟବହୃତ ହେଉଥିବା ପାରାବେନ୍ ପ୍ରଭାବରେ ଶରୀରରେ ଆଷ୍ଟ୍ରୋଜେନ୍ ଏବଂ ଅନ୍ୟ ହରମୋନ୍ର ଉତ୍ପାଦନ ପ୍ରକ୍ରିୟା କମି ଯାଇଥାଏ। ଅଣ୍ଡରଆର୍ମସରେ ପାରାବେନ ଥିବା ଡିଓ ଫଳରେ କ୍ୟାନ୍ସର ସେଲ୍ସ ବୃଦ୍ଧି ପାଇବାର ସମ୍ଭାବନା ବହୁତ ବଢି ଯାଇଥାଏ। ସେହିପରି ଝାଳ କମ୍ କରୁଥିବା ଆଣ୍ଟିପର୍ସପିରେଟ୍ସ ଏବଂ ଡିଓରେ ଆଲୁମିନିୟମ ଥିବା ଫଳରେ ମଣିଷ ଶରୀରର ଜିନ୍ସରେ ଅସ୍ଥିରତା ଦେଖାଦେଇଥାଏ। ଏହି କାରଣରୁ ଟ୍ୟୁମର ଏବଂ ବ୍ରେଷ୍ଟ କ୍ୟାନ୍ସରର ସମ୍ଭାବନା ବଢ଼ିଥାଏ। କେତେକ ଡିଓରେ ଆଣ୍ଟିପର୍ସପିରେଟ୍ ସହିତ ଟ୍ରାଇକ୍ଲୋଶାନ୍ ବ୍ୟବହାର ହୋଇଥାଏ ଏବଂ ଏହା ହର୍ମୋନର କାର୍ଯ୍ୟକଳାପରେ ପ୍ରଭାବ ପକାଇବା ସହିତ ଥାଇରଏଡ୍କୁ ବି ପ୍ରଭାବିତ କରିଥାଏ। ବେଳେବେଳେ କିଛି ପରଫ୍ୟୁମ ବ୍ୟବହାର ପରେ ଛିଙ୍କ, ଆଖିରୁ ପାଣି ଆସିବା କିମ୍ବା ମୁଣ୍ଡବିନ୍ଧା ହୋଇଥିବା ଦେଖିବାକୁ ମିଳିଥାଏ। ଏସବୁ ଆଲର୍ଜିର ଲକ୍ଷଣ। ଅଧିକ ପରଫ୍ୟୁମ ବ୍ୟବହାର ଫଳରେ ଅନେକଙ୍କର ଏଭଳି ବିଭିନ୍ନ ପ୍ରକାରର ଆଲର୍ଜି ହୋଇଥାଏ।

## ସ୍ୱାମୀଙ୍କୁ ପ୍ରେମିକାଙ୍କ ଫଟୋ ଗିଫ୍ଟ କଲେ ସ୍ତ୍ରୀ

ଜଣେ ମହିଳାଙ୍କ ଭିଡିଓ ସୋସିଆଲ ମିଡିଆରେ ଏବେ ଖୁବ ଭାଇରାଲ ହେଉଛି। ଯେଉଁଥିରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଭାଲେଣ୍ଟାଇନ ଡେ'ରେ ଅଜବ ଗିଫ୍ଟ ପ୍ରଦାନ କରିଛନ୍ତି। ସ୍ୱାମୀ ଜଣକ ସୋସିଆଲ ମିଡିଆରେ ଯେଉଁ ମହିଳାମାନଙ୍କୁ ଲାଇକ କରନ୍ତି ସ୍ତ୍ରୀ ସେହି ମହିଳାମାନଙ୍କ ଫଟୋଗୁଡ଼ିକର ପ୍ରିଣ୍ଟ କାଢ଼ି ସ୍ୱାମୀଙ୍କୁ ଭାଲେଣ୍ଟାଇନ ଡେ'ରେ ଉପହାର ଦେଇଛନ୍ତି। ଗ୍ଲୋରିଆ ନାମକ ଜଣେ ମହିଳା ଆମେରିକାରେ ରୁହନ୍ତି। ତାଙ୍କ ସ୍ୱାମୀଙ୍କୁ ସେ ଏପରି ଅଜବ ଗିଫ୍ଟ ପ୍ରଦାନ କରିଛନ୍ତି। ଏହାର ଏକ ଭିଡିଓ ପୋଷ୍ଟ ହେବାର ଗୋଟିଏ ଦିନ ପରେ ୨୮ ଲକ୍ଷରୁ ଅଧିକ ଥର ତାହା ଦେଖାସରିଲାଣି। ଗ୍ଲୋରିଆ ଇନ୍ଷ୍ଟାଗ୍ରାମରୁ ସମସ୍ତ ମହିଳାଙ୍କ ଫଟୋକୁ ଡାଉନଲୋଡ କରି ଏହାର ପ୍ରିଣ୍ଟ କାଢ଼ିଥିଲେ। ପରେ ଫଟୋଗୁଡ଼ିକରେ ଷ୍ଟିକର ଲଗାଇ ସ୍ୱାମୀଙ୍କୁ ଭାଲେଣ୍ଟାଇନ ଉପହାର ଦେଇଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ଭରସାର ପ୍ରତୀକ
FINANCE LOAN
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା ଓ କର୍ମଚାରୀ ମାନଙ୍କ ପାଇଁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9473753634

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା।
କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ।
କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଚାକିରି ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଆନ୍ତଃଜିଲ୍ଲା କ୍ଲବ ଲିଗ୍ ପାଇଁ ପଞ୍ଜିକରଣ ଆରମ୍ଭ

ଦେବଗଡ଼,(ଡି.ଏନ୍.ଏ.): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ୧୬ ବର୍ଷରୁ କମ୍ ବୟସ ଖେଳାଳୀମାନଙ୍କ ପାଇଁ ଆୟୋଜିତ ହେବାକୁ ଥିବା ଘରୋଇ କ୍ରିକେଟ ମ୍ୟାଚ ଜିଲାରେ ଆସନ୍ତା ୨୪ରୁ ଆରମ୍ଭ ହେବ। ଏଣୁ ଦେବଗଡ଼ ଜିଲାରେ ଇଚ୍ଛୁକ କ୍ରିକେଟ ଖେଳାଳୀ ଉପଯୁକ୍ତ ପ୍ରମାଣପତ୍ର ସହ ନିଜ ନାମ ରେଜିଷ୍ଟ୍ରେସନ କରିବା ପାଇଁ ଦେବଗଡ଼ ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ଇଂ.ସୁଜିତ କୁମାର ପ୍ରଧାନ ଅନୁରୋଧ କରିଛନ୍ତି। ଏହି ଲିଗ୍ ମ୍ୟାଚ୍‌ଗୁଡ଼ିକରୁ ଜିଲାର ଶ୍ରେଷ୍ଠ ଖେଳାଳୀ ଚୟନ କରାଯାଇ ଆଗାମୀ ଦିନରେ ଦେବଗଡ଼ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ସମ୍ପାଦକ ପ୍ରଧାନ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

**ସଂକ୍ଷେପରେ**

## ଆର୍‌ଆଇ ଅଫିସ ନୂତନ କୋଠା ଉଦ୍‌ଘାଟିତ



ଜୁନାଗଡ,୧୫।୨(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ତହସିଲ ଆଟିଗାଁ ରାଜସ୍ୱ ନିରୀକ୍ଷକ (ଆରଆଇ) କାର୍ଯ୍ୟାଳୟର ନୂତନ କୋଠା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଭିଡିଓ କନଫରେନ୍ସ ମାଧମରେ ରହି କୋଠାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ, ଆଟିଗାଁ ସରପଞ୍ଚ ହେମାଦ୍ରି ମାଝୀ, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ କୁମାର ବେହେରା, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଗଗନ ବିହାରୀ ସାହୁ, ସହକାରୀ ରାଜସ୍ୱ ନିରୀକ୍ଷିକା ପ୍ରତିଭା ନାୟକ, ଆଇନଜିବୀ ପ୍ରତିଭା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଗ୍ଧ ଚାଷୀ ପ୍ରଶିକ୍ଷଣ ଶିବିର

ଲୋଇସିଂହା,୧୫।୨(ଡି.ଏନ.ଏ.): ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ସଲତରପାଲି ଗାଁର ଗୋଚାଷୀମାନଙ୍କୁ ନେଇ ବାଏଫ୍ ଆଇଏଲଡିପି ପକ୍ଷରୁ ଦୁଗ୍ଧ ଚାଷୀ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ବ୍ଲକର ପ୍ରାଣୀ ଚିକିତ୍ସାଧିକାରୀ ଡା.କମଳଲୋଚନ ଦାସ, ଗୋବିକାଶ କେନ୍ଦ୍ର ଅଧିକାରୀ ବିବେକ ସିଂ ଯୋଗ ଦେଇଥିଲେ। କମ ଖର୍ଚ୍ଚରେ ଚାଷୀମାନେ କିପରି ଅଧିକ ଦୁଗ୍ଧ ଉତ୍ପାଦନ କରିବା ସହ ଉନ୍ନତମାନର ବାଛୁରୀ ପାଇପାରିବେ ସେନେଇ ଚାଷୀମାନଙ୍କୁ ବୁଝା ଯାଇଥିଲା। ବାଏଫ ପଶୁ ଚିକିତ୍ସକ ଆନନ୍ଦ କୁମାର ନନ୍ଦଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜୟ ବଜରଙ୍ଗବଲି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଉଁଶୁଣୀ, ୧୫।୨ (ଡି.ଏନ.ଏ): ବୌଦ୍ଧ ବ୍ଲକ ବହିରା ହାଇସ୍କୁଲ ଖେଳ ପଡିଆରେ ଜୟ ବଜରଙ୍ଗବାଳି ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ତୃତୀୟ ବଜରଙ୍ଗବାଳି ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ଆସୋସିଏଶନ ସଭାପତି ନବକିଶୋର ଡାଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଇଂ. ରାକେଶ ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ଶିକ୍ଷକ ଦେଶବନ୍ଧୁ ମହାକୁଡ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜିତ ବେହେରା, ମୁକେଶ ବେହେରା, ଲଳିତ ନାଏକ, ୱାର୍ଡ ସଭ୍ୟ କୈଳାଶ ନାଏକ, ଶାନ୍ତନୁ ବେହେରା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ବହିରା ଓ କମ୍ପରା ଦଳ ମଧ୍ୟରେ ହୋଇଥିଲା ଓ ୨-୦ ଗୋଲରେ କମ୍ପରା ଫୁଟବଲ ଦଳ ବିଜୟୀ ହୋଇଥିଲା।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ବୌଦ୍ଧ,୧୫।୨(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କୁଶଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋଲାପ ଚନ୍ଦ୍ର ଭୋକ୍ତା (୭୨)ଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ଗ୍ରାମ ଶ୍ମଶାନ ଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ଦିଲୀପ ମୁଖାଗ୍ନି ଦେଇଥିଲେ।

## ରାମମନ୍ଦିର ନିର୍ମାଣ ନିଧିକୁ ୧ ଲକ୍ଷ ଟଙ୍କା ପ୍ରଦାନ

ବିନିକା,୧୫.୨(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ବାବୁପାଲି ଗ୍ରାମର ଜଗବନ୍ଧୁ ବଡପଣ୍ଡା ଓ ତାଙ୍କ ପରିବାର ସୋମବାର ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ ବାବଦରେ ନଗଦ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରଛନ୍ତି। ଶ୍ରୀରାମଙ୍କ ଜନ୍ମଭୂମି ତଥା ମନ୍ଦିର ନିର୍ମାଣ ସମର୍ପଣ ଅଭିଯାନର ସଦସ୍ୟମାନଙ୍କୁ ବାବୁପାଲି ଗ୍ରାମର ଜଗବନ୍ଧୁ ଓ ତାଙ୍କ ପରିବାର ଲୋକେ ନିଜ ବାସଭବନରେ ସ୍ୱାଗତ କରି ସମର୍ପଣ ଅର୍ଥ ରାଶି ପ୍ରଦାନ କରିଥିଲେ।।

# ପଶ୍ଚିମ ଓଡ଼ିଶାରେ ବନ୍ଦ ଶାନ୍ତିପୂର୍ଣ୍ଣ

ତୈଳ, ରନ୍ଧନ ଗ୍ୟାସ୍ ଦରବୃଦ୍ଧି ନିୟନ୍ତ୍ରଣରେ କେନ୍ଦ୍ର ସରକାରଙ୍କ ବିଫଳତା ତଥା ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି, କୃଷି ସମସ୍ୟାକୁ ଅଣଦେଖା ପ୍ରତିବାଦରେ ସୋମବାର ସାରା ରାଜ୍ୟରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୬ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହି କ୍ରମରେ ପଶ୍ଚିମ ଓଡ଼ିଶାରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଥିଲା। ସକାଳୁ ଦୋକାନ, ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ଗୁଡ଼ିକ ବନ୍ଦ ରହିଥିଲା। ବସଷ୍ଟାଣ୍ଡରେ ଯାତ୍ରୀବାହୀ ବସ୍ ଗୁଡ଼ିକ ଅଟକି ରହିଥିଲା। ଯୁବ, ଛାତ୍ର କଂଗ୍ରେସ ନେତା ଓ କର୍ମୀମାନେ ପିକେଟିଂ କରୁଥିବା ଦେଖିବାକୁ ମିଳିଥିଲା।



ବରଗଡ଼ ଗାନ୍ଧୀଛକରେ କଂଗ୍ରେସ ନେତା,କର୍ମୀ ପିକେଟିଂ କରୁଛନ୍ତି।

**ବରଗଡ଼ ଅଫିସ:** ବରଗଡ଼ ଜିଲାରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଥିଲା। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ପ୍ରଦୀପ ଦେବତା, ସୁଶାନ୍ତ ସାହୁ, ବ୍ରହ୍ମା ମହାକୁଡ଼, ଯୁଗଳ ପ୍ରସାଦ ସିଂ, ନିପନ କୁମାର ଦାଶ, ପାଣ୍ଡବ କର୍ଣ୍ଣ, ଅବଦୁଲ ଗଫାର୍, ଅଭିଷେକ ନାୟକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବରପାଲି ଗାନ୍ଧୀଛକରେ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ପଦ୍ମପୁରରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଟାଉନ କଂଗ୍ରେସ ସଭାପତି ଦିଲିପ ଦାନୀ, ଝାରବନ୍ଧରେ କଂଗ୍ରେସ ନେତା ମୁଜାଫର ହୁସେନ, ବିଜେପୁରରେ ଦଳୀୟ ନେତ୍ରୀ କଲ୍ୟାଣୀ ମିଶ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ଜିଲାର ପାଇକମାଳ, ଅତାବିରା, ଭଟଲି, ଅମ୍ବାଭୋନା, ଗାଇସିଲେଟ, ସୋହେଲା ଆଦି ଅଞ୍ଚଳରେ ମଧ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା।

**ସୁନ୍ଦରଗଡ(ଡି.ଏନ୍.ଏ):** ସୁନ୍ଦରଗଡରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା। ବନ୍ଦ ବେଳେ ସୁନ୍ଦରଗଡରେ ସମସ୍ତ ଦୋକାନ ବଜାର ଓ ସରକାରୀ, ବେସରକାରୀ ଅଫିସ୍ ବନ୍ଦ ଥିଲା। କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିଥିବାରୁ ଗାଡିମୋଟର ଅଟକି ରହିଥିଲା। ସୁନ୍ଦରଗଡ ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ନାଏକ, ରାଜକିଶୋର ଷଡଙ୍ଗୀ, ପ୍ରଫୁଲ୍ଲ ସୁନାନୀ, ଅଜିତ ପ୍ରସାଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ଜିଲାର ବଡଗାଁ, ରାଜଗାଙ୍ଗପୁର, ସବଡେଗା, ଟେନସା, ଲାଠିକଟା ଆଦି ସ୍ଥାନରେ ବନ୍ଦର ପ୍ରଭାବ ରହିଥିଲା।

**ଭବାନୀପାଟଣା/କୋକସରା, (ଡି.ଏନ.ଏ):** ଓଡ଼ିଶା ବନ୍ଦ କଳାହାଣ୍ଡି ଜିଲାରେ ସମ୍ପୂର୍ଣ୍ଣ ସଫଳ ହୋଇଛି। ଜିଲାରେ ଯାନବାହାନ ଚଳାଚଳ ବନ୍ଦ ରହିବା ସହ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଶିକ୍ଷା ଅନୁଷ୍ଠାନ, ବ୍ୟବସାୟୀକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ଜିଲାର ସମସ୍ତ ବ୍ଲକ ଓ ମ୍ୟୁନିସିପାଲଟି ଅଞ୍ଚଳରେ କଂଗ୍ରେସ କର୍ମୀ ଏହି ବନ୍ଦରେ ସାମିଲ ହୋଇଥିଲେ। ଭବାନୀପାଟଣାରେ ଜିଲା ସଭାପତି ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଉଚ୍ଛବ ସାହୁ, ମହମ୍ମଦ ଅଲ୍ଲୀ, ପରମାନନ୍ଦ ମାଝୀ, ସିଦ୍ଧାର୍ଥ ନାୟକ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ, ବ୍ରଜ ସାହୁ, ନିମାଞ୍ଚଳ ନାଏକ, ପ୍ରକାଶ ହରପାଳଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ କୋକସରାଠାରେ କଂଗ୍ରେସ କର୍ମୀ ନିମାଇଁ ଚରଣ ଧଙ୍ଗଡ଼ାମାଝି, ସମିତି ସଭ୍ୟ ତ୍ରିଭୁବନ ନାଏକ ନେତୃତ୍ୱ ନେଇଥିଲେ।



ଦେବଗଡ଼ରେ ବନ୍ଦ ପାଳନ କରାଯାଉଛି।

**ରାଉରକେଲା ଅଫିସ:** ରାଉରକେଲାରେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯାଇଛି। କଂଗ୍ରେସ ଦଳର ଜିଲା ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗଦେଇ ସହରର ବିଶ୍ରା, ପାନପୋଷ, ଉଦିତନଗର ଆମ୍ବେଡ଼କର, ଆମ୍ବାଗାନ, କୋଏଲନଗର, ବନ୍ଧମୁଣ୍ଡା ଡିଜେଲ କଲୋନୀ ଓ ଫଟାଲାଇଜର ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ କର୍ମୀମାନେ ପକେଟିଂ କରି ସରକାରୀ, ବେସରକାରୀ ଅଫିସ୍, ପେଟ୍ରୋଲ ପମ୍ପ ଆଦି ବନ୍ଦ କରୁଥିବା ଦେଖିବାକୁ ମିଳିଥିଲା। କଂଗ୍ରେସର ବରିଷ୍ଠ ନେତା ବୀରେନ ସେନାପତି, ଦେବବ୍ରତ ବିହାରୀ, ବାଦଲ ଶ୍ରୀଚନ୍ଦନ, ନିହାର ଦାସ, କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ବୌଦ୍ଧ(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀମାନେ ସହରର ଏନ୍‌ଏସି ଛକ ଓ ବିଜୁ ପଟ୍ଟନାୟକ ଛକଠାରେ ଯାନବାହାନଗୁଡିକୁ ଅଟକ ରଖିଥିଲେ। ଫଳରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ଶହ ଶହ ଗାଡି ଅଟକି ରହିଥିଲା। କର୍ମୀମାନେ ଜିଲାର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଜିଲା ନ୍ୟାୟାଳୟର ପ୍ରବେଶ ପଥରେ ବିଚାରପତିମାନଙ୍କୁ ଭିତରକୁ ଛାଡି ନ ଥିଲେ। ବରିଷ୍ଠ କଂଗ୍ରେସ ନେତା ନାରାୟଣ ପ୍ରସାଦ ପରିଜା, ସୁଧୀର କୁମାର କର୍ଣ୍ଣ, ରାଏ ସଞ୍ଜୀବ କୁମାର ଦେଓ, ସମରେଶ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜିଲାର କଣ୍ଟାମାଳ, ମନମୁଣ୍ଡା, ବୌଦ୍ଧ, ହରଭଙ୍ଗା ବ୍ଲକ ଅଞ୍ଚଳରେ ବନ୍ଦ ପାଳିତ ହୋଇଥିଲା।

**ସୋନପୁର (ନି.ପ୍ର.):** କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୬ ଘଣ୍ଟିଆ ବନ୍ଦର ପ୍ରଭାବ ସୁବର୍ଣ୍ଣପୁର ଜିଲାରେ ଦେଖିବାକୁ ମିଳିଛି। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜିଲା ସଦର ମହକୁମା ଓ ୬ଟି ବ୍ଲକ ମୁଖ୍ୟାଳୟରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ବିଭିନ୍ନ ଛକରେ ରାସ୍ତା ଅବରୋଧ କରିବା ସହ ପିକେଟିଂ କରି ଦୋକାନ ବଜାର, ଅଫିସ ବନ୍ଦ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡାଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଚନ୍ଦ୍ରମଣି ତ୍ରିପାଠୀ, ରାଜେଶ ମିଶ୍ର, ସୁଧୀର ପଣ୍ଡା, ବବୁଲୁ କୁମାର ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ସେହିପରି ବୀରମହାରାଜପୁରଠାରେ ରାଜଗୋପାଳ ପାଣିଗ୍ରାହୀ, ଯୁବ କଂଗ୍ରେସ ଜିଲା ସଭାପତି ପ୍ରିୟବ୍ରତ ସାହୁ, ତରଭାରେ ପ୍ରବୀଣ ସାହୁ, କାର୍ତ୍ତିକ ନାଗ, ବିନିକାରେ ରବିନ୍ଦ୍ର ହୋତା, ସୁରେନ୍ଦ୍ର ନାୟକ, ଉଲୁଣ୍ଡାରେ ତ୍ରିପୁରାରୀ ସେଠୀ, ନୃସିଂହ ଚରଣ ପଣ୍ଡା ଓ ପ୍ରଭୁଦତ୍ତ ବସ୍ତିଆ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ଡୁଙ୍ଗୁରିପାଲିରେ ବରିଷ୍ଠ ନେତା ଚିତ୍ତରଞ୍ଜନ ମିଶ୍ର, ବାଳକୃଷ୍ଣ ଡନସେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

**ଦେବଗଡ଼ (ଡି.ଏନ୍.ଏ.):** ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ କଂଗ୍ରେସ କର୍ମୀ ସକାଳ ୭ଟା ରୁ ପୁରୁଣାଗଡ ପେଟ୍ରୋଲ ପମ୍ପ ଛକ ନିକଟସ୍ଥ ବାଇପାସ ରାସ୍ତାଠାରେ ୪୯ନଂ ଓ ୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସେହିପରି





ସୋନପୁରରେ କଂଗ୍ରେସ କର୍ମୀମାନେ ପିକେଟିଂ କରୁଛନ୍ତି।

କଂଗ୍ରେସ କର୍ମୀ ଦଳଦଳ ହୋଇ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରିଥିଲେ। ଜିଲା ସଭାପତି ସାହୁଙ୍କ ନେତୃତ୍ୱରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମୁଲତା ନାୟକ, ଏସ ଟି ସେଲ ସଭାପତି କ୍ଷେତ୍ର କୁମାର ପାତ୍ର, ସଂଖ୍ୟାଲଘୁ ସେଲ ସଭାପତି ମୋଇନ ଖାଁ, ଏସସି ସେଲ ସଭାପତି, ଦେବଗଡ ନଗର ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ନଗର ସଭାପତି ସୁବାସ ଚନ୍ଦ୍ର ଭୋଇ, ମିଡିଆ ସେଲ ସଂଯୋଜକ ପଞ୍ଚୁଲାଲ ବରାଇ, ବିକାଶ ଖଡିରତ୍ନ, ସଂଜୟ କୁମାର ଦେଓ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ବସନ୍ତ କୁମାର ମିଶ୍ର, କ୍ଷିତିଶ ପ୍ରଧାନ ପ୍ରମୁଖ ଏହି ବନ୍ଦ ପାଳନରେ ସକ୍ରୀୟ ସହଯୋଗ କରିଥିବା ବେଳେ ତିଲେଇବଣୀ ବ୍ଲକ ମୁଖ୍ୟାଳୟଠାରେ ବ୍ଲକ ସଭାପତି ଗଣେଷ କୁମାର ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବନ୍ଦ ପାଳନ କରିଥିଲେ। ରିଆମାଳ ବ୍ଲକଠାରେ ସଭାପତି ଶୁଶିଲ କୁମାର ସାହୁ ଓ ବାରକୋଟ ବ୍ଲକ ମୁଖ୍ୟାଳୟରେ ସଭାପତି କ୍ଷୀରୋଦ ସାଗର ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଜାତୀୟ ରାଜପଥ ଅବରୋଧ କରିବା ସହ ବନ୍ଦରେ ସାମିଲ ହୋଇଥିଲେ।

**ନୂଆପଡା ଅଫିସ(ଡି.ଏନ.ଏ.):** ପ୍ରଦେଶ କଂଗ୍ରେସ କମିଟିଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ନୂଆପଡା ଏକତା ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ବନ୍ଦ ଡାକରା ଦିଆଯାଇଥିଲା। ତରବୋଡ, ଉଦ୍ୟାନବନ୍ଦ, କୋମନା, ଖରିଆର ରୋଡ ଭଳି ସ୍ଥାନରେ ରାସ୍ତାଘାଟ ବନ୍ଦ ରହିବା ସଙ୍ଗେ ସଙ୍ଗେ ଦୋକାନ ବଜାର ବନ୍ଦ ରହିଥିଲା। ବନ୍ଦ ଡାକରାରେ ମାଝିଙ୍କ ସମେତ ଦେବଦତ ଦୀକ୍ଷିତ, ଜଗଦୀଶ ସାହୁ, ମହମ୍ମଦ ଜୁନେଦ, ଅଙ୍କିତ ସିଘାଇ, ଗୋଲି ତିୱାରୀ, ଲକି ଚନ୍ଦ୍ରକାର, ମୋତି ରାୱାଲ, ଭିମ ଯାଦବ, ବ୍ଲକ କଂଗ୍ରେସ କମିଟିର ସଭାପତି କୈଳାଶ ବାଗ, ପୂର୍ବତନ ସାଧାରଣ ସମ୍ପାଦକ ଶାଗରୁଖ ଖାନ, ଜୟଦେବ ମାଝୀ, ଗଣ୍ଡାରାମ ମାଝୀ, ବିଜୟ କୁମାର ନାଏକ, ହରେକୃଷ୍ଣ ଦୁରିଆ, ଅନନ୍ତ ସାହୁ,ରୁପସିଂ ବାଗ ପ୍ରମୁଖ ସାମିଲ ଥିଲେ। ଖଡିଆଳ ବନ୍ଦ ପାଳନରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା।

## ଜୁନାଗଡ଼ରେ ଜଣେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ

**ଜୁନାଗଡ,୧୫।୨(ଡି.ଏନ୍.ଏ)**

ଜୁନାଗଡରେ ବନ୍ଦ ପାଳନ ପ୍ରଭାବ ପଡ଼ିନାହିଁ। ଜଣେ କଂଗ୍ରେସ କର୍ମୀ କେବଳ ବିକ୍ଷୋଭ କରିଥିଲେ। ଏହା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏକଦା କଂଗ୍ରେସର ଗଡ କୁହାଯାଉଥିବା ଜୁନାଗଡ଼ରେ ସ୍ଥାନୀୟ କଂଗ୍ରେସ ପକ୍ଷରୁ କୌଣସି କର୍ମକର୍ତ୍ତା ବନ୍ଦ ପାଳନ କରି ନ ଥିବାବେଳେ ଦୋକାନ ବଜାର, ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା। ମଧ୍ୟାହ୍ନରେ ଜଣେ ମାତ୍ର କଂଗ୍ରେସ କର୍ମୀ ଯୁବ ଆଇନଜୀବୀ ଚିତ୍ତରଞ୍ଜନ ନିଆଲ ବନ୍ଦ ପାଳନକୁ ସମର୍ଥନ ଜଣାଇ ସହର ନିକଟସ୍ଥ ହାତୀ ନଦୀ ପୋଲ ଉପରେ ୨୬ନମ୍ବର ଜାତୀୟ ରାଜପଥରେ ଛିଡା ହୋଇ ଦଳୀୟ ପତକା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜଣେ ମାତ୍ର କଂଗ୍ରେସ କର୍ମୀ ବନ୍ଦ ପାଳନରେ ଆସିଥିବା ବିଷୟରେ ଚିତ୍ତରଞ୍ଜନ ନିଆଲଙ୍କୁ ପଚାରିବାରୁ ଯେଉଁମାନେ କଂଗ୍ରେସକୁ ଭଲ ପାଉଛନ୍ତି ଦଳର ଆଦର୍ଶରେ ଅନୁପ୍ରାଣିତ ହେଉଛନ୍ତି ସେମାନେ ଆଜିର ଏହି ବନ୍ଦ ପାଳନରେ ସାମିଲ ହୋଇଛନ୍ତି। ମୁଁ ଜଣେ ସଚ୍ଚୋଟ କଂଗ୍ରେସ ପ୍ରେମୀ। ଜଣେ ହେଲେ କଣ ହେଲା ମୁଁ ମୋର ଦଳ ପାଇଁ କାମ କରୁଛି ବୋଲି କହିଥିଲେ। ଏପଟେ ଜୁନାଗଡରେ ଅନେକ କଂଗ୍ରେସ କର୍ମୀ ରହିଥିଲେ ମଧ ଜଣେ ମାତ୍ର କଂଗ୍ରେସ କର୍ମୀ ବନ୍ଦପାଳନରେ ସାମିଲ ହେବାକୁ ନେଇ ଚର୍ଚ୍ଚା ହୋଇଛି।



ହାତୀ ବ୍ରିଜ ଉପରେ ଚିତ୍ତରଞ୍ଜନ ନିଆଲ ବିକ୍ଷୋଭ କରୁଛନ୍ତି।

## ମଣିଷକୁ ସେପ୍ଟିସେମିଆ ହେବା ଆଶଙ୍କା

**ଭବାନୀପାଟଣା,୧୫।୨(ସ୍ୱ.ପ୍ର)**

**୬ ହାତୀ ସେପ୍ଟିସେମିଆରେ ମୃତ୍ୟୁ ଘଟଣା**

କଳାହାଣ୍ଡି ଜିଲା କର୍ଲାପାଟ ଅଭୟାରଣ୍ୟରେ ଗତ୧୪ ଦିନରେ ୬ ହାତୀ ସେପ୍ଟିସେମିଆଁରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଯାହାକି ବନବିଭାଗ ପାଇଁ ମୁଣ୍ଡବ୍ୟଥା କାରଣ ପାଲଟିଛି। ଏପରି ସ୍ଥଳେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏବେ ସ୍ଥାନୀୟ ଗାଁଗାଁରେ ଚାଲିଛି ସ୍ୱାସ୍ଥ୍ୟ ଶିବିର। କୌଣସି ବ୍ୟକ୍ତି ଯେମିତି ନାଳ ପାଣି ବ୍ୟବହାର ନ କରିବେ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଉଛି। କାରଣ ନାଳ ପାଣି ବ୍ୟବହାର କଲେ ମଣିଷଙ୍କୁ ମଧ୍ୟ ରୋଗ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ଆଶଙ୍କା ପ୍ରକାଶ କରିଛି। ଏହାସହ ହାତୀ ମରିଥିବା ନାଳରୁ ପାଣି ସଂଗ୍ରହ କରିଛି ସ୍ୱାସ୍ଥ୍ୟବିଭାଗର ଟିମ୍। ଏ ନେଇ ସୂଚନା ଦେଇଛନ୍ତି କଳାହାଣ୍ଡି ସିଡିଏମଓ ପ୍ରତାପ କୁମାର ବେହେରା। ସେ କହିଛନ୍ତି ନାଳରୁ ପାଣି ବ୍ୟବହାର କଲେ ମଣିଷକୁ ସେପ୍ଟିସେମିଆ ହୋଇପାରେ। ତେଣୁ ସମସ୍ତଙ୍କୁ ସଚେତନ କରାଯାଉଛି।



ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

## ଯୁବକଙ୍କ ବିକାଶ ଦ୍ୱାରା ଦେଶର ପରିବର୍ତ୍ତନ ସମ୍ଭବ

**ବୌଦ୍ଧ,୧୫।୨(ସ୍ୱ.ପ୍ର.)**

ୟୁଥ୍ ରେଡକ୍ରସ ପକ୍ଷରୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଚାଲିଥିବା ତ୍ରିଦିବସୀୟ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପ ଜିଲାପାଳ ଅଶ୍ୱିନୀ କୁମାର ମେହେର ଯୋଗଦେଇ କହିଥିଲେ ଯେ, ସେବା କରିବା ଦ୍ୱାରା ଛାତ୍ରଜୀବନ ଶୃଙ୍ଖଳିତ ହୋଇଥାଏ। ସମ୍ମାନିତ ଅତିଥି ଭାବେ ଡ. ଦିଲୀପ କୁମାର ଖୁଣ୍ଟିଆ ଯୋଗଦେଇ ଯୁବକଙ୍କ ବିକାଶ ଦ୍ୱାରା ଦେଶର ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଶିବିରରେ ୪ଗୋଟି ବିଦ୍ୟାଳୟର ୨୫ଜଣ ଛାତ୍ରୀଛାତ୍ର ଓ କାଉନସେଲରମାନେ ଯୋଗଦାନ କରିଥିଲେ। ଜିଲା କୋଡିନେଟର ସୁରେଶ୍ୱର ଯୋଶୀ ଓ ମହାବିଦ୍ୟାଳୟର ଯୁବ ରେଡକ୍ରସ ଅଧିକାରୀ ପ୍ରବୀର କୁମାର ଦାସ ପରିଚାଳନା କରିଥିଲେ। ଦେବାଶୀଷ ପୁରୋହିତ, ବାସନ୍ତୀ ପ୍ରଧାନ, ବନଜ ପ୍ରଧାନ, ଗୀତାଞ୍ଜଳି ସାହୁ ତାଲିମ ଦେଇଥିଲେ। ଆୟୋଜିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କିଷାନ, ଯବାନଙ୍କ ସ୍ମୃତିରେ ମଶାଲ ଶୋଭାଯାତ୍ରା

**ରାଉରକେଲା ଅଫିସ,୧୫।୨**

ଐତିହାସିକ କୃଷକ ଆନ୍ଦୋଳନର ନେତୃତ୍ୱ ଦେଉଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ଦେଶବ୍ୟାପୀ ମଶାଲ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଛି। କୃଷକ ଓ ୨୦୧୯ ମସିହାରେ ପୁଲୱାମା ଠାରେ ଶହୀଦ ହୋଇଥିବା ଯବାନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ମଶାଲ ଶୋଭାଯାତ୍ରା କରାଯାଇଛି। ସହରର ବିଶ୍ରାଛକଠାରୁ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ର, ମହିଳା, ଶ୍ରମିକମାନେ ଅଂଶଗ୍ରହଣ କରିଥିଲେ। ଛବି ମହାନ୍ତିଙ୍କ ନେତୃତ୍ୱରେ ଶ୍ରମିକ ନେତା ସତ୍ୟପ୍ରିୟ ମହାନ୍ତି, ବିଷ୍ଣୁ ପଣ୍ଡା, ଶେଖ୍ ଇସଲାମ, ଗୁରୁ ସିଂ, ନିର୍ମଳ ସିଂ, ଅର୍ଜୁନ ଦେବ, ରାଜେନ୍ଦ୍ର ସିଂଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମେଧାବୀ ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି ପ୍ରଦାନ

**ରାଉରକେଲା ଅଫିସ,୧୫।୨**

ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ୪୨ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତିଗତ ପାଠ୍ୟକ୍ରମ ନିମନ୍ତେ ୨୦୨୦-୨୧ ବର୍ଷ ପାଇଁ ୧୨.୬୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପ୍ରୟାସରେ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ ଠାରେ ଅନୁଷ୍ଠିତ ଏକ ଉତ୍ସବରେ ଆର୍‌ଏସ୍‌ପିର ଏଆଣ୍ଡଆଇ ବିଭାଗର ସିଜିଏମ ସୁଶ୍ରୀ ଆତସୀ ପ୍ରାମାଣିକ ୧୫ ଜଣ ବିଦ୍ୟାର୍ଥୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଉପକୃତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨୦୧୭-୧୮ ବ୍ୟାଚ୍‌ର ୧୦ ଜଣ ଓ ୨୦୧୮-୧୯ ବ୍ୟାଚ୍‌ର ୧୨ ଜଣ ଏବଂ ୨୦୧୯-୨୦ ବ୍ୟାଚ୍‌ର ୨୦ ଜଣ ଅଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଏମ୍.ଭି ଆପ୍ପା ରାଓ ସ୍ୱାଗତ ଭାଷଣ ଏବଂ ସିଏସ୍‌ଆର ବିଭାଗର ଡିଜିଏମ୍ ମୁନମୁନ ମିତ୍ରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉତ୍ସବରେ ସିଏସ୍‌ଆର ବିଭାଗର ସାଧାରଣ ପ୍ରବନ୍ଧକ ଇନଚାର୍ଜ ଏମ୍.ଭି ଆପ୍ପା ରାଓ, ବିଭାଗର ଅନ୍ୟ ଅଧିକାରୀ, କର୍ମଚାରୀ ତଥା ଉପକୃତ ବିଦ୍ୟାର୍ଥୀଙ୍କ ଅଭିଭାବକ ଉପସ୍ଥିତ ଥିଲେ।

**THE KOSALA SCHOOL, Estd. - 1979**
**ENGLISH MEDIUM RESIDENTIAL PUBLIC SCHOOL**
At: Nuakhairpali, P.O.- Larasara, Via: Attabira, Dist.- Bargarh, PIN - 768027
E-mail: thekosalaschool1979@gmail.com, Website: www.thekosalaschool.in
Mob.: 6371537828 / 6371532877 / 6370708544

**KOSALA ENTRANCE TEST 2021-2022**

- Admissions open for Classes UKG to Std.-IX for **BOARDERS ONLY**.
- Interested candidates are to appear entrance test in English, Mathematics and General Awareness on the 28th February or 7th March 2021.
- Entrance Test will be conducted by strictly adhering to Covid-19 safety guidelines.
- Candidates qualified in Entrance Test will get admission strictly on merit basis.
- Enquiry time over Phone - 10.00 A.M. to 2.00 P.M.
- Entrance Test Timings - 10.30 A.M. to 12.30 P.M.
- Selling of Admission forms will start from 10th Feburary 2021.

Sd./- (Director-cum-Principal)



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଫେବୃୟାରୀ ୧୬/୨୦୨୧ Sambalpur, Tuesday, February 16/ 2021




# କିଙ୍ଗ୍ସ ଇଲେଭେନ୍ ଏଣିକି ପଞ୍ଜାବ କିଙ୍ଗ୍ସ

**ନୂଆଦିଲ୍ଲୀ, ୧୫।୨ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟିମ୍ କିଙ୍ଗ୍ସ ଇଲେଭେନ ପଞ୍ଜାବ ଟିମ୍‌ର ନାମ ପରିବର୍ତ୍ତନ କରାଯାଇଛି। ଆଗାମୀ ସିଜନରେ ଏହା ପଞ୍ଜାବ କିଙ୍ଗ୍ସ ଭାବେ ପରିଚିତ ହେବ। ନାମ ପରିବର୍ତ୍ତନ କରିବା ଦଳର ବହୁଦିନର ଯୋଜନା ଥିଲା। ଏହା ଆକସ୍ମିକ ନିଷ୍ପତ୍ତି ନୁହେଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ। ମୋହତ ବର୍ମନ, ନେସ୍ ୱାଡିଆ, ପ୍ରୀତି ଜିଣ୍ଟା ଓ କରଣ ପଲ୍ ପ୍ରମୁଖ ମିଳିତ ଭାବେ ଏହି ଫ୍ରାଞ୍ଚାଇଜ୍‌ର ମାଲିକ ରହିଛନ୍ତି। ୨୦୦୮ରୁ ଆଇପିଏଲ୍ ଆରମ୍ଭ ହେବାପରଠାରୁ ଏହିଦଳ ଥରେ ହେଲେ ଟାଇଟଲ ଜିତିବାରେ ସଫଳ ହୋଇପାରି ନାହିଁ। ଟୁର୍ନାମେଣ୍ଟର ୧୩ବର୍ଷର ଇତିହାସରେ ସେମାନେ ଥରେ ରନର୍ସ-ଅପ୍ ଏବଂ ଆଉଥରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପରବର୍ତ୍ତୀ ଆଇପିଏଲ୍ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ହେବ। ଖେଳାଳି ନିଲାମ ଗୁରୁବାର ଅନୁଷ୍ଠିତ ହେବ।

# ମୁମ୍ବାଇକୁ ହରାଇଲା ବେଙ୍ଗାଲୁରୁ

**ବାମ୍ବୋଲିମ୍ ୧୫।୨:** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ସୋମବାର ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୪-୨ ଗୋଲରେ ମୁମ୍ବାଇ ସିଟିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କ୍ଲିଟନ ସିଲ୍‌ଭା ୧ମ ଓ ୨୨ତମ ଏବଂ ସୁନୀଲ ଛେତ୍ରୀ ୫୭ତମ ଏବଂ ୯୦+୪ତମ ମିନିଟ୍‌ରେ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ମୁମ୍ବାଇ ସିଟି ତରଫରୁ ଆଡାମ ଲି' ଫୋଣ୍ଡ୍ରେ ୫୦ତମ ଓ ୭୨ତମ ମିନିଟ୍‌ରେ ବ୍ୟକ୍ତିଗତ ଦୁଇଟି ଗୋଲ ଦେଇଥିଲେ।







# ନାଡାଲ-ସିଟିସ୍‌ପାସ୍, ରୁବ୍ଲେଭ-ମେଡ୍‌ଭେଡେଭ


ଷ୍ଟିଫାନୋସ୍ ସିଟିସ୍‌ପାସ


ଆନ୍ଦ୍ରେ ରୁବ୍ଲେଭ

**ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲ**

**ମେଲବୋର୍ନ, ୧୫।୨**

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଅଷ୍ଟମ ଦିବସରେ ପହଞ୍ଚିଥିବା ଏହି ଟୁର୍ନାମେଣ୍ଟରେ ସୋମବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ସ୍ପେନ ସୁପରଷ୍ଟାର ତଥା ଦ୍ୱିତୀୟ ସିଡ୍ ଖେଳାଳି ରାଫାଲ ନାଡ଼ାଲ, ଗ୍ରୀସ୍‌ର ପଞ୍ଚମ ସିଡ୍ ଖେଳାଳି ଷ୍ଟିଫାନୋସ୍ ସିଟିସ୍‌ପାସ, ରୁଷିଆର ଚତୁର୍ଥ ସିଡ୍ ଖେଳାଳି ଡାନିଲି ମେଡ୍‌ଭେଡେଭ ଓ ସପ୍ତମ ସିଡ୍ ରୁଷିଆର ଅନ୍ୟତମ ଖେଳାଳି ଆନ୍ଦ୍ରେ ରୁବ୍ଲେଭ କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି।

୨୦୦୯ ଚାମ୍ପିୟନ ନାଡ଼ାଲ ୬-୩, ୬-୪, ୬-୨ ସେଟ୍‌ରେ ୧୬ତମ ସିଡ୍ ଇଟାଲୀର ଫାବିଓ ଫୋଗନିନିଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବୁଧବାର କ୍ୱାର୍ଟରରେ ସେ ସିଟିସ୍‌ପାସ୍‌ଙ୍କୁ ଭେଟିବେ। ଏହି ବିଜୟ ସହ ନାଡ଼ାଲ ୪୩ତମ ଗ୍ରାଣ୍ଡସ୍ଲାମ ଓ ୧୩ତମ ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନାଡାଲ କ୍ୟାରିୟରରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ୩୪ ବର୍ଷୀୟ ନାଡାଲ ଏଥିସହ ଓପନ ଏରାରେ ପ୍ରଥମ ଖେଳାଳି ଭାବେ ୪ଟି ଯାକ ଗ୍ରାଣ୍ଡସ୍ଲାମ ୨ କିମ୍ବା ଊର୍ଦ୍ଧ୍ୱଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏଥର ସେ ସଫଳ ହେଲେ ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ରୋଜର ଫେଡ୍‌ରରଙ୍କୁ ପଛରେ ପକାଇ ସର୍ବାଧିକ ୨୧ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରେକର୍ଡ ସୃଷ୍ଟି କରିବେ। ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ନବମ ସିଡ୍ ଇଟାଲୀର ମାଟେଓ ବେରେଟିନି ତଳିପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଓହରିଯାଇଥିଲେ। ଫଳରେ ସିଟିସ୍‌ପାସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ।

ପୁରୁଷ ସିଙ୍ଗଲ୍ସର ଅନ୍ୟଏକ କ୍ୱାର୍ଟର ଫାଇନାଲରେ ରୁଷିଆର ଦୁଇ ଖେଳାଳି ରୁବ୍ଲେଭ ଓ ମେଡ୍‌ଭେଡେଭ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଚତୁର୍ଥ ରାଉଣ୍ଡ ମ୍ୟାଚ୍ ୬-୨, ୭-୬ ସ୍ତରରେ ରହିଥିବା ବେଳେ ୨୪ତମ ସିଡ୍ ଖେଳାଳି ନରୱେର କାସ୍‌ପେର ରୁଡ ରିଟାୟାର୍ଡ ହୋଇଥିଲେ। ଫଳରେ ରୁବ୍ଲେଭ କ୍ୱାର୍ଟରକୁ ଉଠିଥିଲେ। ସେହିପରି ଅନ୍ୟ ଏକ ମୁକାବିଲାରେ ମେଡ୍‌ଭେଡେଭ ୬-୪, ୬-୨, ୬-୩ ସେଟ୍‌ରେ ଆମେରିକାର ଅଣସିଡ୍ ଖେଳାଳି ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ କ୍ୱାର୍ଟର ଫାଇନାଲରେ ୩ ଜଣ ରୁଷୀୟ ଖେଳାଳି ରୁବ୍ଲେଭ, ମେଡ୍‌ଭେଡେଭ ଓ ଅସଲାନ କରାସେଭ କ୍ୱାର୍ଟରକୁ ଉଠି ଇତିହାସ ସୃଷ୍ଟି କରିଛନ୍ତି।

## ମହିଳା ସିଙ୍ଗଲ୍ସରେ ବାର୍ଟି, ମୁଚୋଭା, ବ୍ରାଡି, ପେଗୁଲା

ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସରେ ଟପ୍‌ସିଡ୍ ଖେଳାଳି ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ସେ ୨୫ତମ ସିଡ୍ ଖେଳାଳି ଚେକ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ଭେଟିବେ। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆମେରିକାର ଦୁଇ ଖେଳାଳି ୨୨ତମ ସିଡ୍ ଜେନିଫର ବ୍ରାଡି ଓ ଜେସିକା ପେଗୁଲା ମୁହାଁମୁହିଁ ହେବେ।

ବିଶ୍ୱର ଏକ ନମ୍ବର ମହିଳା ଖେଳାଳି ବାର୍ଟି ଚତୁର୍ଥ ରାଉଣ୍ଡ ମୁକାବିଲାରେ ଆମେରିକାର ସେଲ୍‌ବି ରୋଜର୍ସଙ୍କୁ ୬-୩, ୬-୪ ସେଟ୍‌ରେ ଅତି ସହଜରେ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ମୁଚୋଭା ୭-୬, ୭-୫ ସେଟ୍‌ରେ ୧୮ତମ ସିଡ୍ ବେଲ୍‌ଜିୟମର ଏଲିସ୍ ମେର୍ଟେନ୍ସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବିଜୟୀ ହେବା ପାଇଁ ମୁଚୋଭା ଏକ ଘଣ୍ଟା ୫୬ ମିନିଟ୍ ସମୟ ଆବଶ୍ୟକ କରିଥିଲେ। ଏଥିସହ ମୁଚୋଭା ଦ୍ୱିତୀୟଥର ପାଇଁ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଜେନିଫର ବ୍ରାଡି ୬-୧, ୭-୫ ସେଟ୍‌ରେ ୨୮ତମ ସିଡ୍ କ୍ରୋଏସିଆର ଡୋନା ଭେକିକ୍‌ଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅନ୍ୟପଟେ ଅଣସିଡ୍ ପେଗୁଲା ୬-୪, ୩-୬, ୬-୩ ସେଟ୍‌ରେ ପଞ୍ଚମ ସିଡ୍ ଖେଳାଳି ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ସର୍ବଭାରତୀୟ ଭଲିବଲ: ହରିୟାଣା ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ହରିୟାଣା ଦଳ।

**ରସୁଲପୁର, ୧୫।୨ (ଡି.ଏନ.ଏ.):** ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନସ୍ଥ ଇସ୍‌ଲାମ ନଗରଠାରେ ରୁହାନୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୭ମ ବାର୍ଷିକୀ ସର୍ବଭାରତୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ରାଉରକେଲା ରାଇଜିଂ ଷ୍ଟାରକୁ ୨-୧ ସେଟ୍‌ରେ ହରାଇ ହରିୟାଣା ସ୍ପିକର ଟିମ୍ ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଖେଳର ମଧ୍ୟାନ୍ତରରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇଥିଲେ।

ପୁରସ୍କାର ପ୍ରଦାନ ଉତ୍ସବରେ କ୍ଲବର ସଭାପତି ସେକ୍ କମରୁଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବରୀର ବିଜେଡି ନେତା ଦେବେନ୍ଦ୍ର ଦାସ, ଯାଜପୁର ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ସ୍ଥାନୀୟ ସରପଞ୍ଚ ବିଜୟ ଦାସ, ଅମିୟ ପରିଡା, ରବି ନାରାୟଣ ଜେନା, ଜୁଲଫିକର ଅଲ୍ଲୀ, ଅବଦୁଲ ହମିଦ୍ ଖାଁ, ସେକ୍ ଜାହେରୁଲ, ଅବଦୁଲ ଦୟାନ ଖାଁ, ସେକ୍ ମକବୁଲ୍, ଅବଦୁଲ ସାଜିଦ ଖାଁ, ରସିଦ୍ ଖାଁ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ଦେଓ, ଆଲାଉଦ୍ଦିନ ଖାଁ, ହେମନ୍ତ ସାହୁ, ସେକ୍ ଆବୁସାଏମା, ରସିଦ ଖାଁ, ସହିଦ ଖାନ୍, ଅମଜାନ ଖାନ, ସେକ୍ ମକବୁଲ, ମୌଲାନା ଇବ୍ରାହିମ୍, ରାକେଶ ଦେଓ, ଶରତ ପାଣ୍ଡେ, ସେକ୍ ୟାକୁବ, ସେକ୍ ନଜବୁଲ, ନମାଜି ଭାଇ, ଅମୂଲ୍ୟ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ହରିୟାଣା ଦଳର ଅଙ୍କିତ ଚୌଧୁରୀଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିବା ବେଳେ ଅଶ୍ୱିନ ଚୌଧୁରୀଙ୍କୁ ବେଷ୍ଟ ଆଟାକ୍ ପ୍ଲେୟାର, ଇସଲାମିଆ ଓଡ଼ିଶା ଦଳର ଖେଳାଳି ପପୁ ବେଷ୍ଟ ଲିବ୍ରୋ ଭାବେ ପୁରସ୍କୃତ ହୋଇଥିଲେ। ଜାତୀୟସ୍ତରର ରେଫରି ନିରଞ୍ଜନ ନାୟକ, କଳାକାର ମହାପାତ୍ର ଖେଳ ପରିଚାଳନା କରିଥିଲେ।

# ନାଗେଶ ଟ୍ରଫି ଫାଇନାଲରେ ଓଡ଼ିଶା

**ଜାତୀୟ ଦୃଷ୍ଟିହୀନ କ୍ରିକେଟ**

**ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁଠାରେ ଚାଲିଥିବା ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟି୨୦ ଟୁର୍ନାମେଣ୍ଟର ଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ସୋମବାର ସେମିଫାଇନାଲରେ ଓଡ଼ିଶା ୪୨ ରନରେ କର୍ଣ୍ଣାଟକକୁ ପରାସ୍ତ କରିଛି। ମଙ୍ଗଳବାର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୩ ଉଇକେଟ ହରାଇ ୨୨୪ ରନ କରିଥିଲା। ଦଳ ପକ୍ଷରୁ ପଙ୍କଜ ଭୁଏ ସର୍ବାଧିକ ୮୮, ସୁଖରାମ ମାଝି ୮୭* ରନ କରିଥିଲେ। ବିପକ୍ଷ ଦଳର ଲୋକେଶ, ଉମେଶ ଓ ଅଧିନାୟକ ସୁନୀଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ଜବାବରେ କର୍ଣ୍ଣାଟକ ୨୦ ଓଭରରେ ୩ ଉଇକେଟ ହରାଇ ୧୮୨ ରନ କରିବାକୁ ସକ୍ଷମ ହୋଇଥିଲା। ପ୍ରକାଶ ୧୦୫ରନ କରିଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ। ଓଡ଼ିଶା ପକ୍ଷରୁ ପଙ୍କଜ ଭୁଏ ଓ ତପନ ଗୌଡ଼ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ପଙ୍କଜ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଆଜି କ'ଣ କେଉଁଠି

ରାଉରକେଲା

- ବାସନ୍ତୀ ପାଠାଗାରର ୩୫ତମ ବାର୍ଷିକୋତ୍ସବ, ବାସନ୍ତୀ ପାଠାଗାର, ଅପରାହ୍ଣ ୭ଟା।
- ଅହିରାବନ୍ଧ ଜଗନ୍ନାଥ ମନ୍ଦିରର ବାର୍ଷିକୋତ୍ସବ, ସେକ୍ଟର-୩ ଜଗନ୍ନାଥ ମନ୍ଦିର, ପୂର୍ବାହ୍ଣ ୧୦ଟା।

## ସଂକ୍ଷେପରେ

### ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଜାମଟିକ୍ରା, ୧୫।୨ (ଡି.ଏନ.ଏ) ପୁଲଓ୍ୱାମା ଆକ୍ରମଣର ୨ବର୍ଷ ପୂର୍ତ୍ତି ଅବସରରେ ଅତାବିରା ତହସିଲ ଛକଠାରେ ଥିବା ବୀରସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ତଳେ ଅତାବିରା ବଜରଙ୍ଗ ଦଳ ପକ୍ଷରୁ ବୀର ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅଶ୍ୱିନୀ ମେହେର, ପରମେଶ୍ୱର ପଟେଲ, ପ୍ରଦୀପ ସିଂ, ସମ୍ପଦ କର ପ୍ରମୁଖ ବଜରଙ୍ଗ ଦଳର ସଦସ୍ୟମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

### ୧୭ ବାଇକ୍ ଜବତ, ୪ ଗିରଫ

ପଦ୍ମପୁର, ୧୫।୨ (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବାଇକ ଚୋରି ର୍ୟାକେଟ ସକ୍ରିୟ ଅଛନ୍ତି। ଗାଇସିଲେଟ ଥାନା ଜନକେଡା ନିବାସୀ ବୀରେନ୍ଦ୍ର ସାହୁ ବାଇକ ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ଏସ୍‌ପି ପଦ୍ମିନୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ କରିଥିଲା। ଚଢାଉରେ ପୋଲିସ ୧୭ଟି ବାଇକ୍ ଜବତ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ ସାହୁ ସୂଚନା ଦେଇଛନ୍ତି।

### ଅଭିଭାବକ-ଶିକ୍ଷକ ସମ୍ମିଳନୀ

ବରଗଡ଼ ଅଫିସ୍,୧୫।୨: ବରଗଡ଼ ଜର୍ଜ ହାଇସ୍କୁଲ ସଭାଗୃହରେ ଅଭିଭାବକ, ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଅମୃତା ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ ସାହୁ ଦଶମ ଶ୍ରେଣୀ ଛାତ୍ରଙ୍କ ପାଇଁ ଶହେ ଦିନିଆ ପାଠ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ଡଃ ଡୋଲାମଣି ଶତପଥି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ବିରେନ୍ଦ୍ର ଦାଶ, ଫକୀର ସାହୁ, ସଚ୍ଚିଦାନନ୍ଦ ପ୍ରଧାନ, ସଦାନନ୍ଦ ଜାଲ ପ୍ରମୁଖ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଫକୀର ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗଣ୍ଡୋଓ୍ୱାନା ଗୋଣ୍ଡ ମହାସଭା ଅଧିବେଶନ

ଲୋଇସିଂହା,୧୫।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନଠାରେ ଗଣ୍ଡୋଓ୍ୱାନା ଗୋଣ୍ଡ ମହାସଭାର ଲୋଇସିଂହା ସର୍କଲର ବାର୍ଷିକ ଅଧିବେଶନ ଅନୁଷ୍ଠିତହୋଇଯାଇଛି। ସଭାରେ ସର୍କଲ ସଭାପତି ମଙ୍ଗଳୁ ଧରୁଆ ଅଧକ୍ଷତା କରିଥିଲେ । ପ୍ରଦେଶ କମିଟିର ସଭାପତି ମହେନ୍ଦ୍ର ନାୟକ, ରାଜ୍ୟ ଉପସଭାପତି ବିନୋଦ ବିହାରୀ ମଲ୍ଲିକ , ମହାସଚିବ ରାମଚନ୍ଦ୍ର ଧରୁଆ, ଆଦିକନ୍ଦ ଭୋଇ, ଝାରସୁଗଡା ସଚିବ ଶ୍ୟାମଲାଲ ନାୟକ ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ମହିଳା ସଂଗଠନ ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବେ ପୁରାଣବତୀ ପୁଟା ଓ ସମ୍ପାଦିକା ଭାବେ ରୂପେସୁରୁଚି ଧରୁଆ ମନୋନୀତ ହୋଇଥିଲେ । ଏହି ଉପଲକ୍ଷେ ଖଲିଆପାଲି ରାଣୀ ଦୁର୍ଗାବତୀ ନୃତ୍ୟ ଦଳ ଓ ସାଲେଡୁଙ୍ଗରୀ ଜଂଘାମାତା ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ବଢୁଛି ବାଲ୍ୟ ବିବାହ

ବୌଦ୍ଧ,୧୫।୨(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ବାଲ୍ୟ ବିବାହ ଦିନକୁ ଦିନ ବଢି ଚାଲିଛି । ଏହାକୁ ରୋକିବା ପାଇଁ ବିଭିନ୍ନ ସମୟରେ କର୍ମଶାଳା କରାଯିବା ସହ ଲୋକଙ୍କୁ ସଚେତନ କରାଯାଉଥିଲେ ହେଁ ସୁଫଳ ମିଳି ପାରୁନାହିଁ । ଦୁଇ ଦିନ ଭିତରେ ଦୁଇଟି ବାଲ୍ୟ ବିବାହ ରୋକାଯିବା ଏହାକୁ ସ୍ପଷ୍ଟ କରିଛି । ରବିବାର ବୌଦ୍ଧ ସହରଠାରୁ ୫ କିଲୋମିଟର ଦୂର ବଢିଗାଁ ପଞ୍ଚାୟତର ଏକ ଗ୍ରାମରେ ଜଣେ ନାବାଳିକାଙ୍କ ବାହାଘର ରୋକାଯାଇଛି । ପୋଲିସ ସହାୟତାରେ ବାଲ୍ୟ ବିବାହ ରୋକିବା ପାଇଁ ଚାଇଲ୍ଡ ଲାଇନର ଦୁଇ ମହିଳା କର୍ମଚାରୀ ସେହି ଗ୍ରାମରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଇଥିଲେ । ସେହିପରି ସୋମବାର ଏହି ପଞ୍ଚାୟତର ଅନ୍ୟ ଏକ ଗ୍ରାମରେ ଜଣେ ୧୪ବର୍ଷର ନାବାଳିକାଙ୍କୁ ସେହି ଗ୍ରାମର ଜଣେ ନାବାଳକ ସହ ବିବାହ କରାଇବାକୁ ପରିବାର ପକ୍ଷରୁ ଉଦ୍ୟମ ହେଉଥିଲା । ଏହି ସୂଚନା ପାଇବା ପରେ ବିଭାଗୀୟ କର୍ମଚାରୀ ସେଠାରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଇ ବିବାହକୁ ବନ୍ଦ କରିଥିବା ଜଣାଯାଇଛି।

# ପୋଷ୍ୟ ସ୍କୁଲ: ଆନ୍ତରିକତା ଅଭାବ

ସୋନପୁର,୧୫।୨(ନି.ପ୍ର.)

ସରକାରୀ ସ୍କୁଲଗୁଡିକରେ ଶିକ୍ଷାର ମାନ ବୃଦ୍ଧି ସହ ଭିତ୍ତିଭୂମି ବିକାଶ ପାଇଁ ସେଗୁଡିକୁ ପୌଷ୍ୟ ଭାବେ ଗ୍ରହଣ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଚାରପତି, ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ସରକାରୀ ସ୍କୁଲଗୁଡିକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହାଦ୍ୱାରା ଶିକ୍ଷା କ୍ଷେତ୍ରରେ ପଛରେ ଥିବା ଏହି ଜିଲାର କେତେକ ସରକାରୀ ସ୍କୁଲ ର ଭାଗ୍ୟ ବଦଳିବ ବୋଲି ଆଶା କରାଯାଉଥିଲା । ହେଲେ ଏଥିପ୍ରତି ସୁବର୍ଣ୍ଣପୁର ଜିଲାର ବିଧାୟକ, ଏମ୍‌ପି, ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖିବାକୁ ମିଳିନାହିଁ। କେବଳ ୭ ଶିକ୍ଷା ଅଧିକାରୀଙ୍କୁ ବାଦ ଦେଲେ ଅନ୍ୟ କେହି କୌଣସି ସ୍କୁଲକୁ ଏଯାଏ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିନାହାନ୍ତି ।

ଜାନୁୟାରୀ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ସମସ୍ତ ବିଧାୟକଙ୍କୁ ଚିଠି ଲେଖିଥିଲେ । ଶିକ୍ଷା ଭିତ୍ତିଭୂମିରେ ଉନ୍ନତି ଆଣି ସରକାରୀ ସ୍କୁଲଗୁଡିକରେ ଆଦର୍ଶ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ମୋ ସ୍କୁଲ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଣୁ ନିଜେ ପାଠ ପଢି ଥିବା ବିଦ୍ୟାଳୟ କିମ୍ବା ପସନ୍ଦର ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ସେ ବିଧାୟକମାନଙ୍କୁ ଆହ୍ୱାନ ଦେଇଥିଲେ । ଜଣେ ଚାହିଁଲେ ସର୍ବାଧିକ ୩ଟି ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିପାରିବେ ବୋଲି ପତ୍ରରେ ଉଲ୍ଲେଖ କରିଥିଲେ । ଏଥିସହିତ ମୋ ସ୍କୁଲ କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟର ଶୈକ୍ଷିକ ପରିବେଶରେ ଆରମ୍ଭ ହୋଇଥିବା ପରିବର୍ତ୍ତନରେ ସାମିଲ ହେବା ପାଇଁ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ଆହ୍ୱାନ ପରେ ଆଗ୍ରହ ପ୍ରକାଶ କରିଥିଲେ ଶିକ୍ଷା ଅଧିକାରୀ ମାନେ। ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ସୋନପୁର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଘନଶ୍ୟାମ ମେହେର, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ତରଭା ବିଇଓ କେଶବ ମେହେର, ଡୁଙ୍ଗୁରିପାଲି ବିଇଓ ରାଧାକାନ୍ତ ଗଡତିଆ, ଉଲ୍ଲୁଣ୍ଡା ବିଇଓ ରାଜେନ୍ଦ୍ର ମିଶ୍ର ଓ ବିନିକା ବିଇଓ ଶଶିଭୂଷଣ ସେଠୀ ଏ ସମ୍ପର୍କରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ତଥା ମୋ ସ୍କୁଲ ଅଭିଯାନର ଉପାଧ୍ୟକ୍ଷ ସତ୍ୟବ୍ରତ ସାହୁଙ୍କୁ ଚିଠି ଲେଖିଥିଲେ । ଡିଇଓ ମିଞ୍ଜ୍ ସୋନପୁର ସରକାରୀ ବାଳିକା ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଆଗ୍ରହ ଥିବା ଦର୍ଶାଇଥିଲେ । ସେହିଭଳି ସୋନପୁର ବିଇଓ ମେହେର ମହାରାଜା ହାଇସ୍କୁଲ, ବୀରମହାରାଜପୁର ବିଇଓ କୁମ୍ଭକାର ଟାଙ୍ଗରସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ, ତରଭା ବିଇଓ ମେହେର ତରଭା ବାଳକ ଉଚ୍ଚ ବିଦ୍ୟାଳୟ, ଡୁଙ୍ଗୁରିପାଲି ବିଇଓ ଗଡତିଆ ଡୁଙ୍ଗୁରିପାଲି ୟୁପି ସ୍କୁଲ, ଉଲ୍ଲୁଣ୍ଡା ବିଇଓ ଉଲ୍ଲୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲ ଓ ବିନିକା ବିଇଓ ସେଠୀ ସେଲେଡି ହାଇସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି । ତେବେ ଏ କ୍ଷେତ୍ରରେ ଶିକ୍ଷା ଅଧିକାରୀମାନେ ଯେଭଳି ଆଗ୍ରହ ଦେଖାଇଛନ୍ତି, ଅନ୍ୟମାନେ ସେତେଟା ଆଗ୍ରହ ପ୍ରକାଶ କରିନାହାନ୍ତି । ଜିଲାର ଦୁଇ ବିଧାୟକ, ବିଚାରପତି, ଆଇଏଏସ କିମ୍ବା ଓଏଏସ ଅଫିସରମାନେ କୌଣସି ସ୍କୁଲକୁ ଏଯାଏ ପୌଷ୍ୟ ଭାବେ ଗ୍ରହଣ କରିନାହାନ୍ତି ।

# ଆବେଦନ କରିପାରିଲେନି ୩ ଛାତ୍ରୀ


ଛାତ୍ରବୃତ୍ତି ଯୋଜନା ଆବେଦନରୁ ବଞ୍ଚିତ ୩ଛାତ୍ରୀ ।

## ଛାତ୍ରବୃତ୍ତି ଯୋଜନାରେ ଆଧାର ଅଡୁଆ

ବରଗଡ଼ ଅଫିସ୍,୧୫।୨

ବରଗଡ଼ ଜିଲା ବିଜେପୁର ବ୍ଲକ ମୁଣ୍ଡୋମହୁଲ ଗ୍ରାମର ୩ଜଣ ଛାତ୍ରୀ ଲିଲି ତରିଆ, ପୂଜା ଷାଣ୍ଢ ଏବଂ ପ୍ରୀତି ଭୁଏ ରାଜ୍ୟ ଛାତ୍ରବୃତ୍ତି ଯୋଜନାରେ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ଏଥିରେ ଆଧାର ପ୍ରତିବନ୍ଧକ ସାଜିଥିବା ସେମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ଆଧାର କାର୍ଡ଼ରେ ସେମାନଙ୍କ ମୋବାଇଲ ନମ୍ବର ରେଜିଷ୍ଟ୍ରେଶନ ତଥା ଅପଡେଟ୍ କରିବା ସମୟରେ ମୋବାଇଲ ନମ୍ବର ଯୋଡ଼ି ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ସେମାନେ କହିଛନ୍ତି। ଏ ନେଇ ବିହିତ ପଦକ୍ଷେପ ନେବା ପାଇଁ ଉକ୍ତ ଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

ପ୍ରକାଶ ଯେ, ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଛାତ୍ରବୃତ୍ତି ଯୋଜନା କରିଛନ୍ତି। ଏହି କ୍ରମରେ ବିଜେପୁର ବ୍ଲକ ତାଲପଦର କଲେଜ ଉପରୋକ୍ତ ୩ଛାତ୍ରୀ ଛାତ୍ରବୃତ୍ତି ଯୋଜନାର ଲାଭ ନେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ସେମାନେ ଅନଲାଇନ୍ ଆବେଦନ କରିବା ପାଇଁ ବାରମ୍ବାର ଚେଷ୍ଟା କରୁଛନ୍ତି। କିନ୍ତୁ ସେମାନଙ୍କ ମୋବାଇଲ ନମ୍ବର ଆଧାର କାର୍ଡ଼ରେ ରେଜିଷ୍ଟ୍ରେଶନ ହୋଇ ପାରୁ ନ ଥିବାରୁ ସେମାନେ ଆବେଦନ କରିପାରି ନାହାନ୍ତି। ଏପରିକି ସ୍ଥାନୀୟ ଆଧାର କେନ୍ଦ୍ରକୁ ଧାଁ ଧପଡ଼ କଲେ ମଧ୍ୟ ମୋବାଇଲ ନମ୍ବର ଯୋଡ଼ି ହୋଇ ପାରୁ ନାହିଁ। ଫଳରେ ଛାତ୍ରୀମାନେ ନିରାଶ ହୋଇ ପଡ଼ିଛନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇଛନ୍ତି ।

# ଆହତଙ୍କୁ ଡାକ୍ତରଖାନା ପହଞ୍ଚାଇଲେ ଦିବସ

ବରଗଡ଼ ଅଫିସ୍,୧୫।୨

ବରଗଡ଼ ଜିଲା ପଦ୍ମପୁର-ସୋହେଲା ବିଜୁ ଏକ୍ସପ୍ରେସ ରାସ୍ତାର କନସିଂହା ଛକର ଅନତି ଦୂରରେ ସୋମବାର ଘଟିଥିବା ଏକ ଦୁର୍ଘଟଣାରେ ୨ଜଣ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି ଶିକ୍ଷକ ଦିବସ କୁମାର ସାହୁ। ଭଉଣୀ ବାହାଘର ପାଇଁ ଦୁଇଜଣ ସନ୍ତୋଷ ଭୁଏ ଓ ସନ୍ତୋଷ ବିଶ୍ୱାଳ ଝାଙ୍କରପାଲି ଗ୍ରାମରୁ ଦିପ୍ତୀପୁରକୁ ଏକ ବାଇକ୍ ଯୋଗେ ଯାଉଥିଲେ । ସେମାନଙ୍କୁ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଉଭୟେ ଆହତ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ସେହି ରାସ୍ତାରେ ଆସୁଥିବାବେଳେ ଦିବସ ଏହା ଦେଖି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର ଯୋଗାଯୋଗ ହୋଇ ପାରି ନ ଥିଲା । ଫଳରେ ସେ ନିଜ ବାଇକ୍‌ରେ ଆହତଙ୍କୁ ପ୍ରାୟ ୧୦କି.ମି ଦୂର ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇ ଚିକିତ୍ସା ବ୍ୟବସ୍ଥା କରିଥିଲେ । ବିଜେପୁର ବ୍ଲକ ଯୋଖିପାଲି ଗ୍ରାମର ଦିବସଙ୍କ ଏଭଳି ମାନବିକତାକୁ ବିଭିନ୍ନ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।


ଆହତଙ୍କୁ ଉଦ୍ଧାର କରି ଶିକ୍ଷକ ଦିବସ ସାହୁ ଡାକ୍ତରଖାନା ନେଉଛନ୍ତି।

# ବେକାରି ସମସ୍ୟା ବିରୋଧରେ ପ୍ରତିବାଦ

ରାଉରକେଲା ଅଫିସ,୧୫।୨

ଅଖିଳ ଭାରତୀୟ ଛାତ୍ର କଂଗ୍ରେସର ସହ ପ୍ରଭାରୀ ତଥା ସଂଯୋଜକ ବିବେକ ସିଂ ପଟେଲଙ୍କ ରାଉରକେଲା ଗସ୍ତ ଅବସରରେ ରାଉରକେଲା ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ସୁମିତ କଂସାରି, ସୌମ୍ୟ ନାୟକ, ରାଜ୍ୟ ସମ୍ପାଦକ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଆମ୍ବାଗାନ ଛକରେ ଏକ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଛି। ଗତ ୪ ବର୍ଷ ପୂର୍ବରୁ କେନ୍ଦ୍ରର ମୋଦି ସରକାର କ୍ଷମତାକୁ ଆସିବା ପରେ ବେକାରୀ ସମସ୍ୟା ହଟାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯାହା ମିଥ୍ୟା ପ୍ରଚାର ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଥିଲା। ପ୍ରତିବାଦ ସଭାରେ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଦେଶରେ ବହୁ ଇଞ୍ଜିନିୟର, ଏମ୍‌ବିଏ, ଡିପ୍ଲୋମାଧାରୀ ଏମ୍‌ସିଏ, କୃଷି ବିଶେଷଜ୍ଞ ତଥା ଅନ୍ୟାନ୍ୟ ବିଷୟରେ ପାଠ ପଢୁଥିବା ଯୁବତୀ ଯୁବକ ବେକାରୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତେଣୁ ମୋଦି ସରକାର ଶିକ୍ଷିତ ମାନଙ୍କୁ ଚାକିରି ଦିଅ, ନଚେତ ଡିଗ୍ରୀ ସାର୍ଟିଫିକେଟ୍ ଫେରାଇ ନିଅ ବୋଲି ପଟେଲ ଆହ୍ୱାନ ଦେଇଥିଲେ । ପୂର୍ବତନ କଂଗ୍ରେସ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଜିଲା କଂଗ୍ରେସ ସଭାପତି ରବି ରାୟ, ଅଜିତ ସାମଲ, ସୋମନାଥ ପଣ୍ଡା, ଇଜାଜ ଅଖତର,ଏମ୍‌ଡ଼ି ଫିରଦୋଷ, ଅନୀତା ମହାନନ୍ଦ, ଡେଭିଡ, ସୀମା ସାହୁ, ସଙ୍ଗୀତା ସାହୁ, ନିତୁ ସୁନା, ସୌଜନ ଦାଶଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପାହାଡ଼ଶ୍ରୀଗିଡ଼ାରେ ବୀରତା ଦିବସ


ପାହାଡ଼ଶ୍ରୀଗିଡ଼ାରେ ଅନୁଷ୍ଠିତ ବୀରତା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ ।

ସରଣ୍ଡା,୧୫।୨(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପାହାଡ଼ଶ୍ରୀଗିଡ଼ା ଜନାର୍ଦ୍ଦନ ସିଂ ସ୍ମୃତି ସଂସଦ ପକ୍ଷରୁ ରବିବାର ବୀରତା ଦିବସ ପାଳିତ ହୋଇଛି । ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ରୀତା ସାହୁ, କ୍ରିୟା ଯୋଗାଚାର୍ଯ୍ୟ ସୁଦାମ ଭୋଇ ସମ୍ମାନିତ ଅତିଥି, କବୟିତ୍ରୀ ପ୍ରତିମା ବାରିକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଆସନ୍ତା ୩ମାସ ମଧ୍ୟରେ ଜନାର୍ଦ୍ଦନ ସିଂଙ୍କ ପ୍ରତିମୂର୍ତ୍ତି ନିର୍ମାଣ ତଥା ଭାରତ ଇତିହାସରେ ଜନାର୍ଦ୍ଦନ ସିଂଙ୍କ ବୀରତ୍ୱକୁ ସ୍ଥାନ ଦେବା ପାଇଁ ଉଦ୍ୟମ କରାଯିବ ବୋଲି ମୁଖ୍ୟଅତିଥି ଛୁରିଆ କହିଥିଲେ। ବିନାୟକ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଜରଙ୍ଗ ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ବିନିକା,୧୫.୨(ଡି.ଏନ୍.ଏ)

ଦିଲ୍ଲୀ ବଜରଙ୍ଗ ଦଳର ଯୁବ କାର୍ଯ୍ୟକର୍ତ୍ତା ରିଙ୍କୁ ଶର୍ମାଙ୍କ ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡାଦେଶ ଦାବି ନେଇ ସୋମବାର ବିନିକା ବଜରଙ୍ଗ ଦଳ ସ୍ଥାନୀୟ ଥାନାଧିକାରୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ବିନିକା ବଜରଙ୍ଗ ଦଳର ଅକ୍ଷୟ ସାହୁ, ଆର୍ତ୍ତତ୍ରାଣ ପୂଜାରୀ, ପିଣ୍ଟୁ ସା ପ୍ରମୁଖ ଉପସ୍ଥିତ ଥିଲେ ।

# ପିକ୍‌ଅପ୍ ଭ୍ୟାନ ଓଲଟି ୨ମୃତ, ୨୭ ଆହତ

ତରବୋଡ଼/ନୂଆପଡ଼ା ଅଫିସ୍, ୧୫।୨(ଡି.ଏନ୍.ଏ.)

ନୂଆପଡ଼ା ଜିଲା କୋମନା ଥାନା ବିଲେଇଞ୍ଚର ଗାଁରୁ ତରବୋଡ଼ ଗାଁକୁ ଆସୁଥିବା ଏକ ଗାଡ଼ି ସୋମବାର ଦୁର୍ଘଟଣା ହୋଇ ୨ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨୭ଜଣ ଗୁରୁତର ହୋଇଛନ୍ତି। କୋମନା ଥାନା ତରବୋଡ ଗାଁର ଦିବାକାର ବାଗଙ୍କ ପୁତ୍ର ଧବଳେଶ୍ୱର ବାଗଙ୍କ ସହିତ କୋମନା ଥାନା ବିଲେଇଞ୍ଚର ଗାଁର ଭୁବନେ ହଂସଙ୍କ ଦ୍ୱିତୀୟ ଝିଅ କ୍ଷୀରର ବିବାହ ହୋଇଥିଲା। ସୋମବାର ମଧ୍ୟାହ୍ନରେ ଓଡି ୦୪ ଏଚ ୯୬୫୨ ନମ୍ବର ଏକ ପିକ୍‌ଅପ୍ ଭ୍ୟାନ ଯୋଗେ କନ୍ୟାର ଯୌତୁକ ଜିନିଷ ଧରି ଭୋଜି ଖାଇବା ପାଇଁ ୩୦ରୁ ଅଧିକ ଲୋକ ଆସୁଥିଲେ। ଗାଡିଟି ୩୫୩ ନମ୍ବର ଜାତୀୟ ରାଜପଥ ଉପରେ କ୍ରୀଷ୍ଟାଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଡ଼ାକ୍ତରଖାନାରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକ ଦୁଇ ଜଣ ହେଲେ ବିଲେଇଞ୍ଚର ଗାଁର ହେମ ନିଆଳ (୬୦) ଓ କୌଶଲ୍ୟା ନିଆଳ(୪୫)। ୨୭ ଆହତଙ୍କୁ ପ୍ରଥମେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ଓଲଟି ପଡିଥିବା ପିକ୍‌ଅପ୍ ଭ୍ୟାନ୍ ।

# ଚିକିତ୍ସାଧୀନ ଥିବା ରୋଗୀଙ୍କ ମୃତଦେହ ରେଳଧାରଣାରୁ ଉଦ୍ଧାର

ଡୁଙ୍ଗୁରିପାଲି,୧୫।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ମୃତଦେହ ସୋମବାର ରେଳ ଧାରଣାରୁ ଉଦ୍ଧାର ହୋଇଛି । ସେ ଟ୍ରେନରେ କଟିଛନ୍ତି କି ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ତାହା ସଠିକ ଭାବେ ଜଣାପଡିନାହିଁ । ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଅବହେଳାରୁ ଏପରି ଅଘଟଣ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ଡୁଙ୍ଗୁରିପାଲି ବ୍ଲକ ତମାମୁରା ପଞ୍ଚାୟତ ଗଧାପାଲି ଗ୍ରାମର ସୁଶିଲ ବରିହା (୩୦) ବିଷ ପାନ କରିଥିବାରୁ ତାଙ୍କୁ ପରିବାର ଲୋକେ ଡୁଙ୍ଗୁରିପାଲି ଡାକ୍ତରଖାନା ରେ ଗତ ୧୩ ତାରିଖରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ବେଡ ନଂ ୬ରେ ରହି ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟରେ ଧିରେ ଧିରେ ଉନ୍ନତି ଆସିଥିଲା । ରବିବାର ରାତି ୯ଟା ସମୟରେ ସେ ବେଡରୁ ଉଠି ବାହାରକୁ ଚାଲିଯିବା ଦେଖି ପରିବାର ଲୋକଙ୍କୁ ଜଣାଯାଇଥିଲା । ପରେ ତାଙ୍କୁ ଖୋଜି ଅଣାଯାଇ ରଖାଯାଇଥିଲା । ତେବେ ସୋମବାର ସକାଳ ୭ ଟା ସମୟରେ ଡିଉଟିରେ ଥିବା ଡାକ୍ତର ରୋଗୀଙ୍କୁ ଦେଖିବା ପାଇଁ ରାଉଣ୍ଡ ମାରୁଥିବା ବେଳେ ୬ନମ୍ବର ଶଯ୍ୟାରେ ରୋଗୀ ନ ଥିବା ଦେଖିବାକୁ ମିଳିଥିଲା । ପରେ ଏ ନେଇ ପୋଲିସକୁ ଜଣାଯାଇଥିଲା । ସକାଳେ ରାମପୁରରୋଡ ରେଳ ଫାଟକ ନିକଟରେ ଜଣେ ଯୁବକ ଟ୍ରେନରେ କଟିଯାଇ ମୃତ୍ୟୁ ବରଣ କରିଥିବା ଲୋକେ ଦେଖିଥିଲେ । ଖବର ପାଇ ସୁଶିଲଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ତାଙ୍କ ପୁଅକୁ ଚିହ୍ନଟ କରିଥିଲେ । ବଲାଙ୍ଗୀର ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାର୍ଥ ପ୍ରତିମ ପଣ୍ଡାଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା ।

# ଟ୍ରାଫିକ ସମସ୍ୟା ନେଇ ଆଲୋଚନା

କେସିଙ୍ଗା, ୧୫।୨ (ଡି.ଏନ.ଏ)

କଳାହାଣ୍ଡି ଜିଲା କେସିଙ୍ଗା ସହରରେ ଟ୍ରାଫିକ ସମସ୍ୟା ଉପରେ ଏକ ଆଲୋଚନାଚକ୍ର ସୋମବାର ସନ୍ଧ୍ୟାରେ ଏନଏସିର ସଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ଏହି ସହର ଦେଇ ଜାତୀୟ ରାଜପଥ ୨୬ ଭବାନୀପାଟଣା ଅଭିମୁଖେ ଯାଇଛି। କେସିଙ୍ଗା ହସ୍ପିଟାଲ ଛକଠାରୁ ସବୁବେଳେ ଭିଡ ଜମୁଛି। ଫଳ ଦୋକାନକୁ ହାଇସ୍କୁଲ ନିକଟରେ ବିକ୍ରି ପାଇଁ ସ୍ଥାନ ନିରୂପଣ କରାଯାଇଛି। ସେହିପରି ପନିପରିବା ଦୋକାନକୁ ଡେଲି ମାର୍କେଟ ଭିତର ପାର୍ଶ୍ୱରେ ସ୍ଥାନାନ୍ତରିତ କରାଯାଇଛି। ଏକ ସର୍ଭେରୁ ଜଣାପଡିଛି ଯେ, କେସିଙ୍ଗା ସହରରେ ଥିବା ୧୮ଟି ଫଳ ଦୋକାନୀ, ୧୯ଟି ପନିପରିବା ଭେଣ୍ଡାର ଓ ୧୫ଟି ଅସ୍ଥାୟୀ ଭେଣ୍ଡାର ସ୍ଥାନର ଅଭାବ ଯୋଗୁ ରାସ୍ତା ପାର୍ଶ୍ୱରେ ବିକ୍ରି କରୁଥିବାରୁ ଭିଡ ଜମୁଛି। ପାର୍କିଂ ପାଇଁ ଜାଗା ନ ଥିବାରୁ କେସିଙ୍ଗା ସହରର ମୁଖ୍ୟ ସ୍ଥାନରେ ଭିଡ ଜମୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହି ସହରର ମୁଖ୍ୟ ରାସ୍ତା ଦେଇ ସିମେଣ୍ଟ, ସାର, ଚାଉଳ ବୋଝେଇ ଟ୍ରକ ଆଦି ଗାଡି ଘଣ୍ଟା ଘଣ୍ଟା ଧରି ରହୁଥିବାରୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଭିଡ ରହୁଛି । କେସିଙ୍ଗା ସହରର ନିର୍ବାହୀ ଅଧିକାରୀ ଏବଂ ଏସଡିପିଓ ଏସ ସୁଶ୍ରୀ ଟ୍ରାଫିକ ସମସ୍ୟାକୁ ନେଇ କହିଥିଲେ। ସ୍କୁଲ ଓ ସରକାରୀ ଅଫିସ ପାଖରେ ବିନା ଅନୁମତିରେ ମାଛ ବିକ୍ରୟ କରାଯାଉଥିବା ସମସ୍ୟାକୁ ଆଲୋଚନା କରିଥିଲେ। ଜାତୀୟ ରାଜପଥରେ ଗାଇପଲ ବିଚରଣ କରୁଥିବା ସମସ୍ୟାକୁ ମଧ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀ, ଏନଏସିର କନିଷ୍ଠ ଯନ୍ତ୍ରୀ ମାରାଣ୍ଡି ବାବୁ, ମହିଳା ଅତିରିକ୍ତ ଆଇଆଇସି ଗୀତାଞ୍ଜଳି ପ୍ରଧାନଙ୍କ ସମେତ ଏନଏଚ ଏସଡିଓ ଏନଏସିର କର୍ମଚାରୀ କେସିଙ୍ଗା ବ୍ୟବସାୟୀକ ସଂଘର ସଭାପତି ଯୋଗଦେଇ ମତପ୍ରକାଶ କରିଥିଲେ।

# ଏନ୍‌କେଏଫ୍‌ଏ ଫୁଟବଲ: ହାତିସରା ଚାମ୍ପିୟନ

ଦେଓଗାଁ,୧୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଓଗାଁ ନେହେରୁ ଖେଳପଡିଆରେ ନବକିଶୋର ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୭ଦିନ ଧରି ଚାଲିଥିବା ଏନକେଏଫଏ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଖୁଜେନପାଲି ଓ ହାତିସରା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଖେଳ ଅମିମାଂଶିତ ରହିବାରୁ ଟାଇବ୍ରେକରର ସହଯୋଗ ନିଆଯାଇଥିଲା ।ଏଥିରେ ହାତିସରା ଦଳ ୨-୧ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଖେଳକୁ ବଳରାମ ବାଗ ,ସଞ୍ଜନ କୁଦେଇ ଓ ବିକ୍ରମ ବାଙ୍କ ପରିଚାଳନା କରିଥିଲେ । ଚିତ୍ତରଞ୍ଜନ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ କାଳିଆ ଅଗ୍ରୱାଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ହନକ ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର ଯୋଗଦେଇ ଚାମ୍ପିୟାନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ । ବେଷ୍ଟ ଖେଳାଳି ଭାବେ ଖୁଜେନପାଲିର ସୋନୁ ବଗର୍ତ୍ତିଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଡା. ଶଶୀ ଭୂଷଣ ସାହୁ, କାନ୍ତେଶ୍ୱର ପଧାନ, ରାମଜୀ ଚୌଧୁରୀ, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ଯୁବନେତା ବିଶ୍ୱଜିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।


ନେହେରୁ ଖେଳ ପଡିଆରେ ଚାଲିଥିବା ପୁଟବଲ ଟୁର୍ନାମେଣ୍ଟ ଫାଇନାଲ ଖେଳ ଅବସରରେ ଚାମ୍ପିୟାନ ଦଳକୁ ପୁରସ୍କୃତ କରାଯାଉଛି ।




# କିଙ୍ଗ୍ସ ଇଲେଭେନ୍ ଏଣିକି ପଞ୍ଜାବ କିଙ୍ଗ୍ସ

**ନୂଆଦିଲ୍ଲୀ, ୧୫।୨ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟିମ୍ କିଙ୍ଗ୍ସ ଇଲେଭେନ ପଞ୍ଜାବ ଟିମ୍‌ର ନାମ ପରିବର୍ତ୍ତନ କରାଯାଇଛି। ଆଗାମୀ ସିଜନରେ ଏହା ପଞ୍ଜାବ କିଙ୍ଗ୍ସ ଭାବେ ପରିଚିତ ହେବ। ନାମ ପରିବର୍ତ୍ତନ କରିବା ଦଳର ବହୁଦିନର ଯୋଜନା ଥିଲା। ଏହା ଆକସ୍ମିକ ନିଷ୍ପତ୍ତି ନୁହେଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ। ମୋହତ ବର୍ମନ, ନେସ୍ ୱାଡିଆ, ପ୍ରୀତି ଜିଣ୍ଟା ଓ କରଣ ପଲ୍ ପ୍ରମୁଖ ମିଳିତ ଭାବେ ଏହି ଫ୍ରାଞ୍ଚାଇଜ୍‌ର ମାଲିକ ରହିଛନ୍ତି। ୨୦୦୮ରୁ ଆଇବିଏଲ୍ ଆରମ୍ଭ ହେବାପରଠାରୁ ଏହିଦଳ ଥରେ ହେଲେ ଟାଇଟଲ ଜିତିବାରେ ସଫଳ ହୋଇପାରି ନାହିଁ। ଟୁର୍ନାମେଣ୍ଟର ୧୩ବର୍ଷର ଇତିହାସରେ ସେମାନେ ଥରେ ରନର୍ସ-ଅପ୍ ଏବଂ ଆଉଥରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପରବର୍ତ୍ତୀ ଆଇପିଏଲ୍ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ହେବ। ଖେଳାଳି ନିଲାମ ଗୁରୁବାର ଅନୁଷ୍ଠିତ ହେବ।

# ମୁମ୍ବାଇକୁ ହରାଇଲା ବେଙ୍ଗାଲୁରୁ

**ବାମ୍ବୋଲିମ୍ ୧୫।୨:** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ସୋମବାର ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୪-୨ ଗୋଲରେ ମୁମ୍ବାଇ ସିଟିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କ୍ଲିଟନ ସିଲ୍‌ଭା ୧ମ ଓ ୨୨ତମ ଏବଂ ସୁନୀଲ ଛେତ୍ରୀ ୫୭ତମ ଏବଂ ୯୦+୪ତମ ମିନିଟ୍‌ରେ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ମୁମ୍ବାଇ ସିଟି ତରଫରୁ ଆଡାମ ଲି' ଫୋଣ୍ଡ୍ରେ ୫୦ତମ ଓ ୭୨ତମ ମିନିଟ୍‌ରେ ବ୍ୟକ୍ତିଗତ ଦୁଇଟି ଗୋଲ ଦେଇଥିଲେ।




# ନାଡାଲ-ସିତିସ୍‌ପାସ୍, ରୁବ୍ଲେଭ-ମେଡ୍‌ଭେଡେଭ



ଷ୍ଟିଫାନୋସ୍ ସିତିସ୍‌ପାସ



ଆନ୍ଦ୍ରେ ରୁବ୍ଲେଭ

**ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲ**

ମେଲବୋର୍ନ,୧୫।୨

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଅଷ୍ଟମ ଦିବସରେ ପହଞ୍ଚିଥିବା ଏହି ଟୁର୍ନାମେଣ୍ଟରେ ସୋମବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ସ୍ପେନ ସୁପରଷ୍ଟାର ତଥା ଦ୍ୱିତୀୟ ସିଡ୍ ଖେଳାଳି ରାଫାଲ ନାଡ଼ାଲ, ଗ୍ରୀସ୍‌ର ପଞ୍ଚମ ସିଡ୍ ଖେଳାଳି ଷ୍ଟିଫାନୋସ୍ ସିତିସ୍‌ପାସ, ରୁଷିଆର ଚତୁର୍ଥ ସିଡ୍ ଖେଳାଳି ଡାନିଲି ମେଡ୍‌ଭେଡେଭ ଓ ସପ୍ତମ ସିଡ୍ ରୁଷିଆର ଅନ୍ୟତମ ଖେଳାଳି ଆନ୍ଦ୍ରେ ରୁବ୍ଲେଭ କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି।

୨୦୦୯ ଚାମ୍ପିୟନ ନାଡ଼ାଲ ୬-୩, ୬-୪, ୬-୨ ସେଟ୍‌ରେ ୧୬ତମ ସିଡ୍ ଇଟାଲୀର ଫାବିଓ ଫୋଗନିନିଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବୁଧବାର କ୍ୱାର୍ଟରରେ ସେ ସିତିସ୍‌ପାସ୍‌ଙ୍କୁ ଭେଟିବେ। ଏହି ବିଜୟ ସହ ନାଡ଼ାଲ ୪୩ତମ ଗ୍ରାଣ୍ଡସ୍ଲାମ ଓ ୧୩ତମ ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନାଡାଲ କ୍ୟାରିୟରରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ୩୪ ବର୍ଷୀୟ ନାଡାଲ ଏଥିସହ ଓପନ ଏରାରେ ପ୍ରଥମ ଖେଳାଳି ଭାବେ ୪ଟି ଯାକ ଗ୍ରାଣ୍ଡସ୍ଲାମ ୨ କିମ୍ବା ଊର୍ଦ୍ଧ୍ୱଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏଥର ସେ ସଫଳ ହେଲେ ସ୍ୱିଜରଲାଣ୍ଡର ଅଭିଜ୍ଞ ଖେଳାଳି ରୋଜର ଫେଡ୍‌ରରଙ୍କୁ ପଛରେ ପକାଇ ସର୍ବାଧିକ ୨୧ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରେକର୍ଡ ସୃଷ୍ଟି କରିବେ। ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ନବମ ସିଡ୍ ଇଟାଲୀର ମାଟେଓ ବେରେଟିନି ତଳିପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଓହରିଯାଇଥିଲେ। ଫଳରେ ସିତିସ୍‌ପାସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ।

ପୁରୁଷ ସିଙ୍ଗଲ୍ସର ଅନ୍ୟଏକ କ୍ୱାର୍ଟର ଫାଇନାଲରେ ରୁଷିଆର ଦୁଇ ଖେଳାଳି ରୁବ୍ଲେଭ ଓ ମେଡ୍‌ଭେଡେଭ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଚତୁର୍ଥ ରାଉଣ୍ଡ ମ୍ୟାଚ୍ ୬-୨, ୭-୬ ସ୍ତରରେ ରହିଥିବା ବେଳେ ୨୪ତମ ସିଡ୍ ଖେଳାଳି ନରୱେର କାସ୍‌ପେର ରୁଡ ରିଟାୟାର୍ଡ ହୋଇଥିଲେ। ଫଳରେ ରୁବ୍ଲେଭ କ୍ୱାର୍ଟରକୁ ଉଠିଥିଲେ। ସେହିପରି ଅନ୍ୟ ଏକ ମୁକାବିଲାରେ ମେଡ୍‌ଭେଡେଭ ୬-୪, ୬-୨, ୬-୩ ସେଟ୍‌ରେ ଆମେରିକାର ଅଣସିଡ୍ ଖେଳାଳି ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ କ୍ୱାର୍ଟର ଫାଇନାଲରେ ୩ ଜଣ ରୁଷୀୟ ଖେଳାଳି ରୁବ୍ଲେଭ, ମେଡ୍‌ଭେଡେଭ ଓ ଅସଲାନ କରାସେଭ କ୍ୱାର୍ଟରକୁ ଉଠି ଇତିହାସ ସୃଷ୍ଟି କରିଛନ୍ତି।

## ମହିଳା ସିଙ୍ଗଲ୍ସରେ ବାର୍ଟି, ମୁଚୋଭା, ବ୍ରାଡି, ପେଗୁଲା

ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସରେ ଟପ୍‌ସିଡ୍ ଖେଳାଳି ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ସେ ୨୫ତମ ସିଡ୍ ଖେଳାଳି ଚେକ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ଭେଟିବେ। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆମେରିକାର ଦୁଇ ଖେଳାଳି ୨୨ତମ ସିଡ୍ ଜେନିଫର ବ୍ରାଡି ଓ ଜେସିକା ପେଗୁଲା ମୁହାଁମୁହିଁ ହେବେ।

ବିଶ୍ୱର ଏକ ନମ୍ବର ମହିଳା ଖେଳାଳି ବାର୍ଟି ଚତୁର୍ଥ ରାଉଣ୍ଡ ମୁକାବିଲାରେ ଆମେରିକାର ସେଲ୍‌ବି ରୋଜର୍ସଙ୍କୁ ୬-୩, ୬-୪ ସେଟ୍‌ରେ ଅତି ସହଜରେ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ମୁଚୋଭା ୭-୬, ୭-୫ ସେଟ୍‌ରେ ୧୮ତମ ସିଡ୍ ବେଲ୍‌ଜିୟମର ଏଲିସ୍ ମେର୍ଟେନ୍ସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବିଜୟୀ ହେବା ପାଇଁ ମୁଚୋଭା ଏକ ଘଣ୍ଟା ୫୬ ମିନିଟ୍ ସମୟ ଆବଶ୍ୟକ କରିଥିଲେ। ଏଥିସହ ମୁଚୋଭା ଦ୍ୱିତୀୟଥର ପାଇଁ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଜେନିଫର ବ୍ରାଡି ୬-୧, ୭-୫ ସେଟ୍‌ରେ ୨୮ତମ ସିଡ୍ କ୍ରୋଏସିଆର ଡୋନା ଭେକିକ୍‌ଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅନ୍ୟପଟେ ଅଣସିଡ୍ ପେଗୁଲା ୬-୪, ୩-୬, ୬-୩ ସେଟ୍‌ରେ ପଞ୍ଚମ ସିଡ୍ ଖେଳାଳି ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।




# ସର୍ବଭାରତୀୟ ଭଲିବଲ: ହରିୟାଣା ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ହରିୟାଣା ଦଳ।

**ରସୁଲପୁର,୧୫।୨(ଡି.ଏନ.ଏ.):** ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନସ୍ଥ ଇସ୍‌ଲାମ ନଗରଠାରେ ରୁହାନୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୭ମ ବାର୍ଷିକୀ ସର୍ବଭାରତୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ରାଉରକେଲା ରାଇଜିଂ ଷ୍ଟାରକୁ ୨-୧ ସେଟ୍‌ରେ ହରାଇ ହରିୟାଣା ସ୍ପିକର ଟିମ୍ ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଖେଳର ମଧ୍ୟାନ୍ତରରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇଥିଲେ।

ପୁରସ୍କାର ପ୍ରଦାନ ଉତ୍ସବରେ କ୍ଲବର ସଭାପତି ସେକ୍ କମରୁଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବରୀର ବିଜେଡି ନେତା ଦେବେନ୍ଦ୍ର ଦାସ, ଯାଜପୁର ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ସ୍ଥାନୀୟ ସରପଞ୍ଚ ବିଜୟ ଦାସ, ଅମିୟ ପରିଡା, ରବି ନାରାୟଣ ଜେନା, ଜୁଲଫିକର ଅଲ୍ଲୀ, ଅବଦୁଲ ହମିଦ୍ ଖାଁ, ସେକ୍ ଜାହେରୁଲ, ଅବଦୁଲ ଦୟାନ ଖାଁ, ସେକ୍ ମକବୁଲ୍, ଅବଦୁଲ ସାଜିଦ ଖାଁ, ରସିଦ୍ ଖାଁ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ଦେଓ, ଆଲାଉଦ୍ଦିନ ଖାଁ, ହେମନ୍ତ ସାହୁ, ସେକ୍ ଆବୁସାଏମା, ରସିଦ ଖାଁ, ସହିଦ ଖାନ୍, ଅମଜାନ ଖାନ, ସେକ୍ ମକବୁଲ, ମୌଲାନା ଇବ୍ରାହିମ୍, ରାକେଶ ଦେଓ, ଶରତ ପାଣ୍ଡେ, ସେକ୍ ୟାକୁବ, ସେକ୍ ନଜବୁଲ, ନମାଜି ଭାଇ, ଅମୂଲ୍ୟ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ହରିୟାଣା ଦଳର ଅଙ୍କିତ ଚୌଧୁରୀଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିବା ବେଳେ ଅଶ୍ୱିନ ଚୌଧୁରୀଙ୍କୁ ବେଷ୍ଟ ଆଟାକ୍ ପ୍ଲେୟାର, ଇସଲାମିଆ ଓଡ଼ିଶା ଦଳର ଖେଳାଳି ପପୁ ବେଷ୍ଟ ଲିବ୍ରୋ ଭାବେ ପୁରସ୍କୃତ ହୋଇଥିଲେ। ଜାତୀୟସ୍ତରର ରେଫରି ନିରଞ୍ଜନ ନାୟକ, କଳାକାର ମହାପାତ୍ର ଖେଳ ପରିଚାଳନା କରିଥିଲେ।

# ନାଗେଶ ଟ୍ରଫି ଫାଇନାଲରେ ଓଡ଼ିଶା

**ଜାତୀୟ ଦୃଷ୍ଟିହୀନ କ୍ରିକେଟ**

ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁଠାରେ ଚାଲିଥିବା ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟି୨୦ ଟୁର୍ନାମେଣ୍ଟର ଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ସୋମବାର ସେମିଫାଇନାଲରେ ଓଡ଼ିଶା ୪୨ ରନରେ କର୍ଣ୍ଣାଟକକୁ ପରାସ୍ତ କରିଛି। ମଙ୍ଗଳବାର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୩ ଉଇକେଟ ହରାଇ ୨୨୪ ରନ କରିଥିଲା। ଦଳ ପକ୍ଷରୁ ପଙ୍କଜ ଭୁଏ ସର୍ବାଧିକ ୮୮, ସୁଖରାମ ମାଝି ୮୭* ରନ କରିଥିଲେ। ବିପକ୍ଷ ଦଳର ଲୋକେଶ, ଉମେଶ ଓ ଅଧିନାୟକ ସୁନୀଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ୨୦ ଓଭରରେ ୩ ଉଇକେଟ ହରାଇ ୧୮୨ ରନ କରିବାକୁ ସକ୍ଷମ ହୋଇଥିଲା। ପ୍ରକାଶ ୧୦୫ରନ କରିଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ। ଓଡିଶା ପକ୍ଷରୁ ପଙ୍କଜ ଭୁଏ ଓ ତପନ ଗୌଡ଼ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ପଙ୍କଜ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ